# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଏପ୍ରିଲ ୧୫/୨୦୧୯ (୧୬ ପୃଷ୍ଠା) | Berhampur, Monday, April 15/2019 | ★★★

୧୫ ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



ବିଜେପି

ଫିର୍ ଏକ୍ ବାର୍
ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର



# ମହାସଂକଳ୍ପ

ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ସହ
କୁପୋଷଣ ବିରୁଦ୍ଧରେ ମହାସଂଗ୍ରାମ

ରାଜ୍ୟରେ ବିଜେପି ସରକାର ହେଲେ
୩ କୋଟି ୨୬ ଲକ୍ଷ ଓଡ଼ିଶାବାସୀଙ୍କୁ ମାସିକ ମୁଣ୍ଡପିଛା
୫ କିଲୋ ଚାଉଳ + ଅଧାକିଲୋ ଡାଲି + ଅଧାକିଲୋ ଲୁଣ

ମାତ୍ର ୧ ଟଙ୍କାରେ





ନୂଆ ଆଶା, ପୂରା ଭରସା
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar



ଜାଲିଆନୱାଲାବାଗ୍ ଗଣହତ୍ୟା ଭଳି ଦୁଃଖଦ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳୁଷିତ ରାଜନୀତି କରୁଛନ୍ତି।

-ଅମରିନ୍ଦର ସିଂ,
ପଞ୍ଜାବ ମୁଖ୍ୟମନ୍ତ୍ରୀ





ଜମ୍ମୁ-କଶ୍ମୀରର କଠୁଆଠାରେ ରବିବାର ଏକ ନିର୍ବାଚନୀ ସଭାରେ ସମର୍ଥକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଖା ଧରିଛନ୍ତି।



ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ୧୨୮ତମ ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ରବିବାର ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶିଳା ଦୀକ୍ଷିତ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



ଗୁଆହାଟୀରେ ରଙ୍ଗୋଲି ବିହୁ ପର୍ବ ପାଳନ ଅବସରରେ ରବିବାର ନୃତ୍ୟାଙ୍ଗନାମାନେ ବିହୁ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ: ୧୨ ମୃତ

**କାନୋ(ନାଇଜେରିଆ),୧୪।୪(ଏଏଫ୍‌ପି):** ନାଇଜେରିଆର ଉତ୍ତର ଭାଗସ୍ଥ ଗୋମ୍ବେ ନଗରୀରେ ଏକ ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ ହେବାଯୋଗୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଆହତ ହୋଇଛନ୍ତି। ସମ୍ମୁଖ ଭାଗରୁ ଆସୁଥିବା ଆଉ ଏକ ଟ୍ରକ୍‌ରେ ବାଡେଇ ହୋଇଯିବା ଆଶଙ୍କା କରି ଉକ୍ତ ଫୁଏଲ୍ ଟ୍ୟାଙ୍କର ଡ୍ରାଇଭର ନିଜ ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯିବାରୁ ଟ୍ୟାଙ୍କ୍ ଫାଟି ଏଥିରେ ନିଆଁ ଲାଗି ଯାଇଥିଲା। ନିଆଁ ଚତୁଃପାର୍ଶ୍ୱକୁ ବ୍ୟାପିଯିବାରୁ ୧୨ ଲୋକଙ୍କ ମୃତ୍ୟୁ ଘଟିଛି। ୧୬ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଗୋମ୍ବେ ଷ୍ଟେଟ୍ ପୋଲିସ ମୁଖପାତ୍ର ମ୍ୟାରି ମାଲୁମ୍ ପ୍ରକାଶ କରିଛନ୍ତି।

### ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ନିଷ୍କ୍ରିୟ କରାଗଲା

**ବର୍ଲିନ,୧୪।୪:** ଜର୍ମାନୀରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳର ଏକ ବୋମା ଠାବ କରାଯିବା ପରେ ଏହାକୁ ନିଷ୍କ୍ରିୟ କରିବା ପାଇଁ ଫ୍ରାଙ୍କଫର୍ଟ ସହରରୁ ପାଖାପାଖି ୬୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଯୋଜନା ମୁତାବକ ଉକ୍ତ ବୋମାକୁ ରବିବାର ନଦୀରେ ନିଷ୍କ୍ରିୟ କରାଯିବାବେଳେ ପ୍ରଚଣ୍ଡ ଶବ୍ଦ ହେବା ସହିତ କିଛି ମୁହୂର୍ତ୍ତ ପାଇଁ ଏକ କୃତ୍ରିମ ଝରଣା ସୃଷ୍ଟି ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନଦୀରେ ତାଲିମ ନେଉଥିବାବେଳେ ୨୫୦ କିଲୋଗ୍ରାମ ବିଶିଷ୍ଟ ଉକ୍ତ ଆମେରିକୀୟ ବୋମାକୁ ଠାବ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତିର ୭୦ ବର୍ଷ ବିତିଯାଇଥିଲେ ମଧ ଜର୍ମାନୀରୁ ନିୟମିତ ବୋମା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଠାବ ଯୁଦ୍ଧର ଭୟାବହତାକୁ ସ୍ପଷ୍ଟ କରୁଛି।

## ୫୦% ଭିଭିପିଏଟି ଯାଞ୍ଚ ଦାବି

# ପୁଣି ସୁପ୍ରିମକୋର୍ଟ ଯିବେ ବିରୋଧୀ

ନୂଆଦିଲ୍ଲୀ,୧୪।୪(ପି.ଟି.)

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ବିରୋଧୀ ଦଳ ସନ୍ଦେହ ବ୍ୟକ୍ତ କରିବା ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ କଂଗ୍ରେସ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ(ଏମ୍) ସମେତ ବିରୋଧୀ ଦଳଗୁଡିକ ଏକ ମିଳିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ନାଗରିକଙ୍କ ଭୋଟ ଅଧିକାରର ସୁରକ୍ଷା ନିମନ୍ତେ ସେମାନେ ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ଜିତିବା ଲାଗି ଭାଜପା ଇଭିଏମ୍‌ର ପ୍ରୋଗ୍ରାମିଂ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ୍ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଫଳାଫଳ ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ୨୧ଟି ବିରୋଧୀ ଦଳ ଦାବି କରୁଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି। ଶନିବାର ଚନ୍ଦ୍ରବାବୁ ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଆରୋରାଙ୍କୁ ଭେଟି ବିଭିନ୍ନ ବୁଥ୍‌ରେ ଇଭିଏମ୍ ଅଚଳ ଥିବା ପ୍ରସଙ୍ଗ ଉଠାଇଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ପୁଣି ଥରେ ବିରୋଧୀ ଭିଭିପିଏଟି ଯାଞ୍ଚ ଦାବି କରିଛନ୍ତି। ପୂର୍ବରୁ ଏଥିପାଇଁ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ଭବ ନୁହେଁ ବୋଲି ନିର୍ବାଚନ କମିଶନ (ଇସି) କହିବା ପରେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ରେ ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ମେଳ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।




ନୂଆଦିଲ୍ଲୀରେ ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ନେତା ଚନ୍ଦ୍ରବାବୁ ନାଇଡୁ, କପିଳ ସିବଲ, ଅରବିନ୍ଦ କେଜରିୱାଲ ପ୍ରମୁଖ।

ରବିବାର ଅନୁଷ୍ଠିତ ବିରୋଧୀ ଦଳ ବୈଠକରେ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ୍ ସିଙ୍ଘଭି ଯୋଗଦେଇ ୫୦% ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ଅଦାଲତ ଯିବା ଲାଗି ପ୍ରସ୍ତାବ ଦେଇଥିଲେ। ଇଭିଏମ୍‌ରେ ପକ୍ଷପାତିତା ନେଇ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଇବା ଲାଗି ସିଙ୍ଘଭି କହିଥିଲେ। ଇଭିଏମ୍‌ରେ ଗୋଟିଏ ଦଳ ପାଇଁ ବଟନ ଦାବିରେ ଅନ୍ୟ ଦଳକୁ ଭୋଟ ଯାଉଛି। ଭିଭିପିଏଟିରେ ୭ ସେକେଣ୍ଡ ବଦଳରେ ମାତ୍ର ୩ ସେକେଣ୍ଡ ପାଇଁ ପେପର ସ୍ଲିପ୍ ଦେଖାଉଥିବା ସିଙ୍ଘଭି ଅଭିଯୋଗ କରିଥିଲେ। ୨୦ରୁ ୨୫ ପ୍ରତିଶତ ଇଭିଏମ୍ ଠିକ୍ ଭାବେ କାମ କରୁ ନ ଥିବାବେଳେ ୫୦% ଭିଭିପିଏଟି ଯାଞ୍ଚ ପାଇଁ ଇସି ରାଜି ନ ହେବା ପଛର ଉଦ୍ଦେଶ୍ୟ ନେଇ ସିବଲ ପ୍ରଶ୍ନ ଉଠାଇଥିଲେ। ଇଭିଏମ୍ ବିଶ୍ୱସନୀୟ ନୁହେଁ। ଭିଭିପିଏଟି ଯାଞ୍ଚ ୫ ବୁଥ୍‌କୁ ବୃଦ୍ଧି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିରୋଧୀ ଦଳ ସନ୍ତୁଷ୍ଟ ନୁହନ୍ତି। ଏନେଇ ସାନି ପିଟିଶନ୍ ଦାଏର ହେବ ବୋଲି ଚନ୍ଦ୍ରବାବୁ କହିଥିଲେ।

- ଇଭିଏମ୍‌ର ପ୍ରୋଗ୍ରାମିଂ କରିଛି ଭାଜପା: କେଜରିୱାଲ
- ଗୋଟିଏ ଦଳର ବଟନ ଟିପିଲେ ଅନ୍ୟ ଦଳକୁ ଯାଉଛି ଭୋଟ
- ଇଭିଏମ୍ ବିଶ୍ୱସନୀୟ ନୁହେଁ : ଚନ୍ଦ୍ରବାବୁ ନାଇଡୁ

## କ୍ୟାବିନେଟ ଓ ରାଜ୍ୟ ସଭାରୁ ବୀରେନ୍ଦ୍ର ସିଂଙ୍କ ଇସ୍ତଫା ପ୍ରସ୍ତାବ

ନୂଆଦିଲ୍ଲୀ,୧୪।୪(ପି.ଟି.)



କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ମନ୍ତ୍ରିମଣ୍ଡଳ ଏବଂ ରାଜ୍ୟ ସଭାରୁ ଇସ୍ତଫା ଦେବା ଲାଗି ରବିବାର ପ୍ରସ୍ତାବ ଦେଇଛନ୍ତି। ପୁଅ ବ୍ରିଜେନ୍ଦ୍ର ସିଂଙ୍କୁ ଭାଜପା ହରିୟାଣାର ହିସାରରୁ ପ୍ରାର୍ଥୀ କରିବା ପରେ ବୀରେନ୍ଦ୍ର ନିଜର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀ ଡାକି ଏହା ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଜଣାଇ ଦେଇଛନ୍ତି। ପୁଅକୁ ଲୋକ ସଭା ଟିକେଟ ମିଳିଥିବାରୁ ବଂଶବାଦ ରାଜନୀତି ବିରୋଧରେ ସମାଜକୁ ଏକ ବାର୍ତ୍ତା ଦେବା ଲାଗି ସେ ଇସ୍ତଫା ଦେବାକୁ ଚାହାନ୍ତି ବୋଲି ହରିୟାଣାର ଏହି ବରିଷ୍ଠ ଭାଜପା ନେତା କହିଛନ୍ତି। ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ପ୍ରଥମେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ପାନୀୟଜଳ ଓ ପରିମଳ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବୀରେନ୍ଦ୍ରଙ୍କୁ ୨୦୧୬ରେ ଇସ୍ପାତ ମନ୍ତ୍ରଣାଳୟକୁ ସ୍ଥାନାନ୍ତର କରାଯାଇଥିଲା। କଂଗ୍ରେସ ସହ ୪ ଦଶନ୍ଧିର ସମ୍ପର୍କ ତୁଟାଇ ବୀରେନ୍ଦ୍ର ୨୦୧୪ରେ ଭାଜପାରେ ଯୋଗ ଦେଇଥିଲେ।

## ସମ୍ବିଧାନ ଧ୍ୱଂସ ଉଦ୍ୟମ ହେଉଛି: ପ୍ରିୟଙ୍କା

ସିଲ୍‌ଚର(ଆସାମ),୧୪।୪(ପି.ଟି.)

ଦେଶର ସମ୍ବିଧାନକୁ ଧ୍ୱଂସ କରିଦେବାକୁ ଭାଜପା ଉଦ୍ୟମ ଚଳାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ପ୍ରଥମ ଥର ପାଇଁ ଉତ୍ତରପ୍ରଦେଶ ବାହାରେ ଏକ ରୋଡ ଶୋ'ରେ ଯୋଗଦେଇ ପ୍ରିୟଙ୍କା ଭାଜପା ଉପରେ ବର୍ଷିଛନ୍ତି। ଆସାମର ସିଲଚରରେ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ଏମ୍‌ପି ସୁସ୍ମିତା ଦେବଙ୍କ ସମର୍ଥନରେ ଏକ ରୋଡ ଶୋରେ ଯୋଗଦେଇ ପ୍ରିୟଙ୍କା କହିଥିଲେ, ପ୍ରଧାନମନ୍ତ୍ରୀ ବିଶ୍ୱ ଭ୍ରମଣ କରୁଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ବାରାଣସୀରେ କ୍ୱଚିତ ସମୟ ଦେଇଥାନ୍ତି। ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କଂଗ୍ରେସ ନେତ୍ରୀ କହିଥିଲେ, ସମ୍ବିଧାନକୁ ସମ୍ମାନ ଦେବା ପ୍ରତ୍ୟେକ ନେତାଙ୍କ କର୍ତ୍ତବ୍ୟ, ଯାହା ଏବେ କରାଯାଉ ନାହିଁ। ଭାଜପାର ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରି ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କହିଥିଲେ, ଏଥିରେ ଭିନ୍ନ ସଂସ୍କୃତି ଓ ଧର୍ମକୁ ସ୍ଥାନ ଦିଆଯାଇ ନଥିବାବେଳେ ସମ୍ବିଧାନକୁ ସମ୍ମାନ ଦିଆଯାଇ ନାହିଁ। ଦଳୀୟ ପ୍ରାର୍ଥୀ ସୁସ୍ମିତାଙ୍କୁ ଉଚ୍ଚ ପ୍ରଶଂସା କରି ପ୍ରିୟଙ୍କା ତାଙ୍କୁ ନିଜ ଜେଜେମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରିଥିଲେ। ସୁସ୍ମିତାଙ୍କଠାରେ ସେଭଳି ସାହସ, ସଚ୍ଚୋଟତା ଓ ଲୋକମାନଙ୍କ ପାଇଁ କାମ କରିବାର ଆଗ୍ରହ ରହିଛି ବୋଲି ପ୍ରିୟଙ୍କା କହିଥିଲେ।



ଆସାମର ସିଲଚରରେ ପ୍ରିୟଙ୍କା ଗାନ୍ଧୀଙ୍କ ରୋଡ଼ ଶୋ।

## ଶ୍ରୀନଗର ଭୋଟ ଗଣତନ୍ତ୍ରର ପରୀକ୍ଷା

ଶ୍ରୀନଗର,୧୪।୪(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ମତଦାନ ହେବାକୁ ଯାଉଛି, ଯାହା ଗଣତନ୍ତ୍ର ଆହ୍ୱାନର ଅସଲ ପରୀକ୍ଷା ହେବ ବୋଲି କୁହାଯାଉଛି। ପିଡିପି ନେତା ତାରିକ୍ ହମିଦ କାରାଙ୍କ ଇସ୍ତଫା କାରଣରୁ ଦୁଇ ବର୍ଷ ପୂର୍ବେ ସେଠାରେ ଉପନିର୍ବାଚନ ହୋଇଥିଲା। ତେବେ ହିଂସାକାଣ୍ଡ ଯୋଗୁ ମାତ୍ର ୭.୨ ପ୍ରତିଶତ ମତଦାନ ହୋଇଥିଲା। ବିଭିନ୍ନ ସ୍ଥାନରେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନ ଯୋଗୁ ୯ ଜଣ ବିକ୍ଷୋଭକାରୀ ନିହତ ହୋଇଥିଲେ। ନିର୍ବାଚନ ଡ୍ୟୁଟିରେ ଥିବା ଯବାନମାନଙ୍କୁ ପଥର ଫିଙ୍ଗାଳିଙ୍କ ଆକ୍ରମଣରୁ ରକ୍ଷା କରିବା ଲାଗି ସେନା ଅଫିସର ଜଣେ ଶାଲ୍ ବୁଣାକାରଙ୍କୁ ମାନବ ଢାଲ ଭାବେ ବ୍ୟବହାର କରିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା।

ଏଥର କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୨,୯୦,୩୧୮ ଭୋଟର। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲା, ପିଡିପି ପ୍ରାର୍ଥୀ ଆଗା ସୟେଦ୍ ମୋହସିନ।

## ଦେଶକୁ ବିଭାଜନ ହେବାକୁ ଦିଆଯିବନି

କଠୁଆ,୧୪।୪(ପି.ଟି.)

**କଠୁଆରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର କଠୁଆରେ ରବିବାର ଏକ ନିର୍ବାଚନୀ ସଭାରେ ଯୋଗଦେଇ ଅବଦୁଲ୍ଲା ଏବଂ ମୁଫତି ପରିବାରକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦୁଇ ପରିବାର ରାଜ୍ୟକୁ ତିନି ପିଢ଼ି ଧରି କବ୍‌ଜା କରି ରଖିଛି। ଭାରତକୁ ବିଭାଜନ ହେବାକୁ ଦିଆଯିବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଜମ୍ମୁ-କଶ୍ମୀରବାସୀଙ୍କୁ ବନ୍ଧକ କିମ୍ବା ଗୋତି ଶ୍ରମିକ କରି ରଖାଯାଇପାରିବ ନାହିଁ ସତର୍କ କରିଦେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲା ଜମ୍ମୁ-କଶ୍ମୀର ପାଇଁ ଅଲଗା ପ୍ରଧାନମନ୍ତ୍ରୀ ଦାବି କରୁଥିବାବେଳେ ଧାରା ୩୭୦ ଉଚ୍ଛେଦ ହେଲେ ଭାରତରୁ ଉକ୍ତ ରାଜ୍ୟ ଅଲଗା ହୋଇଯାଇପାରେ ବୋଲି ପିଡିପି ନେତ୍ରୀ ମେହବୁବା ମୁଫ୍‌ତି କହିଥିବାରୁ ସେମାନଙ୍କୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ରାଜ୍ୟର ଉନ୍ନତ ଭବିଷ୍ୟତ ପାଇଁ ଭୋଟ ମାଧ୍ୟମରେ ଅବଦୁଲ୍ଲା ଓ ମୁଫ୍‌ତି ପରିବାରକୁ କ୍ଷମତାଠାରୁ ଦୂରେଇ ରଖିବାପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଧାମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ପାଇଁ ପ୍ରଚାରରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜମ୍ମୁ-କଶ୍ମୀର ଜନସାଧାରଣ ବହୁସଂଖ୍ୟାରେ ମତଦାନ କରି ଆତଙ୍କବାଦୀ ନେତା, ସୁବିଧାବାଦୀଙ୍କୁ ଅଡୁଆରେ ପକାଇଥିବାବେଳେ ମହାଅପମିଶ୍ରିତ ମେଣ୍ଟକୁ ନିରୁତ୍ସାହିତ କରିବା ସହ ଗଣତନ୍ତ୍ରର ଶକ୍ତିକୁ ପ୍ରମାଣିତ କରିଛନ୍ତି।

## ଇତିହାସର ଆଇନାରେ

### ଏପ୍ରିଲ ୧୫ର ପ୍ରମୁଖ ଘଟଣା


#### ଇନ୍‌ସୁଲିନ୍ ଉପଲବ୍ଧ ହେଲା

୧୯୨୩ ଏପ୍ରିଲ ୧୫ରେ ଡାଇବେଟିସ ରୋଗୀଙ୍କ ନିମନ୍ତେ ଇନ୍‌ସୁଲିନ୍ ଉପଲବ୍ଧତା ସହଜ ହେଲା। ଲାଟିନ୍ ନାମ ଇନ୍‌ସୁଲା ଅନୁସାରେ ଇନ୍‌ସୁଲିନ୍ ନାମକରଣ ହୋଇଛି। ଉକ୍ତ ପେପଟାଇଡ୍ ହରମୋନ୍ ପାନକ୍ରିୟାଟିକ୍ କୋଷିକାରୁ ଝରିଥାଏ। ଏହାକୁ ଶରୀରର ମୁଖ୍ୟ ଆନାବୋଲିକ ହରମୋନ୍ ଭାବେ ବିବେଚନା କରାଯାଏ। ଏହା ଶରୀରର ଶ୍ୱେତସାର, ସ୍ନେହସାର ଏବଂ ପୁଷ୍ଟିସାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ।

#### ବାଗଦାଦ୍‌ରେ ବିସ୍ଫୋରଣ

୨୦୧୩ ଏପ୍ରିଲ ୧୫ରେ ବାଗଦାଦ୍‌ରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୭୫ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୩୫୬ ଜଣ ଆହତ ହୋଇଥିଲେ। ଏପ୍ରିଲ ୨୦ରେ ପ୍ରାଦେଶିକ ନିର୍ବାଚନ ହେବାକୁ ଥିବାବେଳେ ଏହାର ୫ ଦିନ ପୂର୍ବରୁ ବିସ୍ଫୋରଣ ହୋଇଥିଲା।

## ସର୍ବବୃହତ୍ ବିମାନର ପରୀକ୍ଷାମୂଳକ ଉଡାଣ



ୱାଶିଂଟନ୍,୧୪।୪(ଏଏଫ୍‌ପି)

କାଲିଫର୍ନିଆରେ ବିଶ୍ୱର ସର୍ବବୃହତ୍ ବିମାନର ପ୍ରଥମ ପରୀକ୍ଷାମୂଳକ ଉଡାଣ ସଫଳତାର ସହ ସମ୍ପନ୍ନ ହୋଇଛି। ଦୁଇ ଫ୍ୟୁଜଲେଜ୍‌ସ ବିଶିଷ୍ଟ ଏହି ବିମାନରେ ୬ଟି ବୋଇଂ ୭୪୭ ଇଞ୍ଜିନ ସଂଲଗ୍ନ ହୋଇଛି। ଏହି ବିମାନ ଶନିବାର ମୋଜାଭେ ମରୁଭୂମି ଉପରେ ଉଡାଣ କରିଥିଲା। ଉକ୍ତ ବିମାନର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯେ, ଏହା ମହାକାଶରେ ରକେଟ ବହନ କରିବା ସହିତ ଉତ୍‌କ୍ଷେପଣ କରିପାରିବ। ଯଦ୍ୱାରା ଆକାଶରୁ ଆକାଶକୁ ଉପଗ୍ରହ ଲଞ୍ଚ୍ କରିବା ସମ୍ଭବ ହୋଇପାରିବ। ଉକ୍ତ ବିମାନର ଡେଣା ଏକ ଫୁଟବଲ୍ ପଡିଆର ଲମ୍ବଠାରୁ ଅଧିକ ଅଥବା ଏୟାରବସ୍ ଏ୩୮୦ର ୧.୫ଗୁଣ ସହିତ ସମାନ। ସାଧାରଣତଃ ଏୟାରବସ୍ ଏ୩୮୦ ଡେଣାର ଲମ୍ବ ପାଖାପାଖି ୮୦ମିଟର ହୋଇଥିବା ବେଳେ ଉକ୍ତ ବିମାନର ଡେଣାର ଦୈର୍ଘ୍ୟ ୧୧୭ ମିଟର। ବିମାନଟି ପାଖାପାଖି ଅଢ଼େଇ ଘଣ୍ଟା ଉଡାଣ କରିଥିଲା । ଏହାର ଗତି ପ୍ରତି ଘଣ୍ଟାରେ ୩୦୪ କିଲୋମିଟର। ଏହା ୧୭,୦୦୦ ଫୁଟ ଉଚ୍ଚତାରେ ଉଡିପାରିଥିଲା। ବିମାନ ନିର୍ମାଣ ପାଇଁ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ପଲ୍ ଆଲେନ୍ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ନେପାଳରେ ବିମାନ ଦୁର୍ଘଟଣା: ୩ ମୃତ

କାଠମାଣ୍ଡୁ,୧୪।୪(ପି.ଟି.)

ନେପାଳ ଇଭରେଷ୍ଟ ଅଞ୍ଚଳରେ ରବିବାର ଏକ କ୍ଷୁଦ୍ର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ ଏବଂ ଦୁଇଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଲୁକ୍‌ଲା ବିମାନ ବନ୍ଦରରେ ବିମାନଟି ରନୱେରୁ ବାହାରିଯାଇ ସେଠାରେ ଛିଡାହୋଇଥିବା ଦୁଇଟି ହେଲିକପ୍ଟରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିମାନର କୋ-ପାଇଲଟ ଏସ. ଧଙ୍ଗାନା ଏବଂ ହେଲିପ୍ୟାଡରେ ଥିବା ପୋଲିସ ଏଏସ୍‌ଆଇ ରାମବାହାଦୁର ଖଡକାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ଏଏସ୍‌ଆଇ ରୁଦ୍ରବାହାଦୁର ଶ୍ରେଷ୍ଠଙ୍କୁ କାଠମାଣ୍ଡୁସ୍ଥିତ ଗ୍ରାଣ୍ଡ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ହେମାଙ୍କ ପାଇଁ ପ୍ରଚାର କରୁଛନ୍ତି ଧର୍ମେନ୍ଦ୍ର

**ମଥୁରା:** ବଲିଉଡ୍ ଅଭିନେତ୍ରୀ ତଥା ଭାଜପାରୁ ମଥୁରା ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହେମାମାଳିନୀଙ୍କ ଲାଗି ନିର୍ବାଚନୀ ପ୍ରଚାର କରୁଛନ୍ତି ତାଙ୍କ ସ୍ୱାମୀ ତଥା ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର। ରବିବାର ହେମାମାଳିନୀଙ୍କ ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ଭୋଟ ପ୍ରଚାର ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏ ସମ୍ପର୍କରେ ହେମାମାଳିନୀ ଖୁବ୍ ଖୁସି ଥିବା ପ୍ରକାଶ କରିଛନ୍ତି। ତାଙ୍କ ପାଇଁ ଧର୍ମେନ୍ଦ୍ର ଦିନତମାମ ପ୍ରଚାର କରିଥିଲେ। ସେ ଯେଉଁଠାକୁ ଯାଉଥିଲେ, ଲୋକମାନେ ତାଙ୍କୁ ଆଗ୍ରହର ସହିତ ଅପେକ୍ଷା କରି ରହୁଥିଲେ। ଉକ୍ତ ଦମ୍ପତିଙ୍କ ସହାସ୍ୟ ବଦନର ଫଟୋକୁ ହେମା ଟୁଇଟ୍ କରିଛନ୍ତି। ତେବେ ଏହି ଫଟୋ ପ୍ରଚାରକୁ ଆସିବାର ଠିକ୍ ପୂର୍ବରୁ ଘରେ ଉଠାଯାଇଥିବା ହେମା କହିଛନ୍ତି।

ଉକ୍ତ ଅଭିନେତ୍ରୀଙ୍କ ନିର୍ବାଚନୀ ପ୍ରଚାର ଫଟୋ ଜନସାଧାରଣରେ କୌତୂହଳ ସୃଷ୍ଟି କରିବା ସହିତ ପ୍ରଚୁର ଜନସମର୍ଥନ ହାସଲ କରୁଥିବା ସୋସିଆଲ ମିଡିଆରୁ ସୂଚନା ମିଳିଛି।

କିଛିଦିନ ତଳେ ଉତ୍ତରପ୍ରଦେଶର ଏକ ଗହମ କ୍ଷେତରେ ତାଙ୍କର ନୂଆ ଅବତାର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେ ତାଙ୍କ ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ସାଥିରେ ଗହମ ଗଛ କାଟି ବିଡା ଧରିଥିବାର ଦୃଶ୍ୟ ଦେଖି ବିରୋଧୀ ଦଳ ସମାଲୋଚନା କରିଥିଲେ। ଏଥିପାଇଁ 'ଡ୍ରିମ୍ ଗର୍ଲ' ଭାବେ ପୂର୍ବରୁ ପରିଚିତ ଥିବା ହେମାଙ୍କ ନାମ ସହିତ ପୁନଶ୍ଚ 'ଡ୍ରାମା ଗର୍ଲ' ଯୋଡି ହୋଇଯାଇଛି।



# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଏପ୍ରିଲ ୧୫/୨୦୧୯ | Berhampur, Monday, April 15/2019 | ପୃଷ୍ଠା-୧




**ଅନୁଭୂତି ବଖାଣିଲେ ସୋନାଲି**

ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ନିଜ ଅନୁଭୂତି ବଖାଣିଛନ୍ତି।

୦୨

୧୩

**ହାମିଲଟନଙ୍କୁ ଟାଇଟଲ**

ମର୍ସିଡିଜର ଲୁଇସ୍ ହାମିଲଟନ ଚାଇନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି।









■ ସବୁ ଦଳର ଇସ୍ତାହାରରେ 'ଚାଷୀ'


# ସ୍ୱାର୍ଥ ଲାଗି ଭୋଟ ଅମଳ ଯୋଜନା

ଭୁବନେଶ୍ୱର,୧୪।୪(ବ୍ୟୁରୋ)

କୃଷିପ୍ରଧାନ ରାଜ୍ୟ ଓଡ଼ିଶା। ଏଠାରେ ଚାଷୀ ପରିବାର ସଂଖ୍ୟା ୭୦ଲକ୍ଷରୁ ଊର୍ଦ୍ଧ୍ୱ। ସେମାନଙ୍କ ଭୋଟ ସଂଖ୍ୟା ପାଖାପାଖି ୨କୋଟି। ତେଣୁ ଏହି ବର୍ଗର ଭୋଟ ଉପରେ ଏବେ ସବୁ ଦଳର ଆଖି। ଦୀର୍ଘକାଳ ଅବହେଳିତ ଅବସ୍ଥାରେ ରହି ଆସିଥିବା ଚାଷୀଙ୍କ ଉନ୍ନତି ପାଇଁ ଏବେ ପ୍ରତ୍ୟେକ ଦଳ ସେମାନଙ୍କ ଇସ୍ତାହାରରେ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେବାରେ ବ୍ୟସ୍ତ ଅଛନ୍ତି। ତେବେ ଏସବୁ ପ୍ରତିଶ୍ରୁତିରୁ କେଉଁ ଦଳକୁ କେତେ ଫାଇଦା ମିଳିବ ତାହା ଭୋଟ ଗଣନା ପରେ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି।

ରାଜ୍ୟରେ ଦୁଇଦଶନ୍ଧି ଧରି କ୍ଷମତାରେ ଥିବା ବିଜେଡି ପୁଣିଥରେ ନିର୍ବାଚନ ବୈତରଣୀ ପାରହେବାକୁ ଦଳର ଇସ୍ତାହାରରେ ରାଜ୍ୟର ଚାଷୀଙ୍କୁ ଅନେକ ପୁରୁଣା ପ୍ରତିଶ୍ରୁତି ଦେଇଛି। ଅସନ୍ତୁଷ୍ଟ କୃଷକଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାର ଲକ୍ଷ୍ୟ ସାଧିତ ହେଉ ନ ଥିବା ଅନୁମାନ କରି ବିଜେଡି ଏହାର ଇସ୍ତାହାରରେ କାଳିଆ ସହାୟତା ଅର୍ଥରାଶି ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଛି। କାଳିଆ ସହାୟତା କେବଳ ୫ଟି ଚାଷ ଋତୁ ପାଇଁ ୫ହଜାର ଟଙ୍କା ଲେଖାଏ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଘୋଷଣା କରିଥିଲେ। ସରକାରଙ୍କ ଉକ୍ତ ସହାୟତା ସମସ୍ତଙ୍କ ପାଇଁ ସମାନ ରହିଛି। ଅର୍ଥାତ୍ ଯାହାର ୨୦ଏକର ଚାଷ ସେ ଯେତିକି ସହାୟତା ପାଇବ ଯାହାର ୨ଏକର ଚାଷ ସେ ବି ସେତିକି ସହାୟତା ପାଇବ। କିନ୍ତୁ ତେଲେଙ୍ଗାନା ସରକାରଙ୍କ ରୟତ ବନ୍ଧୁ ଯୋଜନାରେ ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ୧୦ହଜାର ଟଙ୍କାର ସହାୟତା ଦିଆଯାଉଛି। ତେଣୁ କାଳିଆ ଯୋଜନା ନେଇ ବହୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେଥିପାଇଁ ବିଜେଡି ଏବେ ଇସ୍ତାହାରରେ ତିନି ବର୍ଷ ପରେ ମଧ୍ୟ କାଳିଆ ଯୋଜନା ଅବ୍ୟାହତ ରହିବ ଓ ସହାୟତା ରାଶି ସଂଶୋଧନ କରିବାକୁ କମିଟି ବସିବ ବୋଲି ଉଲ୍ଲେଖ କରିଛି। ଏବେ କାଳିଆ କାର୍ଯ୍ୟକାରିତା ପାଇଁ ଏକ କମିଶନ ଗଠନ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ଯୋଜନାରେ ୫୦ହଜାର ଟଙ୍କାର ଋଣ ପର୍ଯ୍ୟନ୍ତ ସୁଧଛାଡ଼ କଥା ମାସକ ତଳେ ଘୋଷଣା କରାଯାଇଥିଲେ ସୁଦ୍ଧା ଏବେ ଏହାକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁସାରେ ଯଦି ତାଙ୍କ ଦଳ ପୁଣି ସରକାର ଗଠନ କରେ ତେବେ ସରକାର ଗଠନର ପ୍ରଥମ ଦିନ କାଳିଆର ସମସ୍ତ ହିତାଧିକାରୀଙ୍କୁ ସବୁ ବକେୟା ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ତରବରିଆ ନିଷ୍ପତ୍ତି ଯୋଗୁ କାଳିଆ ସହାୟତା ଏଯାଏ ଅଧିକାଂଶ ଚାଷୀ ପାଇନାହାନ୍ତି। ପ୍ରତ୍ୟେକ ଗାଁର ମାତ୍ର ୫ ରୁ ୧୦ ପ୍ରତିଶତ ହିତାଧିକାରୀ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ସହାୟତା ଯାଇଥିବାବେଳେ ବାକି ହିତାଧିକାରୀମାନେ ଟଙ୍କା ନ ପାଇ କ୍ଷୁବ୍ଧ ଅବସ୍ଥାରେ ଅଛନ୍ତି। ଏହା ବୁଝିବାପରେ ନବୀନ ପଟ୍ଟନାୟକ ପଞ୍ଚମ ପାଳି ସରକାରର ପ୍ରଥମ ଦିନ ଟଙ୍କା ପଠେଇବା କଥା କହିଛନ୍ତି। ବିଜେଡି ସରକାର ଜଳସେଚନ କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନ ଥିବାରୁ ଏଥର ସରକାରକୁ ଆସିଲେ ୫୦ହଜାର କୋଟି ଟଙ୍କା ବ୍ୟୟରେ ଜଳସେଚନ ସୁବିଧା ☞ପୃଷ୍ଠା-୨








■ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରେ କଳା ଟ୍ରଙ୍କ୍

# ତଦନ୍ତ ଦାବି କଲା କଂଗ୍ରେସ



ନୂଆଦିଲ୍ଲୀ,୧୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କର୍ଣ୍ଣାଟକର ଚିତ୍ରଦୁର୍ଗ ଗସ୍ତ ସମୟରେ ତାଙ୍କ ହେଲିକପ୍ଟରରୁ ରହସ୍ୟମୟ କଳା ଟ୍ରଙ୍କ ବାହାରିବା ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଗତ ଶୁକ୍ରବାର ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିଲେ। ତାଙ୍କ ହେଲିକପ୍ଟରରେ ଏକ କଳା ଟ୍ରଙ୍କ୍ ଥିବାରୁ ଏହାକୁ ନେଇ କଂଗ୍ରେସ ସନ୍ଦେହ ପ୍ରକଟ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା ରବିବାର ଆହ୍ୱାନ ଦେଇଛନ୍ତି। ନିର୍ବାଚନ କମିଶନ ଏହାର ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ କର୍ଣ୍ଣାଟକ ରାଜ୍ୟ କଂଗ୍ରେସ ପକ୍ଷରୁ ଇସିଙ୍କ ନିକଟରେ ଅଭିଯୋଗ ଦାଏର ହୋଇଛି।

ମୋଦିଙ୍କ ହେଲିକପ୍ଟର ଚିତ୍ରଦୁର୍ଗଠାରେ ଅବତରଣ କରିବା ପରେ ଦୁଇ ଜଣ ଲୋକ ଟ୍ରଙ୍କକୁ ହେଲିକପ୍ଟରରୁ ବାହାର କରି ଏକ ଧଳାରଙ୍ଗର କାର ପାଖକୁ ନେଇଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଦିନେଶ ଗୁଣ୍ଡୁ ରାଓ ଉକ୍ତ ଭିଡିଓକୁ ଟୁଇଟ୍ କରିଛନ୍ତି। ତେବେ ଏହି ଟ୍ରଙ୍କ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ କିମ୍ବା ଅନ୍ୟ ହେଲିକପ୍ଟରରୁ ନିଆଯାଇଛି ତାହା ଭିଡିଓରୁ ସ୍ପଷ୍ଟ ହୋଇନାହିଁ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ତତଲା ତାମ୍ବା

**ଆଜିର ମନ୍ତବ୍ୟ**

"ବାବାସାହେବଙ୍କ ସମ୍ବିଧାନର ଶକ୍ତି ଅବହେଳିତ ଶ୍ରେଣୀରୁ ଆସିଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଓ ଜଣେ ଚା'ବାଲାଙ୍କୁ ପ୍ରଧାନମନ୍ତ୍ରୀ କରାଇଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୧୧,୦୯୬ କୋଟି ଟଙ୍କା ନିବେଶ କରିଛନ୍ତି।

– ଶେୟାର ବଜାର ଡିପୋଜିଟୋରୀ ଡାଟା

## ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ

ବୁଗୁଡ଼ା,୧୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ହୋଇଥିବା ନେଇ ଶନିବାର ରାତିରେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୬୯/୧୯ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ବୁଗୁଡ଼ା ଥାନାଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜନୈକ ବିବାହିତ ଯୁବକ ଜଗଦୀଶ ସାହୁ ତାଙ୍କ ସାହିରେ ଥିବା ଜଣେ ଶିଶୁ କନ୍ୟାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଜଗଦିଶ ଶିଶୁକନ୍ୟାକୁ ବଳାତ୍କାର କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପରେ ଶିଶୁକନ୍ୟା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ବାପା, ମା'ଙ୍କୁ କହିଥିଲା। ତେବେ ଏହି ଘଟଣାକୁ ଗାଁରେ ରଫାଦଫା କରିବା ପାଇଁ ବିଭିନ୍ନ ଉଦ୍ୟମ ଚାଲିଥିଲା। କିନ୍ତୁ ଏ ନେଇ ଶନିବାର ରାତିରେ ଶିଶୁକନ୍ୟାଙ୍କ ମା' ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଫେରାର୍ ଥିବା ଅଭିଯୁକ୍ତ ଜଗଦିଶଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

**ଅସମ୍ଭାଳ ହେଲାଣି ତାତି**

## ୪୩.୫ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ଟାରୁ ଖରାର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇ ପୂର୍ବାହ୍ନ ୧୧ଟା ପରେ ତାତି ଅସମ୍ଭାଳ ହୋଇପଡୁଛି। ଏହି ସମୟରେ ରାସ୍ତାଘାଟ ମଧ୍ୟ ଶୂନ୍‌ଶାନ୍ ହୋଇଯାଉଛି। ପ୍ରବଳ ତାତି ଯୋଗୁ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୧ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଅନୁଗୋଳରେ ତାପମାତ୍ରା ୪୨.୭ ଡିଗ୍ରୀ ରହିଥିବା ବେଳେ ବଲାଙ୍ଗୀର ୪୨.୫, ତାଳଚେର ୪୨.୩, ଝାରସୁଗୁଡ଼ା ୪୧.୮, ସୋନପୁର ୪୧.୪, ସମ୍ବଲପୁର ୪୧.୧, ଭବାନୀପାଟଣା ୪୧.୦, ହୀରାକୁଦ ୪୦.୯, ମାଲକାନଗିରି ୪୦.୬ ଓ ଭୁବନେଶ୍ୱରରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ତା'ପରେ ୨ରୁ ୩ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇବ। ସୋମବାର ରାଜ୍ୟର ୯ ଜିଲାରେ ସାମାନ୍ୟ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ବଲାଙ୍ଗୀର, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାରେ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପ୍ରତିଦିନ କାଳବୈଶାଖୀର ସମ୍ଭାବନା ରହୁଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଉଛି।

■ ୧୧ ସହର ତାପମାତ୍ରା ୪୦ ଡିଗ୍ରୀ ଟପିଲା



## ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ



କଟକ ଅଫିସ,୧୪।୪

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ରବିବାର ଅପରାହ୍ନ ୪.୧୫ରେ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା କରାଇବା ପରେ ମଧ୍ୟ ସେ ଠିକ୍‌ଭାବେ ଚଲାବୁଲା କରିପାରୁ ନ ଥିଲେ। ରାଖାଲଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ଅନେକ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ସଙ୍ଗୀତ ପ୍ରେମୀ ଓ ସଙ୍ଗୀତ ଦୁନିଆରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବାଦାମବାଡ଼ି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କ୍ଷଣପ୍ରଭା ମହାନ୍ତି, ପୁଅ ସୁହାସ, ସୁବ୍ରତ, ବୋହୂ ଅନିତା, ରଶ୍ମିତା, ଝିଅ ସୁରଭି, ସୁସ୍ମିତାଙ୍କ ସମେତ ପରିବାରବର୍ଗ, ସମ୍ପର୍କୀୟ ଉପସ୍ଥିତ ଥିଲେ। ସୋମବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ☞ପୃଷ୍ଠା-୨

**ଚିକିଟି ବିଧାନସଭା ଭାଜପା ପ୍ରାର୍ଥୀଙ୍କ ଅଭିଯୋଗ**

## ପ୍ରଥମ ପର୍ଯ୍ୟାୟ ନିର୍ବାଚନୀ ପରବର୍ତ୍ତୀ ହିଂସା ବଢୁଛି

ବ୍ରହ୍ମପୁର ଅଫିସ,୧୪।୪

ଗଞ୍ଜାମ ଜିଲା ଚିକିଟି ବିଧାନସଭା କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନୀ ପରବର୍ତ୍ତୀ ହିଂସା ବଢ଼ି ଚାଲିଛି। ବିଜେଡି କର୍ମୀମାନେ ସମଗ୍ର ଅଞ୍ଚଳରେ ଅରାଜକତା ସୃଷ୍ଟି କରୁଛନ୍ତି। ବାରମ୍ବାର ଆକ୍ରମଣ ଯୋଗୁ ଭାଜପା କର୍ମୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା ଏଭଳି ସଙ୍ଗିନ ଅଭିଯୋଗ କରିଛନ୍ତି। ଭୋଟ ଗ୍ରହଣ ଦିନ ଝଟିପଦରରେ ବିଜେଡି କର୍ମୀମାନେ ତାଙ୍କୁ ମାରପିଟ୍ କରିଥିବା ବେଳେ ମତଦାନ ସରିବା ପରେ ଅନ୍ୟ କର୍ମୀ ଓ ସମର୍ଥକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ପୋଲିସରେ ଏତଲା ଦେଲେ ମଧ୍ୟ ଅଭିଯୁକ୍ତ ବିଜେଡି ନେତା ତଥା କର୍ମୀଙ୍କ ବିରୋଧରେ ଜରଡ଼ା ଓ କେ.ନୂଆଗାଁ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସେ ଅଭିଯୋଗ କରିଛନ୍ତି। ୩ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରି ନିର୍ବାଚନମଣ୍ଡଳୀରେ ସୃଷ୍ଟି ହୋଇଥିବା ଅରାଜକତା ବନ୍ଦ ପାଇଁ ଦ୍ୟାନ ସାମନ୍ତରା ଦାବି କରିଛନ୍ତି। ନଚେତ ଏହାର ପ୍ରତିବାଦରେ ଜରଡା ଓ କେ.ନୂଆଗାଁ ଥାନା ଘେରାଉ କରାଯିବ। ବ୍ରହ୍ମପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଓ ଅନଶନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ୬ ପରିବାରକୁ ନିଆଁ ପାଣି ବାସନ୍ଦ ସହ ଜଣଙ୍କୁ ୧ହଜାର ଟଙ୍କା ଜରିମାନା କରାଯାଇଛି ବୋଲି ଭାଜପା ପ୍ରାର୍ଥୀ ମନୋରଞ୍ଜନ ଅଭିଯୋଗ କରିଛନ୍ତି ।

ବ୍ରହ୍ମପୁରରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନୋରଞ୍ଜନ କହିଛନ୍ତି, ଗତ ୧୦ ତାରିଖରେ ଖରଣି ପଞ୍ଚାୟତର ଭାଜପା ନେତା ☞ପୃଷ୍ଠା-୨



ଖବରଦାତା ସମ୍ମିଳନୀରେ ଭାଜପା ପ୍ରାର୍ଥୀ ମନୋରଞ୍ଜନଙ୍କ ସମେତ ଅନ୍ୟମାନେ ।

- ■ ପାତ୍ରପୁର, ଚିକିଟି ବ୍ଲକରେ ଅରାଜକତା
- ■ ଭାଜପା ସମର୍ଥକଙ୍କୁ ବାସନ୍ଦ, ୬ ପରିବାରକୁ ଜରିମାନା
- ■ ଥାନା ଘେରାଉ, ଏସ୍‌ପିଙ୍କ ଅଫିସ ଆଗରେ ଅନଶନ ଚେତାବନୀ





NATIONAL EGG CO-ORDINATION COMMITTEE — 14.04.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 89 | 144 | 154 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଂଶ ବାବୁ
ପରିବାରବର୍ଗ


ଅଂଶ ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟିଡିପି ପାଇଁ ଆଇଟି କମ୍ପାନୀ ଚୋରି କରିଛି ୭.୮ କୋଟି ଆଧାର ତଥ୍ୟ

## ମାମଲା ଦାଏର କଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୧୪।୪

ତେଲୁଗୁ ଦେଶମ ପାର୍ଟି(ଟିଡିପି) ପାଇଁ 'ସେବା ମିତ୍ର ଆପ୍' ତିଆରି କରୁଥିବା ଇନ୍‌ଫର୍ମେଶନ ଟେକ୍ନୋଲୋଜି କମ୍ପାନୀ ଆଇଟି ଗ୍ରିଡ୍(ଇଣ୍ଡିଆ) ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭.୮ କୋଟି ଆଧାର ତଥ୍ୟ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡିବା ପରେ ଆଧାର କାର୍ଡ ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ ସାଇବରାବାଦ୍ ପୋଲିସ ନିକଟରେ ମାମଲା ରୁଜୁ କରାଯାଇଛି।

ଏହି ଦୁଇ ରାଜ୍ୟ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ନାଗରିକଙ୍କ ସଂଖ୍ୟା ୮.୪ କୋଟି ରହିଛି। ପ୍ରାଥମିକ ଯାଞ୍ଚରୁ ଜଣାପଡିଛି ଯେ, ଉକ୍ତ କମ୍ପାନୀ ଅବୈଧ ଭାବେ ଲୋକଙ୍କ ସମ୍ବେଦନଶୀଳ ଡାଟା ଯଥା-ଆଧାର ତଥ୍ୟ, ଇଲେକ୍ଟୋରାଲ ରୋଲ, ସରକାରୀ ସ୍କିମ୍ ଏବଂ ବିଭିନ୍ନ ରାଜନୈତିକ ଦଳ ସହିତ ଜଡ଼ିତ ଭୋଟର ସୂଚନାକୁ ଚୋରି କରିଥିଲା। ଏହି ତଥ୍ୟକୁ ବେଆଇନ ଭାବେ ବ୍ୟବହାର କରାଯାଇପାରିବ। ଯାଞ୍ଚରୁ ଏହା ମଧ୍ୟ ଜଣାପଡିଛି ଯେ, ଚୋରି କରାଯାଇଥିବା ଭୋଟର ସୂଚନାରୁ ଭୋଟର ପ୍ରୋଫାଇଲିଂ, କ୍ୟାମ୍ପେନ ଟାର୍ଗେଟିଂ ଏବଂ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଜବତ ହୋଇଥିବା ଡିଜିଟାଲ ପ୍ରମାଣର ଫରେନସିକ୍ ଯାଞ୍ଚ ଲାଗି ତେଲେଙ୍ଗାନା ଷ୍ଟେଟ୍ ଫରେନସିକ ସାଇନ୍ସ ଲାବରେଟୋରିଜକୁ ପଠାଇ ଦିଆଯାଇଛି। ଅଭିଯୋଗ ଆଣିଥିବା ୟୁଆଇଡିଏଆଇ ଅଧିକାରୀଙ୍କ କହିବାନୁଯାୟୀ, ଜବତ ହୋଇଥିବା ହାର୍ଡ ଡିସ୍କରୁ ଜଣାପଡିଛି ଯେ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭,୮୨,୨୧,୩୯୭ ଅଧିବାସୀଙ୍କ ଆଧାର ଡାଟା ଚୋରି କରାଯାଇ ଆଇଟି ଗ୍ରିଡ୍(ଇଣ୍ଡିଆ) ଟିଡିପି ପାଇଁ ସେବା ମିତ୍ର ଆପ୍ ତିଆରି କରୁଛି ବୋଲି ୟୁଆଇଡିଏଆଇ ଡେପୁଟି ଡାଇରେକ୍ଟର ତଥା ଅଭିଯୋଗକାରୀ ଟି.ଭବାନୀ ପ୍ରସାଦ କହିଛନ୍ତି। ୟୁଆଇଡିଏଆଇ ନିକଟରେ ରହୁଥିବା ଡାଟାବେସ ସାଇଜ ଓ ସଂରଚନା ଭଳି ଆଇଟି ଗ୍ରିଡ୍ ନିକଟରେ ରହିଥିବା ଆଧାର ଡାଟା ମିଶିଯାଉଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଉକ୍ତ କମ୍ପାନୀ ଏହି ଡାଟାକୁ ସେଣ୍ଟ୍ରାଲ ଡାଟା ରିପୋଜିଟୋରି ଅଥବା ଷ୍ଟେଟ୍ ଡାଟା ହବ୍‌ରୁ ଅବୈଧ ଭାବେ ହାସଲ କରିଛି। ଅନ୍ୟପକ୍ଷରେ ଟିଡିପି ଏହି ଆଧାର ଡାଟା ଚୋରି ଅଭିଯୋଗକୁ ଖଣ୍ଡନ କରି ଏହି ମାମଲାକୁ ତେଲେଙ୍ଗାନାରୁ ଆନ୍ଧ୍ରପ୍ରଦେଶ ସ୍ଥାନାନ୍ତର ପାଇଁ ଦାବି କରିଛି।

# କଷ୍ଟକୁ ସହିବାର ଧୈର୍ଯ୍ୟ ଦରକାର: ସୋନାଲି



ମୁମ୍ବାଇ

ବଲିଉଡ୍ ନାୟିକା ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିବା ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ସେ ତାଙ୍କ ଅନୁଭୂତି ବଖାଣିଛନ୍ତି। ଗତବର୍ଷ ସେ କ୍ୟାନ୍‌ସର ଭଳି ଏକ ମାରାତ୍ମକ ରୋଗର ଶିକାର ହୋଇଥିଲେ। ଚିକିତ୍ସା ପରେ ଏବେ ସୁସ୍ଥ ଥିବା କହିଛନ୍ତି। ସେ ହାଇଗ୍ରେଡ୍ କ୍ୟାନସ୍‌ରରେ ପୀଡିତ ଥିବା ଜଣାପଡିବା ପରେ କିଛି ଦିନ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାର ପ୍ରାୟ ୭ ମାସ ପରେ ସେ ଡିସେମ୍ବରରେ ଭାରତ ଫେରିଥିଲେ। କଷ୍ଟକୁ ସହିବାର ଧୈର୍ଯ୍ୟ ରଖିବା ଦରକାର। ଯେମିତି ଗୋଟେ ଶିଶୁର ଦାୟିତ୍ୱ ବହନ କରିବାପାଇଁ ମା' ପ୍ରସ୍ତୁତ ଥାଏ, ଠିକ୍ ସେମିତି ଶାରୀରିକ କଷ୍ଟ ବହନ କରିବାକୁ ପ୍ରସ୍ତୁତ ହେବା ଦରକାର। ଆତ୍ମବିଶ୍ୱାସ ଓ ମନୋବଳ ଦୃଢ଼ କରି ନିଜକୁ ସେମିତି ପ୍ରସ୍ତୁତ କରିଥିବାରୁ ଆଜି ସୁସ୍ଥ ଅଛି ବୋଲି କହିଛନ୍ତି ସୋନାଲି। ସୋନାଲିଙ୍କ ଏହି ଅନୁଭୂତି ଅନେକଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ପ୍ରଶଂସକ ମହଲରେ ଆଲୋଚନା ହେଉଛି।

ପ୍ରଥମ ପୃଷ୍ଠାରୁ...

## ସ୍ୱାର୍ଥ ଲାଗି...

କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ଓଡ଼ିଶାରେ କେବେବି ଏକକ ଦଳଭାବେ ସରକାର ଗଠନ କରିବାର ସୁଯୋଗ ପାଇ ନ ଥିବା ଭାରତୀୟ ଜନତା ପାର୍ଟି(ଭାଜପା) ମଧ୍ୟ ରାଜ୍ୟର ଚାଷୀମାନଙ୍କ ପାଇଁ ଅନେକ ଲୋଭନୀୟ ଯୋଜନା ଘୋଷଣା କରିଛି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ୍ ଦାବିରେ ଆନ୍ଦୋଳନ ଚଳାଇଥିବା ନବନିର୍ମାଣ କୃଷକ ସଂଗଠନ ଓ ଧାନର ସହାୟକ ମୂଲ୍ୟ (ଏମ୍ଏସ୍‌ପି) ନେଇ ଆନ୍ଦୋଳନରତ ପଶ୍ଚିମ ଓଡ଼ିଶାର ଚାଷୀ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଥିବା ହୃଦ୍‌ବୋଧ କରି ଭାଜପା କ୍ଷମତାକୁ ଆସିଲେ ୨୦୨୨ସୁଦ୍ଧା ସମସ୍ତ ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ମାସିକ ୩ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରିବାକୁ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେବା ସହ ଚାଷ ଋଣ ଉପରୁ ସମ୍ପୂର୍ଣ୍ଣ ସୁଧ ଛାଡ଼ କରିବାକୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସମସ୍ତ ଚାଷୀଙ୍କୁ ବାର୍ଷିକ ୬ହଜାର ଟଙ୍କା ଲେଖାଏ ସହାୟତାର ପ୍ରତିଶ୍ରୁତି ସହିତ କୃଷକଙ୍କ ଚାଷଖର୍ଚ୍ଚ କିପରି କମିବ ସେ ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ୍ୟ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ସେହିପରି ରାଜ୍ୟରେ ସବୁ ଚାଷଜମିକୁ ସବୁଦିନିଆ ଜଳସେଚନ ସୁବିଧା ଯୋଗାଇ ଦେବାକୁ ୧ଲକ୍ଷ କୋଟି ଟଙ୍କାର ଏକ ଯୋଜନା ହାତକୁ ନିଆଯିବ ବୋଲି ମଧ୍ୟ ଭାଜପା ପ୍ରତିଶ୍ରୁତି ଦେଇଛି।

ସେହିପରି କଂଗ୍ରେସ ମଧ୍ୟ ତା'ର ଇସ୍ତାହାରରେ ଚାଷୀଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଅଜାଡ଼ି ଦେଇଛି। କ୍ଷମତାକୁ ଆସିଲେ କଂଗ୍ରେସ ଶାସିତ ଅନ୍ୟ ରାଜ୍ୟ ଭଳି ସମସ୍ତ କୃଷିଋଣ ଛାଡ଼ କରାଯିବ। କୃଷି ବିକାଶ ଓ ଯୋଜନା ପାଇଁ ଜାତୀୟସ୍ତରରେ ଏକ କମିଶନ ଗଠନ କରାଯିବ ବୋଲି କଂଗ୍ରେସ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଫସଲ ବୀମା ଯୋଜନାର ଦୋଷତ୍ରୁଟି ସୁଧାରିବା ସହିତ କୃଷି ଉତ୍ପାଦର ବିପଣନ ଓ ରପ୍ତାନି ବୃଦ୍ଧି ପାଇଁ ସୁବ୍ୟବସ୍ଥା କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

ଏହିସବୁ ରାଜନୈତିକ ଦଳର କୃଷି ଓ କୃଷକଙ୍କ ସମ୍ପର୍କିତ ଇସ୍ତାହାର ପ୍ରସଙ୍ଗରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ଏହାପରେ ସେହି ପ୍ରତିଶ୍ରୁତିକୁ ଯଦି ପାଳନ କରନ୍ତେ ତେବେ ତା'ର ମହତ୍ତ୍ୱ ରହନ୍ତା। କିନ୍ତୁ କୃଷକଙ୍କ କ୍ଷେତ୍ରରେ ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ତେଣୁ ରାଜନୈତିକ ଦଳଗୁଡ଼ିକ ଉପରେ ଚାଷୀଙ୍କ ଭରସା ତୁଟିଯାଉଛି। ଚାଷୀ ନିଜର ଦାବି ହାସଲ କରିବାକୁ ଶାନ୍ତିପୂର୍ଣ୍ଣ ଭାବେ ଭୁବନେଶ୍ୱରରେ ଧାରଣା ଦେବାକୁ ଅନେକ ଥର ଯୋଜନା କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଯେଉଁଭଳି ଭାବରେ ଚାଷୀଙ୍କୁ ଭୁବନେଶ୍ୱରକୁ ଯିବାକୁ ଦେଇ ନାହାନ୍ତି, ବାରମ୍ବାର ଗିରଫ କରିଛନ୍ତି ତାହା ଚଳିତ ନିର୍ବାଚନରେ ପ୍ରଭାବ ପକାଇବ। ଚାଷୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ୪୦ ଲକ୍ଷ ଚାଷୀଙ୍କୁ ସାମିଲ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ତା'ର ତାଲିକା ଯଦି ସରକାର ଦେଇପାରନ୍ତେ ତେବେ ସତ୍ୟାସତ୍ୟ ଜଣାପଡନ୍ତା। ପୂର୍ବରୁ ଚାଷୀମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ ବୋଲି ସରକାର କହୁଥିଲେ। କିନ୍ତୁ ଏବେ ପ୍ରାୟ ୬୫ ଲକ୍ଷ ଚାଷୀ ଚିହ୍ନଟ ହୋଇସାରିଛନ୍ତି ବୋଲି ସରକାର କହୁଛନ୍ତି। ତାହା କିପରି ସମ୍ଭବ ହୋଇପାରିଲା ବୋଲି ଅକ୍ଷୟ ପ୍ରଶ୍ନ କରିଛନ୍ତି।

କୃଷକ ନେତା ସୁକେଶ ପଟ୍ଟନାୟକ କହିଛନ୍ତି ଯେ, ଏହା ହେଉଛି ଏକ ନିର୍ବାଚନୀ ଚାଲ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଥିବା ଦଳ ନିର୍ବାଚନ ସମୟରେ ଚାଷୀମାନଙ୍କୁ ଲୋକଦେଖାଣିଆ ପ୍ରତିଶ୍ରୁତି ଦେଉଛନ୍ତି। ସ୍ୱାମୀନାଥନ କମିଟି ରିପୋର୍ଟର ସୁପାରିସକୁ କାର୍ଯ୍ୟକାରୀ କରିବାକୁ ୨୦୧୪ରୁ ରାଜନୀତି ହେଉଛି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସୀନତାର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ନିର୍ବାଚନବେଳେ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନୈତିକ ଦଳଗୁଡ଼ିକର ପ୍ରତିଶ୍ରୁତିରେ ଚାଷୀମାନେ ଭାସିନଯିବା ଉଚିତ ବୋଲି ପଟ୍ଟନାୟକ କହିଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜଙ୍କ କହିବା ହେଲା ଭାଜପା, ବିଜେଡି ଓ କଂଗ୍ରେସ ଚାଷୀ ଭୋଟ ହାତେଇବା ଉଦ୍ଦେଶ୍ୟରେ ସେମାନଙ୍କ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ କିଛି ନୂତନତ୍ୱ ନାହିଁ। ଚାଷୀଙ୍କ ମୂଳ ଦାବିକୁ ରାଜନୈତିକ ଦଳଗୁଡ଼ିକ ଭୁଲିଯାଇଛନ୍ତି। ଗତ କିଛି ମାସତଳେ ୫ଟି ରାଜ୍ୟର ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ନେଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଭବ କରିଥିବାରୁ ଇସ୍ତାହାରରେ ଚାଷୀଙ୍କୁ କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀଙ୍କ ମୁଖ୍ୟ ୨ଟି ଦାବି ଋଣ ମୁକ୍ତି ଓ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚର ପ୍ରକୃତ ମୂଲ୍ୟ ପ୍ରଦାନ ଦାବିକୁ ଅଣଦେଖା କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର କିଛି ଅର୍ଥ ଦେଇ ନିର୍ବାଚନୀ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ମୂଳ ସମସ୍ୟା ଅସମାହିତ ହୋଇ ରହିଯାଉଛି ବୋଲି ଲିଙ୍ଗରାଜ କହିଛନ୍ତି।

## ତଦନ୍ତ ଦାବି...

ଅଭିଯୋଗ ଅନୁଯାୟୀ ପ୍ରଧାନମନ୍ତ୍ରୀ ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ତାଙ୍କ ହେଲିକପ୍ଟରକୁ ଅନ୍ୟ ତିନୋଟି ହେଲିକପ୍ଟର ସୁରକ୍ଷା ଦେଉଥିଲେ। ଅବତରଣ ପରେ ଉକ୍ତ କଳା ଟ୍ରଙ୍କ୍‌କୁ ହେଲିକପ୍ଟରରୁ ନିଆଯାଇ ଏସ୍‌ପିଜି କାରକେଡ୍ ବାହାରେ ଥିବା ଏକ ଘରୋଇ କାରରେ ରଖାଯାଇଥିଲା। ଟ୍ରଙ୍କ ରଖାଯିବା ପରେ ଉକ୍ତ ଇନୋଭା କାର୍‌ଟି ସଙ୍ଗେ ସଙ୍ଗେ ସେଠାରୁ ପଳାଇଥିଲା, ଯାହାକୁ ନେଇ ସନ୍ଦେହ ପ୍ରକାଶ କରିଛି କଂଗ୍ରେସ। ପ୍ରଶ୍ନ ଉଠୁଛି ଉକ୍ତ ଟ୍ରଙ୍କ ସୁରକ୍ଷା ପ୍ରୋଟୋକଲ ଭିତରେ ନ ଥିଲା କାହିଁକି। ଇନୋଭା କାର ପ୍ରଧାନମନ୍ତ୍ରୀଙ୍କ କାରକେଡ୍‌ରେ କ'ଣ ପାଇଁ ସାମିଲ ହୋଇ ନ ଥିଲା ଏବଂ ଉକ୍ତ କାର୍‌ଟି କାହାର।

ନିର୍ବାଚନ କମିଶନଙ୍କ ପକ୍ଷପାତ ନୀତିକୁ ଜେଡିଏସ୍ ପକ୍ଷରୁ ସମାଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ କାର୍‌କୁ ସେଦିନ ଏକାଧିକ ଥର ଯାଞ୍ଚ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ ସନ୍ଦେହଜନକ ବାକ୍ସ ଘରୋଇ କାରକୁ ନିଆଯିବା ଘଟଣାରେ ଇସି ଚିନ୍ତିତ ନହେବା ଆଶ୍ଚର୍ଯ୍ୟଜନକ ବୋଲି ଜେଡିଏସ୍ ଟୁଇଟର୍ ହ୍ୟାଣ୍ଡଲ୍‌ରେ ଅଭିଯୋଗ କରାଯାଇଛି।

## ପ୍ରଥମ ପର୍ଯ୍ୟାୟ...

ନରସିଂହ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଶାସକ ଦଳ କର୍ମୀ। ୧୧ରେ ନନ୍ଦିଗାଁର ରାଜେନ୍ଦ୍ର ବେହେରାଙ୍କ ଘରେ ପଶି ମାରପିଟ ସହ ଲୁଟତରାଜ କରାଯାଇଥିଲା। ତିନିଘରି ଗ୍ରାମର ଜନାର୍ଦ୍ଦନ ପ୍ରଧାନ, ନରସିଂହ ପ୍ରଧାନ, ଅଜିତ ପ୍ରଧାନ ଓ ଯୋଗେନ୍ଦ୍ର ପ୍ରଧାନଙ୍କୁ କାତି ଓ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା। ଚିଡ଼ିପୁଡ଼ି ଗ୍ରାମର ଏସ୍. ରବୀନ୍ଦ୍ର ଯାଦବ, ଇ. ରାମଚନ୍ଦ୍ର ରେଡ୍ଡୀ ଓ ମାଧବ ନାୟକ ପ୍ରମୁଖଙ୍କୁ ମାଡ଼ ମରାଯାଇଥିଲା। ଅପରପକ୍ଷରେ ଆଦିବାସୀମାନେ ଭୋଟ ଦେବାକୁ ଯାଉଥିବା ବେଳେ କନିରଡ଼ା ଗ୍ରାମରେ ସେମାନଙ୍କୁ ଧମକ ଚମକ ଦେଇ ମତଦାନରୁ ବଞ୍ଚିତ କରାଯାଇଛି। ଚିକିଟି ପେଣ୍ଟରେ ଭାଜପା ମହିଳା କର୍ମୀ ପୁଷ୍ପା ସେଠୀଙ୍କୁ ତାଙ୍କ ଘର ଭିତରେ ପଶି ବିଜେଡି କର୍ମୀମାନେ ଅସଦ୍ ବ୍ୟବହାର କରିଛନ୍ତି। ରାଧାମୋହନପୁରରେ ମଧ୍ୟ ସୀମାଞ୍ଚଳ ନାୟକଙ୍କୁ ଜୀବନରେ ମାରିଦେବାର ଧମକ ଦିଆଯାଇଥିବା ମନୋରଞ୍ଜନ ସୂଚାଇଥିଲେ। ସେହିପରି ମତଦାନ ଦିନ ଭାଜପାର ଏଜେଣ୍ଟ ହୋଇଥିବା ଗୋବିନ୍ଦପୁର ଗ୍ରାମର ୬ ପରିବାରକୁ ବେଆଇନ ଭାବେ ଜରିମାନା କରାଯାଇଛି। ପାତିସୁନାପୁର ଗ୍ରାମର ଜି. ଦେବେନ୍ଦ୍ରଙ୍କୁ ବିଜେଡି କର୍ମୀମାନଙ୍କ ଦ୍ୱାରା ନିଆଁପାଣି ବାସନ୍ଦ ସହ ୧ ହଜାର ଟଙ୍କା ଜରିମାନା କରାଯାଇଛି। ମନୋରଞ୍ଜନଙ୍କ ସୂଚନା ପ୍ରକାରେ, ନିର୍ବାଚନରେ ଶାସକ ବିଜେଡି ପ୍ରାର୍ଥୀ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିବାରୁ ନାନା ଆଶଙ୍କାରେ ବିଜେଡି ପକ୍ଷରୁ ଗଣ୍ଡଗୋଳ, ହିଂସା ଓ ଆକ୍ରମଣ କରାଯାଇ ଭୟଭୀତ କରାଯାଉଛି। ରବିବାର ଏସ୍‌ପିଙ୍କ ଅଫିସକୁ ମନୋରଞ୍ଜନଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀରେ ଶତାଧିକ ଭାଜପା କର୍ମୀ ଯାଇ ସ୍ମାରକପତ୍ର ଦେଇଥିଲେ। କର୍ମୀଙ୍କୁ ସୁରକ୍ଷା ଯୋଗାଇବାକୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଉଦୟ ନାଥ ପ୍ରଧାନ, ମହିଳା ମୋର୍ଚ୍ଚା ନେତ୍ରୀ ମୀନା ଦ୍ୟାନସାମନ୍ତରା ଏବଂ ୱାଇ. ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନଙ୍କ ଏଭଳି ଅଭିଯୋଗକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି।

## ସଙ୍ଗୀତ ନିର୍ଦ୍ଦେଶକ...

ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

୧୯୩୨ ଜୁନ୍ ୨୬ ତାରିଖରେ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇସ୍ଥିତ ତଟଣା ଗ୍ରାମରେ ରାଖାଲ ଜନ୍ମଗ୍ରହଣ କରିଥିଲେ। ସେ ବମ୍ବେର ଅଖିଳ ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳରେ ୧୯୭୩ ମସିହାରେ ସଙ୍ଗୀତ କ୍ଷେତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ୧୯୫୫ରୁ ୧୯୭୩ ମସିହା ପର୍ଯ୍ୟନ୍ତ କଟକ କଳାବିକାଶ କେନ୍ଦ୍ରସ୍ଥିତ ଇଣ୍ଡିଆନ କଲେଜ ଅଫ ମ୍ୟୁଜିକ ଆଣ୍ଡ ଡ୍ୟାନ୍ସରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ୧୯୭୪ରୁ ୧୯୯୪ ମସିହା ପର୍ଯ୍ୟନ୍ତ ରାଖାଲଙ୍କର ଯାଦୁଗରି ସଙ୍ଗୀତ ଆକାଶବାଣୀରୁ ଶୁଣିବାକୁ ମିଳିଥିଲା। ଉକ୍ତ ଦୁଇ ଦଶନ୍ଧି ଧରି ସେ ଆକାଶବାଣୀ କଟକରେ ମ୍ୟୁଜିକ କମ୍ପୋଜର ଭାବେ କାର୍ଯ୍ୟ କରିଥିଲେ। ଟପ୍‌ଗ୍ରେଡ ମ୍ୟୁଜିକ କମ୍ପୋଜର ଭାବେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ରାଖାଲଙ୍କର ବେଶ୍ ପରିଚୟ ରହିଛି। କ୍ୟାସେଟ ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ରାଖାଲ ଅନେକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଘର ସଂସାର, ଅମର ପ୍ରେମ, ଶ୍ରୀକୃଷ୍ଣ ରାସଲୀଳା, ଅକ୍ଷିତୃତୀୟା, ତ୍ରିନାଥ ମେଳା ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାଛଡ଼ା ତପସ୍ୱିନୀ, ଗୀତ ଗୋବିନ୍ଦ, କାଞ୍ଚି ଅଭିଯାନ, ଶକୁନ୍ତଳା, କୋଣାର୍କ, ଲାବଣ୍ୟବତୀ ଭଳି ନୃତ୍ୟନାଟିକା ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଦେଶ ବିଦେଶରେ ରାଖାଲଙ୍କୁ ଅନେକ ସମ୍ବର୍ଦ୍ଧନା ମିଳିଛି। ଅନ୍ୟପକ୍ଷରେ ସେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ସ୍ଥାୟୀ ସଭାପତି ରହିବା ସହ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଥିଲେ।


# classifieds




**SALE**

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12088

Bhubaneswar Patrapada Market HDFC bankରୁ 500 mtr କଲୋନୀ ଭିତରେ BDA yellow zone plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66339

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

ଘରବାରି plot sale ନଖରା ବ୍ରାହ୍ମଣ ଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952.D-66343

Gharabari plot with boundary wall, sand filling for sale at Pahala. Contact: 9437321343. D-12131




5000 sqft. godown near Dhenkanal Rly station/ sliding previously cement godown. 9437023399. D-62093


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ନରେନ୍ଦ୍ରନାଥ ଦାଶ**
(ଧୂଷା ଭାଇନା)
ସୁମଣାଶାସନ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୩।୦୧।୧୯୪୪
ତିରୋଧାନ: ୦୬।୦୪।୨୦୧୭
ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆନ୍ତର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮୭୮

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସତ୍ୟଭାମା ମହାନ୍ତି**
ପ୍ଲଟ୍ ନଂ.୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୧।୧୯୩୭
ତିରୋଧାନ: ୧୫।୦୪।୨୦୧୭
'ମା' ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧ୍ୟେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଆମ ପରିବାର। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ଲୁଲୁ, ବୋହୂ-ମଧୁମିତା।
ଧ-୫୬୧୭୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ମନୋରମା ସେଠୀ**
ଆବିର୍ଭାବ : ୦୬/୧୧/୧୯୬୦
ତିରୋଧାନ : ୨୭/୦୩/୨୦୧୮
କ୍ରୀଷ୍ଟା ଗାର୍ଡେନ୍, ଏ/୩
ଫେଜ୍-୨,ଜାଗମରା,ଭୁବନେଶ୍ୱର
ହେ ମହାନ୍ ଆତ୍ମା ତୁମ ଅଗାଢ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ। ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ତୁମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ। ଏହା ହିଁ ଭକ୍ତିଭରା ପ୍ରାର୍ଥନା।
ଶୋକସନ୍ତପ୍ତ ; ସ୍ୱାମୀ - ହରେକୃଷ୍ଣ ସେଠୀ
ପୁତ୍ର - ହିମାଂଶୁ, କାଳିନ୍ଦୀ ଓ ସୁଧାଂଶୁ
ପୁତ୍ରବଧୂ, ଝିଅର ଯାଆ, ଝିଅ ଜ୍ୱାଇଁ, ପୁତୁରା ଝିଆରୀ, ନାତି ପରିବାରବର୍ଗ ଓ ପ୍ରିୟଜନ।
ଧ-୫୯୯୨୯

### ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧୃବରାଜ ବସନ୍ତରାୟ**
ଖଣ୍ଡପଡ଼ା, ଦାଣ୍ଡସାହି
ଆବିର୍ଭାବ: ୨୮ ଏପ୍ରିଲ ୧୯୪୨
ତିରୋଧାନ: ୦୫ ଏପ୍ରିଲ ୨୦୧୯
ଚାହୁଁ ଚାହୁଁ ଦଶଦିନ ବିତିଗଲା। କାହିଁକି କେଜାଣି ଗ୍ରହଣ କରିପାରୁନୁ ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ। ସ୍ୱଶରୀରରେ ତୁମକୁ ଦେଖିବାତ ଏ ଜନ୍ମରେ ଅସମ୍ଭବ। ତେବେ, ଯେଉଁଠି ଥାଆନ୍ତୁ ଖୁସିରେ ରୁହନ୍ତୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆଶିଷ ଉତ୍ସାହୀ, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୨୧୫୪

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ଆଜି ପୂର୍ବବିଳି କୋଣାଧିପତି ରାଶିରେ ରହି ଆପଣଙ୍କୁ ଅଭୂତପୂର୍ବ ସଫଳତାର ଗୌରବ ପ୍ରଦାନ କରିବେ। ଚତୁର୍ଥାଧିପତି ସାମାଜିକ ସ୍ତରରେ ସମ୍ମାନ ସାଙ୍ଗକୁ ବନ୍ଧୁମିଳନ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ଦେଇପାରନ୍ତି। କୃତ୍ତିକା ନକ୍ଷତ୍ର ବିଶେଷଭାବରେ ଶୁକ୍ରଙ୍କ ପ୍ରଭାବରେ ମଧୁର ମନୋହର କଥାରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିବ।

**ବୃଷ**: ଆଜି ଚନ୍ଦ୍ରଙ୍କ ସହ ଚାରୋଟି ଗ୍ରହଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ କାର୍ଯ୍ୟ ସାଧିତ ହେଲେ ମଧ୍ୟ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିପାରେ। ଦ୍ୱିଜା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, ପରିବହନ, ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ। ସପ୍ତମାଧିପତି ନିଜ ରାଶିରେ ରହିଥିବାରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିପାରେ।

**ମିଥୁନ**: ଏକାଦଶରେ ରାଜନୈତିକ ଗ୍ରହ ରବି ଓ ରାଶିରେ ରାହୁ ଆପଣଙ୍କୁ ଉଚ୍ଚାସନରେ ପ୍ରତିଷ୍ଠିତ କରାଇପାରେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଚତୁର୍ଥ ଭାବକୁ ବୁଧଙ୍କ ପୂର୍ଣ୍ଣଦୃଷ୍ଟି ସାମାଜିକ ସ୍ଥିତି,ସଭା ସମିତି ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ରର ସହକର୍ମୀ,ପଡ଼ୋଶୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇବେ।

**କର୍କଟ**: ଆଜି ଦ୍ୱାଦଶସ୍ଥ ରାହୁ ସାଙ୍ଗକୁ ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ। ଯାତ୍ରାରେ ଦ୍ୱନ୍ଦ୍ୱ, ବ୍ୟବସାୟରେ ଝଗଡ଼ା, ବନ୍ଧୁପତ୍ନୀ ସହ ବିବାଦ ଓ କିଛି ନୂତନ କାମ ସମ୍ପର୍କରେ ଦୁଃଶ୍ଚିନ୍ତା ଦେଖାଦେଇପାରେ। ପୁଷ୍ୟା ନକ୍ଷତ୍ର ଶିଳ୍ପ, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତମାନର ଫଳ ପାଇବେ।

**ସିଂହ**: ରାଶ୍ୟାଧିପତି ଭାଗ୍ୟସ୍ଥାନରେ ରହି ଉଚ୍ଚ ପଦବୀ, ସୁପରିକଳ୍ପିତ ଯୋଜନା, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପାଇବେ। ଆପଣଙ୍କ ସକାଶେ ଆଜି ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇପାରିବ। ପୂର୍ବାଫାଲଗୁନୀ ସକାଶେ ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ଆମଦାନି କାରବାର ଭଲରେ ଚାଲିବ। ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**: ଚନ୍ଦ୍ରଙ୍କ ଏକାଦଶରେ ମଙ୍ଗଳ ତୃତୀୟ, ଅଷ୍ଟମାଧିପତି ଯୋଗୁ ଭ୍ରାତୃ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ଅଫିସରେ ସହକର୍ମୀମାନେ କାର୍ଯ୍ୟକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଦିଗରେ ଜାଣିଶୁଣି ବିଳମ୍ବ କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ।

**ତୁଳା**: ଚନ୍ଦ୍ରଙ୍କ କେନ୍ଦ୍ରରେ ପ୍ରଭାବଶାଳୀ ରବି ଆପଣଙ୍କୁ ଉଚ୍ଚ କ୍ଷମତା ସମ୍ପନ୍ନ ପଦପଦବୀ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ପ୍ରଦାନ କରିବ। ରାଜନୈତିକ ସ୍ତରରେ ବିଜୟ ଗୌରବ ବିମଣ୍ଡିତ ହେବାର ପୂର୍ଣ୍ଣ ଆଶା,ଭରସା କରାଯାଇପାରେ। ପ୍ରଶାସନିକ, ସାମାଜିକ ଓ ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି। କିନ୍ତୁ ସମ୍ପର୍କୀୟମାନଙ୍କ ପୂର୍ଣ୍ଣ ସହଯୋଗର ଅଭାବ ପରିଲକ୍ଷିତ କରାଯାଇପାରେ।

**ବିଛା**: ଚନ୍ଦ୍ର ଓ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମନ ଅନୁଯାୟୀ ବନ୍ଧୁମିଳନ ଉପଭୋଗ୍ୟ ନ ହୋଇପାରେ। ଆପଣଙ୍କ ସକାଶେ କୌଣସି ଜଣାଶୁଣା ମହିଳା ସମସ୍ୟା ସୃଷ୍ଟିର କାରଣ ହେବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ଭଲ ରହିବା ସାଙ୍ଗକୁ ପାରିବାରିକ ସ୍ଥିତି ମଧ୍ୟ ମଜ୍‌ବୁତ୍ ରହିବ। ପାରିବାରିକକ୍ଷେତ୍ର ଯାତ୍ରା, ବାଣିଜ୍ୟ, ସମ୍ପର୍କସ୍ଥାପନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ।

**ଧନୁ**: ଉପଚୟାଧିପତି ଶନି ସହ ବୃହସ୍ପତିଙ୍କ ରାଶ୍ୟାବସ୍ଥାନ ଶାରୀରିକ ଓ ମାନସିକ ସ୍ଥିତି ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରେ। ଅନ୍ୟକୁ ପରାମର୍ଶ ଦେବାରେ ଯେତିକି ପ୍ରଶଂସିତ ହେବେ ତାହାଠାରୁ ଅଧିକ ଆତ୍ମୀୟସ୍ୱଜନ କ୍ଷେତ୍ରରେ ସମାଲୋଚିତ ହେବାକୁ ପଡ଼ିପାରେ। ବ୍ୟବସାୟିକ ତର୍କ ଓ ବିବାଦ ମଧ୍ୟରେ ମୂଳା ନକ୍ଷତ୍ର ହଇରାଣ ହରକତ ହୋଇପାରନ୍ତି।

**ମକର**: ଏକାଦିକ୍ରମେ ରବି,ଚନ୍ଦ୍ର,ମଙ୍ଗଳ ଓ ଶୁକ୍ରଙ୍କ ସ୍ଥାନସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହେତୁ ଯାହା ଯେମିତି ଆଶା କରୁଛନ୍ତି ସେପରିହିଁ ହୋଇପାରିବ। ଧନାଧିପତିଙ୍କ ଦୃଷ୍ଟି ପ୍ରଭାବରେ ମୁହଁରେ ହସ ଲାଖି ରହିବ ଏବଂ ପକେଟ ମଧ୍ୟ ଖାଲି ରହିବ ନାହିଁ। ପାରିବାରିକ, ପରିବହନ, ପ୍ରଶାସନ, ପ୍ରକାଶନ,ସାହିତ୍ୟ,ସାମ୍ବାଦିକତା ପାଇଁ ପ୍ରକୃଷ୍ଟ ଦିବସଟିଏ।

**କୁମ୍ଭ**: ସାହାଯ୍ୟ, ସହଯୋଗ ପାଇଲେ ମଧ୍ୟ ଯଥାସାଧ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ କିନ୍ତୁ ଟେମ୍ପର ଜମା ଛାଡିବ ନାହିଁ। ଅର୍ଥ ସମ୍ପର୍କ, ବନ୍ଧୁଙ୍କ ସହ ଯୋଗାଯୋଗ, ସନ୍ତାନଙ୍କ ଶିକ୍ଷା,ସାମ୍ବାଦିକତା ପ୍ରଭୃତିରୁ ସନ୍ତୋଷ ଲାଭ କରିବେ। କିନ୍ତୁ ଯାତ୍ରା, ବାଣିଜ୍ୟ, ପରିବହନରେ ସମସ୍ୟା ସାଙ୍ଗକୁ ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅନର୍ଥ ସୃଷ୍ଟି ହୋଇପାରେ।

**ମୀନ**: ଆଜିର ଗ୍ରହସ୍ଥିତି ବହୁଳାଂଶରେ ଭଲ ରହିଥିବାରୁ ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହୋଇପାରିବ। କିନ୍ତୁ ପରୋକ୍ଷ ଶତ୍ରୁତା,ସାମୟିକ ସମସ୍ୟା,ନୀଜଜନଙ୍କ ସହ ଝଗଡ଼ା ମାନସିକ ସ୍ଥିତିକୁ ବିଡମ୍ବିତ କରିଦେଇପାରେ। କେତେକ କ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

ଆଜି ଚୈତ୍ର ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ କାମଦା ଏକାଦଶୀ ସୋମବାର,ଶ୍ରୀମନ୍ଦିରରେ ଯଜ୍ଞରକ୍ଷା ଓ ସୀତା ବିବାହ ଲୀଳା, ଏପ୍ରିଲ ୧୫ ତାରିଖ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଏକାଦଶୀ ଉପବାସ, ଦିବା ଘ୭।୦୨ମି. ମଧ୍ୟେ ଘ୧।୨୧ମି. ଗତେ, ଘ୨।୫୫ମି. ମଧ୍ୟେ ଘ୪।୩୦ମି. ଗତେ, ଘ୬।୩୦ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ୮।୩୬ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୬ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### କେପି ସିଂଦେଓ ଅସୁସ୍ଥ

**ଢେଙ୍କାନାଳ ଅଫିସ, ୧୪।୪:** ଢେଙ୍କାନାଳ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂଦେଓ (କେପି) ଅସୁସ୍ଥ ହୋଇପଡ଼ିଛନ୍ତି। ୨ଦିନ ତଳେ ନିର୍ବାଚନ ପ୍ରଚାର କରୁଥିବାବେଳେ ଅସହ୍ୟ ତାତି ସହି ନ ପାରି ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶରୀରରେ ସୋଡିୟମ୍ ମାତ୍ରା କମିଯିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ହସ୍ପିଟାଲରେ ୩ ଦିନ ରହିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପରୀକ୍ଷା ରିପୋର୍ଟରୁ ତାଙ୍କର ସେଭଳି କୌଣସି ସମସ୍ୟା ନ ଥିବା ଜଣାପଡ଼ିଛି। ରବିବାର କେପିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ତାଙ୍କ ବଡ଼ପୁଅ ଅମରଜ୍ୟୋତି ସିଂଦେଓ ସୂଚନା ଦେଇଛନ୍ତି।

### ବିଜେଡିରେ ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ସଞ୍ଜୟ ବାବୁ ଓ ସନ୍ତୋଷ ଜେନାଙ୍କୁ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସନ୍ତୋଷ ଲେଙ୍କା ବିଜେଡି ମିଡିଆ ପ୍ୟାନେଲିଷ୍ଟ ଭାବେ ମନୋନୀତ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି କରାଯାଇଛି।

■ ପ୍ରଚଳନ ହେଲା ନୂଆ ପାଞ୍ଜି

# ଚଳିତ ବର୍ଷ ଓଡ଼ିଶାରେ କୃଷି ଉତ୍ପାଦନ ମଧ୍ୟମ

**ପୁରୀ ଅଫିସ, ୧୪।୪**

ସୌରମାନ ମାସ ଅନୁସାରେ ରବିବାର ଓଡ଼ିଆ ବର୍ଷର ପ୍ରଥମ ଦିନ ଏବଂ ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି। ଏହିଦିନଠାରୁ ଏକମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ଏହି ଦିନଠାରୁ ପ୍ରଚଳନ ଆରମ୍ଭ ହୋଇଛି। ପାଞ୍ଜି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପାଞ୍ଜିରେ ଚଳିତବର୍ଷ ଗ୍ରହମାନଙ୍କ ସ୍ଥିତିକୁ ଲକ୍ଷ୍ୟକଲେ ଜଣାଯାଏ, ୪।୧୧।୨୦୧୯ ସୋମବାର ରାତ୍ରି ୯ଟା ୧୨ ମିନିଟ୍ ସମୟେ ବୃହସ୍ପତି ମୂଳା ନକ୍ଷତ୍ର ଧନୁରାଶିକୁ ଗମନ କରିବେ। ଏ ବର୍ଷ ରାହୁ କେତୁ ଚଳନ ହେବନାହିଁ। ୧୬।୭।୨୦୧୯ ମଙ୍ଗଳବାର ଆଷାଢ଼ ପୂର୍ଣ୍ଣିମା ତିଥିରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ। ସେହିପରି ୨୬।୧୨।୨୦୧୯ ଗୁରୁବାର ପୌଷ ଅମାବାସ୍ୟା ଦିନ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ। ଏ ବର୍ଷ ରାଜା ହେଉଛନ୍ତି ରବି, ମନ୍ତ୍ରୀ ବୁଧ, ପୁରୋହିତ ଶନି, ଜ୍ୟୋତିଷୀ ମଙ୍ଗଳ, ପରୀକ୍ଷକ ଶୁକ୍ର, ଡଗର ବୃହସ୍ପତି ଓ ଅର୍ଥରକ୍ଷକ ହେଉଛନ୍ତି ବୁଧ। ଧନୁ ରାଶିରେ ବାରମ୍ବାର ପଞ୍ଚ ଏବଂ ଷଡ଼ଗ୍ରହକୂଟ ରହିଛି। ଫଳରେ ଏହା ପୃଥିବୀର ଜନସମାଜ ପ୍ରତି ଶୁଭସୂଚକ ନୁହେଁ। ଶନି, ରାହୁ ପରସ୍ପର ସପ୍ତମ ଭାବରେ ରହୁଥିବାରୁ ପୃଥିବୀର ଉନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରେ ଧ୍ୱଂସର ତାଣ୍ଡବଲୀଳା, ବିସ୍ଫୋରଣ, ରକ୍ତପାତ ଓ ଜନଅସନ୍ତୋଷ ବୃଦ୍ଧି ପାଇବ। ଶନିଦୃଷ୍ଟି ଫଳରେ ଆଫ୍ରିକା ମହାଦେଶର ପୂର୍ବ ଭାଗ ଓ ସଉଦି ଆରବ ଅଞ୍ଚଳରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ, ବିସ୍ଫୋରଣ, ଆକାଶଯାନ ଦୁର୍ଘଟଣା ଦେଖାଯିବ। ଭାରତର ସ୍ଥିତିକୁ ଦେଖିଲେ ଚଳିତବର୍ଷ ଖାଦ୍ୟ ସଙ୍କଟ ତଥା ମୂଲ୍ୟବୃଦ୍ଧି ଉତ୍କଟ ହେବ। ବହିର୍ବାଣିଜ୍ୟ ଓ ବୈଦେଶିକ ବ୍ୟାପାର କ୍ଷେତ୍ରରେ ଉନ୍ନତି ଘଟିବ। ଶ୍ରମ, ଶିଳ୍ପ, ଯୋଜନା, ସମନ୍ୱୟ, ଜନକଲ୍ୟାଣ, ପ୍ରତିରକ୍ଷା ଓ ପରିବାର ନିୟୋଜନ ଆଦି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଅକ୍ଟୋବର ଏବଂ ନଭେମ୍ବରରେ ଦକ୍ଷିଣ ପୂର୍ବ ଉପକୂଳରେ ବାତ୍ୟା, ବନ୍ୟାର ଆଶଙ୍କା ରହିଛି। ସେହିପରି ଓଡ଼ିଶାରେ ଏ ବର୍ଷ କୃଷି ଉତ୍ପାଦନ ମଧ୍ୟମ ହେବ। ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ନେଇ ଜନ ଅସନ୍ତୋଷ ଦେଖାଦେବ। ରାଜ୍ୟର ଅନେକ ସ୍ଥାନରେ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁଣ୍ଡ ଟେକିବ। ବହୁକ୍ଷେତ୍ରରେ ଶାସକୀୟ ଦୁର୍ବଳତାର ସୂଚନା ରହିଛି। ରାଜନୈତିକ ଝଡ଼ ବର୍ଷସାରା ଲାଗି ରହିବ। ବାରମ୍ବାର ବିଭାଗ ଅଦଳବଦଳର ସମ୍ଭାବନା ରହିଛି। ବିଭିନ୍ନ ସ୍ଥାନରେ ଅଗ୍ନିଉତ୍ପାତ ଏବଂ ଉତ୍ତର ପୂର୍ବ ଓଡ଼ିଶାରେ ପ୍ରବଳ ବନ୍ୟା, ବାତ୍ୟାର ଆଶଙ୍କା ରହିଛି। ତଥାପି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ପ୍ରଭୃତି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ବୋଲି ଡ. ଦାଶ କହିଛନ୍ତି।

# ସ୍ୱଚ୍ଛ, ଅବାଧ ନିର୍ବାଚନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁପ୍ରକାର ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ଜିଲାରେ ଏବେ ସୁଦ୍ଧା ୧୩,୩୪୩ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସିଆର୍‌ପିସି ୧୦୭/୧୧୦ ଧାରା ଅନୁଯାୟୀ ୫୪,୯୨୧ ଜଣଙ୍କୁ ଅଟକ ରଖାଯାଇଛି। ୫,୧୭୭ ଲାଇସେନ୍ସପ୍ରାପ୍ତ ବନ୍ଧୁକ ସଂପୃକ୍ତ ଜିଲା ପ୍ରଶାସନରେ ଜିମା ଦିଆଯାଇଛି। ଲାଇସେନ୍ସ ନ ଥିବା ୨୩୨ ଅସ୍ତ୍ରଶସ୍ତ୍ର ଏବଂ ୧୪୩୩.୦୩୨ କିଲୋଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୭୯୭୮.୩୧୫ ବଲ୍କ ଲିଟର ମଦ ଜବତ କରାଯାଇଥିବା ଜଣାପଡିଛି। ଏହି ମଦର ଆନୁମାନିକ ମୂଲ୍ୟ ପ୍ରାୟ ୩,୫୧,୮୯,୧୭୭ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଓଡ଼ିଶା ପୋଲିସ ଏବଂ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୨,୯୭, ୨୫୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବା ୩୨,୭୪,୮୪୧ ପୋଷ୍ଟରକୁ ହଟାଯାଇଛି। ବ୍ୟକ୍ତିଗତ ମାଲିକାନାରେ ଲାଗିଥିବା ୨,୮୨,୧୯୮ ହୋର୍ଡିଂ ଓ ପୋଷ୍ଟର ଆଦିକୁ ମଧ୍ୟ ବାହାର କରିଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍‌ନଂ.୦୬୭୪-୨୩୯୫୦୧୫କୁ ବର୍ତ୍ତମାନ ସୁଦ୍ଧା ୮୩୫ଟି କଲ୍ କରାଯାଇ ବିଭିନ୍ନ ସୂଚନା ମିଳିଛି। ସି-ଭିଜିଲ୍ ଆପ୍ ଦ୍ୱାରା ୧୨୯୩ ଅଭିଯୋଗ ଗ୍ରହଣ କରାଯାଇ ୧୨୨୬ଟିର ସମାଧାନ କରାଯାଇଛି।

# ୧୬ରେ ରୋଡ୍ ଶୋ’ କରିବେ ମୋଦି

**କାଉଣ୍ଟର ପାଇଁ ବିଜେଡିର ଯୋଜନା**

**ଭୁବନେଶ୍ୱର, ୧୪।୪(ବ୍ୟୁରୋ)**

ଗତ ୪ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଲଗାତର ଭାବେ ଓଡିଶା ଗସ୍ତରେ ଆସିଛନ୍ତି। ଚଳିତ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାପରେ ମଧ୍ୟ ମୋଦି ଏବଂ ଶାହ ବାରମ୍ବାର ଓଡିଶା ଆସି ବିଭିନ୍ନ ସଭାରେ ଯୋଗଦେଉଛନ୍ତି। ଗତ ଦେଢ ମାସ ମଧ୍ୟରେ ଉଭୟ ପ୍ରାୟ ୧୦ଥର ରାଜ୍ୟ ଗସ୍ତରେ ଆସିଥିବା ଦେଖିବାକୁ ମିଳିଛି। ଉଭୟଙ୍କ କାର୍ଯ୍ୟକ୍ରମ ମଧ୍ୟ ଲଗାତର ଭାବେ ଚାଲିଛି। ଆସନ୍ତା ୧୬ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡିଶା ଆସୁଛନ୍ତି। ଏହି ଅବସରରେ ସେ ସମ୍ବଲପୁର ଗସ୍ତ କରି ସେଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ। ସେହିଦିନ ୪ଟାରେ ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାପରେ ବିମାନବନ୍ଦର ଠାରୁ ଏକ ବିଶାଳ ରୋଡ ଶୋ’ରେ ବାହାରି ଏୟାରପୋର୍ଟ, ଗଙ୍ଗନଗର, ଓୟୁଏଟି ଏବଂ ଶିରିପୁର ଛକ ଦେଇ ସିଟି ଓମେନ୍ସ କଲେଜ ପାଖରେ ଥିବା ବାମ ପାର୍ଶ୍ୱ ବୁଲି ଶିବ ମନ୍ଦିର ଦେଇ ବରମୁଣ୍ଡା ପଡିଆରେ ପହଞ୍ଚିବେ। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର ଏହି ସୂଚନା ଦେଇଛନ୍ତି। ରୋଡ ଶୋ ପରେ ବରମୁଣ୍ଡା ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଉଦ୍‌ବୋଧନ ଦେବେ । ଏହି ଅବସରରେ ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ । ଏହି ରୋଡ ଶୋ ସମୟରେ ପାରମ୍ପରିକ ବାଦ୍ୟ, ପାଇକ ଆଖଡା, ଦଣ୍ଡନାଚ, ସମର କଳା ଆଦି ପ୍ରଦର୍ଶନ କରାଯିବ। ସବୁବର୍ଗର ବ୍ୟକ୍ତିବିଶେଷମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଏହି ରୋଡ ଶୋ ଓ ସମାବେଶକୁ ସଫଳ କରିବା ପାଇଁ ସମୀର ଅନୁରୋଧ କରିଛନ୍ତି। ଅନ୍ୟପଟେ ମୋଦିଙ୍କ ଏହି କାର୍ଯ୍ୟକ୍ରମ ଉପକୂଳ ଓଡିଶା ଉପରେ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମୋଦିଙ୍କ ଗସ୍ତର ଦିନକ ପରେ ଶାହ ପୁଣି ଓଡିଶା ଗସ୍ତରେ ଆସୁଛନ୍ତି। ଏହାପରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନର ପ୍ରଚାର ପାଇଁ ପୁଣିଥରେ ମୋଦି ଓ ଶାହ ରାଜ୍ୟ ଗସ୍ତରେ ଆସିବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସେହିପରି ମୋଦିଙ୍କ ୧୬ତାରିଖ କାର୍ଯ୍ୟକ୍ରମକୁ କାଉଣ୍ଟର ଦେବା ପାଇଁ ବିଜେଡି ମଧ୍ୟ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।

■ ଭାଜପାର ସାଇକେଲ୍ ଯାତ୍ରା ଆରମ୍ଭ

# ରାଜଧାନୀର ପ୍ରତି ଘରେ ଦଳର ସଂକଳ୍ପ ପତ୍ର ପହଞ୍ଚାଇବେ କର୍ମୀ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ଫିର୍ ଏକ୍ ବାର୍ ମୋଦି ସରକାର ଏହି ବାର୍ତ୍ତା ନେଇ ରାଜଧାନୀର ପ୍ରତ୍ୟେକ ଘରକୁ ଭାଜପାର କେତେଜଣ କର୍ମୀ ଯିବେ। ଓଡିଶାରେ ରାଜ୍ୟ ସରକାର ବଦଳିବା ଦରକାର ଏହି ବାର୍ତ୍ତା ନେଇ ଭାଜପା ଜାରି କରିଥିବା ସଂକଳ୍ପ ପତ୍ରକୁ ଦଳର ୩୦ଜଣ ଯୁବକ ରାଜଧାନୀର ସମସ୍ତ ଗଳି, ବସ୍ତି ଏବଂ ବିଭିନ୍ନ ସ୍ଥାନକୁ ସାଇକେଲରେ ବୁଲିବେ। ଏହି ବାର୍ତ୍ତାଗୁଡିକୁ ନେଇ ରାଜଧାନୀର ଭୋଟରମାନଙ୍କ ପାଖରେ ପହଞ୍ଚାଇବେ ଏବଂ ଅଡିଓ ରେକର୍ଡିଂକୁ ଘରେ ଘରେ ଶୁଣାଇବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଦିନରେ ସୁନାର ଭାରତ ଏବଂ ଶକ୍ତିଶାଳୀ ଭାରତ ଗଠନ କରିବାରେ ଏହି ଯୁବ ବନ୍ଧୁମାନେ ସାହାଯ୍ୟ କରିବେ ବୋଲି ରବିବାର ସାଇକେଲ ଶୋଭାଯାତ୍ରା ଉଦ୍‌ଘାଟନ ଅବସରରେ ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ସମସ୍ତ ସାଇକେଲ ଚାଳକଙ୍କୁ ଦଳୀୟ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ଯୁବପିଢିମାନେ ମୋଦିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବୁଲି ବୁଲି ଲୋକମାନଙ୍କୁ ସଚେତନ କରାଇବେ ବୋଲି ସମୀର କହିଛନ୍ତି।

# ବିଜେଡି ସହ ରହିବି: ଆଶୀର୍ବାଦ

**କଟକ ଅଫିସ,୧୪।୪:** ଚଳିତ ନିର୍ବାଚନରେ ବିଜେଡିକୁ ସମର୍ଥନ ଜଣାଇବେ ଯାଦବ ନେତା ତଥା କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା। ରବିବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହା ଘୋଷଣା କରିଛନ୍ତି। ଏଥର ସେ ବିଜେଡି ଟିକେଟ ପାଇବା ଆଶାରେ ଥିଲେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହାକୁ ଆଶୀର୍ବାଦ ଖଣ୍ଡନ କରିଛନ୍ତି। ହେଲେ ତାଙ୍କ ସମର୍ଥନ ଯୋଗୁ ବିଜେଡି ଯାଦବ ଓ କ୍ରୀଡ଼ା ସଂଗଠନ ସହ ସମ୍ପୃକ୍ତ ଭୋଟ ହାତେଇବାରେ ସକ୍ଷମ ହେବ ବୋଲି ଚର୍ଚ୍ଚା ହେଉଛି। ଏନେଇ କଟକ-ବାରବାଟୀ ଆସନର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ୍ କହିଛନ୍ତି ଯେ, କଟକବାସୀ କଂଗ୍ରେସ ପ୍ରତି ଆସ୍ଥା ରଖିଛନ୍ତି। ଆଶୀର୍ବାଦଙ୍କ ସମର୍ଥନ କୌଣସି ବଡ଼ ଫରକ ପକାଇବ ନାହିଁ। ଭାଜପା ପ୍ରାର୍ଥୀ ସମୀର ଦେ ମଧ୍ୟ ଆଶୀର୍ବାଦଙ୍କ ଘୋଷଣାକୁ ହାଲକା ଭାବେ ଗ୍ରହଣ କରି କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି।

ସୂଚନାଥାଉ କି, ଭାଜପା ପ୍ରାର୍ଥୀ ସମୀର ହେଉଛନ୍ତି ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି। ଅଲିମ୍ପିକ ଆସୋସିଏଶନ ଅଧୀନରେ ସମସ୍ତ କ୍ରୀଡ଼ା ସଙ୍ଗଠନଅନୁବନ୍ଧିତ।ପୂର୍ବରୁଅଲିମ୍ପିକଆସୋସିଏଶନରସମ୍ପାଦକପଦବୀରେଆଶୀର୍ବାଦ ଥିଲେ। ଏଣୁ କ୍ରୀଡ଼ା ସଙ୍ଗଠନକୁ ବ୍ୟବହାର କରି ଭୋଟ ହାତେଇବା ପାଇଁ ଆଶୀର୍ବାଦ-ସମୀରଙ୍କ ଭିତରେ ଏବେ ଅଙ୍କକଷା ହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଲା ଭାଜପା, ମୋଦି କେଉଁଥିରେ ଫେଲ୍ କୁହନ୍ତୁ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ଜାତୀୟ ଗଣମାଧ୍ୟମ ଆଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯୋଗ୍ୟ ବୋଲି କହିଛନ୍ତି । ମୋଦି ଆଉଥରେ ପ୍ରଧାନମନ୍ତ୍ରୀ ନ ହୁଅନ୍ତୁ ବୋଲି ନବୀନ ମତ ରଖିଛନ୍ତି। ଶାସନ କରିବାରେ ମୋଦି ଫେଲ୍ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ କେତୋଟି ପ୍ରଶ୍ନ ପଚରାଯାଇଛି। ମୋଦି କେଉଁଥିରେ ଫେଲ୍ ହୋଇଛନ୍ତି ସେ ଉତ୍ତର ରଖନ୍ତୁ। ମୋଦି ଓଡିଆରେ ଜୟ ଜଗନ୍ନାଥ କହିଲେ ବୋଲି ନବୀନବାବୁଙ୍କ ଆଖିରେ ଫେଲ୍ ହୋଇଗଲେ କି ବୋଲି ଭାଜପା ପ୍ରଶ୍ନ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କେବେ ଭାଷଣରେ ଜୟ ଜଗନ୍ନାଥ ବୋଲି କୁହନ୍ତି ନାହିଁ। କମଳା ପୂଜାରୀ, ପ୍ରକାଶ ରାଓ, ହଳଧର ନାଗ, ଦୈତାରି ନାୟକ, ଜିତେନ୍ଦ୍ର ହରିପାଲ, ଗୋବର୍ଦ୍ଧନ ପାଣିକାଙ୍କ ଭଳି ମାଟିର ସନ୍ତାନମାନଙ୍କୁ ପଦ୍ମ ପୁରସ୍କାରରେ ପୁରସ୍କୃତ କରିବା କ’ଣ ମୋଦିଙ୍କ ଭୁଲ୍ ବୋଲି ନବୀନବାବୁ ଭାବୁଛନ୍ତି କି। ମୁଖ୍ୟମନ୍ତ୍ରୀ ଦିନେ ହେଲେ ସେମାନଙ୍କୁ ପଚାରନ୍ତି ନାହିଁ, ମାତ୍ର ମୋଦି ସେମାନଙ୍କୁ ରାଷ୍ଟ୍ରର ସବୁଠାରୁ ବଡ ପୁରସ୍କାରରେ ସମ୍ମାନିତ କଲେ। ସମୀର ଆହୁରି କହିଛନ୍ତି, ମୋଦି ସରକାର ଓଡିଶାରେ ୫୬ ଲକ୍ଷ ପରିବାର ପାଖରେ ପାଇଖାନା ପହଞ୍ଚାଇଲେ, ଦେଶର ୭ କୋଟି ତଥା ଓଡିଶାର ୩୮ ଲକ୍ଷ ଘରେ ଉଜ୍ଜ୍ୱଳା ଗ୍ୟାସ ପହଞ୍ଚାଇ ମା’ ଭଉଣୀମାନଙ୍କୁ ଧୂଆଁରୁ ମୁକ୍ତି ଦେଲେ। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣର ଜବାବ ପ୍ରଧାନମନ୍ତ୍ରୀ ଦେଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ଭାଜପା ପ୍ରତି ଥିବା ଭୟ ଏବେ ୧୦ ଗୁଣ ବଢିଛି। ମୋଦିଙ୍କୁ ଆଉ ଥରେ ପ୍ରଧାନମନ୍ତ୍ରୀ ଭାବେ ବସାଇବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବସିବ ଏକଥା ସ୍ପଷ୍ଟ ହୋଇଗଲାଣି ବୋଲି ସମୀର କହିଛନ୍ତି।



ତୁମେ ଯାହା ଜାଣିଛ- ତାହା ହିଁ ଯେ ଏକମାତ୍ର ସତ୍ୟ- ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ- ତୁମେ ଯଦି ଏହିପରି ଭାବୁଥାଅ- ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ- ତୁମେ ତାହା ହିଁ କରୁଛ।

-ଶ୍ରୀମା

# ତତଲା ତାୱା

ରାଫାଲ୍ ଭୂତ କେନ୍ଦ୍ରର ଭାଜପା ସରକାରକୁ ଛାଡ଼ିଯିବାର ଦେଖାଯାଉ ନାହିଁ। ୧୩ ଏପ୍ରିଲ ୨୦୧୯ରେ ଫ୍ରାନ୍ସର ଅନ୍ୟତମ ଜଣାଶୁଣା ଖବରକାଗଜ 'ଲ ମନ୍ଦ' ରିପୋର୍ଟ ପ୍ରକାଶ କରିଛି ଯେ, ଭାରତ ଓ ଫ୍ରାନ୍ସ ମଧ୍ୟରେ ରାଫାଲ୍ ଚୁକ୍ତି ଘୋଷଣା ପରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେଶନ୍‌ର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ'କୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିଲା। ଉକ୍ତ ଖବରରୁ ଆହୁରି ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ୍ ଯୁଦ୍ଧବିମାନ କିଣିବା ସକାଶେ ଘୋଷଣା କରିବାର ୫ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ। 'ଲ ମନ୍ଦ'ର ଚାଞ୍ଚଲ୍ୟକର ରିପୋର୍ଟ ମୋଦି ସରକାରଙ୍କ ସହ ଅନିଲଙ୍କ ଘନିଷ୍ଠ ସମ୍ପର୍କର ବିଭିନ୍ନ ଦିଗକୁ ପଦାକୁ ଆଣିଛି।

ରାଫାଲ୍ ଯୁଦ୍ଧବିମାନ କ୍ରୟ ବିବାଦ ଉପରେ ଦୃଷ୍ଟି ପକାଇଲେ ଅନେକ ଜଟିଳ ତଥ୍ୟ ସାମ୍ନାକୁ ଆସୁଛି। ଉପା ସରକାର ଅମଳରେ ପ୍ରତିଟି ରାଫାଲ୍ ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣାଯିବା ଲାଗି କଥାବାର୍ତ୍ତା ହୋଇଥିବା ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଭାଜପା କ୍ଷମତାସୀନ ହେବା ପରେ ଗୋଟିଏ ଯୁଦ୍ଧବିମାନର କିଣା ଦାମ୍ ହଠାତ୍ ବୃଦ୍ଧି ପାଇ ୧୬୭୦ କୋଟି ଟଙ୍କାରେ ପହଞ୍ଚିଥିଲା। କଂଗ୍ରେସ ଅଭିଯୋଗ କରିଛି ଯେ, ଉକ୍ତ ବିମାନର ମୂଲ୍ୟ ବଢ଼ା ଯାଇଥିବାରୁ ଏଥିରେ ବଡ଼ ଧରଣର ଦୁର୍ନୀତି ଘଟିଛି। ଉଲ୍ଲେଖଯୋଗ୍ୟ, ଏହି ଚୁକ୍ତି ବେଳେ ଭାରତର ରାଷ୍ଟ୍ରାୟତ୍ତ ଯୁଦ୍ଧବିମାନ ନିର୍ମାଣକାରୀ ସଂସ୍ଥା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ସହିତ ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ସର ବହୁ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ହାଲ୍‌ର ଯୁଦ୍ଧବିମାନ ତିଆରିର ଦୀର୍ଘବର୍ଷର ଅଭିଜ୍ଞତା ଥାଇ ମଧ୍ୟ ତରବରିଆ ଏହାକୁ ହଟାଇ ଅଧିକ ଖର୍ଚ୍ଚରେ ଅନିଲଙ୍କ 'ରିଲାଏନ୍ସ ଡିଫେନ୍ସ'କୁ କାମ ମିଳିବା ସ୍ୱାଭାବିକ ଭାବେ ଅନେକ ପ୍ରଶ୍ନ ଉଠାଇଛି। ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ୍ ନିର୍ମାତା ଡାସଲ୍ଟ ଆଭିଏଶନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯାଇଥିବାରୁ ଚୁକ୍ତି ବେଳେ ଆର୍ଥିକ ଅନିୟମିତତା ଘଟିଥିବା କୁହାଯାଉଛି। ସବୁଠାରୁ କୌତୂହଳର ବିଷୟ ଯେ, ରାଫାଲ୍ ଚୁକ୍ତିର ମାତ୍ର ୧୫ ଦିନ ପୂର୍ବରୁ ରିଲାଏନ୍ସ ଡିଫେନ୍ସ ଗଢ଼ି ଉଠିଥିଲା। ଏଭଳିସ୍ଥଳେ ଯୁଦ୍ଧବିମାନ ତିଆରିର ଅଭିଜ୍ଞତା ଅର୍ଜନ କରି ନ ଥିବା କମ୍ପାନୀକୁ ଡାସଲ୍ଟ ଆଭିଏଶନ ଚୟନ କରିବା ବେଳେ ରାଜନୈତିକ ହସ୍ତକ୍ଷେପ ନିଶ୍ଚିତ ଭାବେ ରହିଥିବା ବୁଝିହେଉଛି।

ପ୍ରତିରକ୍ଷା ଦେଶର ଏକ ସମ୍ବେଦନଶୀଳ କ୍ଷେତ୍ର। ମୋଦି ସରକାର ବାରମ୍ବାର ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବାକୁ ଚାହୁଁଥିବା କହିଆସୁଛି। ସେନା ଓ ସୈନ୍ୟଙ୍କୁ ଉପଯୁକ୍ତ ଯୁଦ୍ଧ ସରଞ୍ଜାମ ଯୋଗାଇ ସଶକ୍ତ କରିବାର ସ୍ଲୋଗାନ୍ ଦିଆଯାଉଛି। ଏପରିସ୍ଥଳେ ଅନଭିଜ୍ଞ କମ୍ପାନୀକୁ ମଝିରେ ପୂରାଇ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ପଛରେ କ'ଣ କାରଣ ଅଛି ତାହା ସମସ୍ତେ ଜାଣିବାକୁ ଇଚ୍ଛୁକ। କେବଳ ସେତିକି ନୁହେଁ, ଗତ କିଛିବର୍ଷ ହେବ ଅନିଲଙ୍କ ବ୍ୟବସାୟିକ ସାମ୍ରାଜ୍ୟ କ୍ଷତିରେ ଚାଲୁଥିବାରୁ ଯେଭଳି ହେଉ ପଛେ ତାଙ୍କୁ ବଞ୍ଚାଇ ରଖିବାକୁ ଯାଇ ତାଙ୍କ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' କମ୍ପାନୀକୁ ଫ୍ରାନ୍ସ ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିବାରେ ଭାଜପା ସରକାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି କୁହାଯାଉଛି। ଏଥିରୁ ବୁଝିବାକୁ ହେବ ଯେ, ରିଲାଏନ୍ସ ଡିଫେନ୍ସକୁ ସିଧାସଳଖ ଓ ପରୋକ୍ଷରେ ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସକୁ ଆର୍ଥିକ ସୁବିଧା ଦେଇ ଭାଜପା ପକ୍ଷପାତିତାର ନୂଆ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଯେଉଁ ଦେଶରେ କ୍ରୋନି କ୍ୟାପିଟାଲିଜିମ୍ ବା ସରକାର ଓ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇଥାଏ, ସେଠାରେ ଦୁର୍ନୀତି ହେବା ଅବଶ୍ୟମ୍ଭାବୀ। ପୂର୍ବରୁ ଉପା ସରକାର ବିଭିନ୍ନ ପ୍ରକାର ଦୁର୍ନୀତିରେ ବୁଡ଼ି ରହିଥିବା ଲୋକେ ଅନୁଭବ କରିବା ପରେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ମୋଦି ସରକାର ଉପାର ଦୁର୍ନୀତି ବିରୋଧୀ ନାରା ଦେଇ କ୍ଷମତାକୁ ଆସିଥିଲା। ଏବେ ଭାଜପା ସରକାରର ୫ ବର୍ଷର କାରନାମା ଗୋଟିଏ ପରେ ଗୋଟିଏ ଲୋକଲୋଚନକୁ ଆସିଲାଣି। ଏସବୁକୁ ଦେଖିଲେ ଲାଗୁଛି ଯେ, ଭୋଟର ଏବେ ଫୁଟିଲା ପାଣି ଓ ତତଲା ତାୱା ମଝିରେ ଅଟକି ଯାଇଛନ୍ତି।

## ଏଇ ଭାରତରେ

ଗୋଟିଏ ଗାଁରେ ଦୁଇଟି ରାଜ୍ୟର ଲୋକ ବାସ କରୁଛନ୍ତି। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ହରିୟାଣାରେ। କାରଣ ଏହି ଗାଁ ସହିତ ଦୁଇଟି ରାଜ୍ୟର ସୀମା ସଂଲଗ୍ନ ହୋଇରହିଛି। ଗାଁର ଗୋଟିଏ ମୁଣ୍ଡରେ ହରିୟାଣା ରାଜ୍ୟର ଭୋଟର ଥିବାବେଳେ ଅନ୍ୟ ପଟେ ଉତ୍ତରପ୍ରଦେଶ ଭୋଟର ରହିଛନ୍ତି। ଏହା ହେଉଛି ଯମୁନା ନଗର ଅନ୍ତର୍ଗତ ଘୋଡୋ ପିପଲି ଗ୍ରାମ। ଉକ୍ତ ଗାଁରେ ହରିୟାଣାର ୨୫୦ ପରିବାର ବାସ କରୁଥିବାବେଳେ ଉତ୍ତରପ୍ରଦେଶର ୩୫ ପରିବାର ରହୁଛନ୍ତି। ଏଠାରେ ହରିୟାଣା ଭୋଟରଙ୍କ ସଂଖ୍ୟା ୧୪ଶହ ଥିବାବେଳେ ଉତ୍ତରପ୍ରଦେଶର ଭୋଟର ଅଛନ୍ତି ୧୫୦। ଗାଁରେ ୮୦ ପ୍ରତିଶତ ଲୋକ ଗୁଜ୍ଜର ସମ୍ପ୍ରଦାୟର ହୋଇଥିବାବେଳେ ୧୮ ପ୍ରତିଶତ ମଲ୍ଲ ଏବଂ ୨ ପ୍ରତିଶତ ଅନ୍ୟ ସମ୍ପ୍ରଦାୟର ଲୋକ ବାସ କରନ୍ତି। ଗାଁ ଲୋକଙ୍କର ମୁଖ୍ୟ ଜୀବିକା ହେଉଛି ଚାଷ। ସେମାନଙ୍କର ବିଭିନ୍ନ ଅଭାବ ଅସୁବିଧା ଦୂର କରିଥାଆନ୍ତି ଏହି ଦୁଇ ରାଜ୍ୟ। ଏହି ଗାଁର ଲୋକେ ମିଳିମିଶି ସରପଞ୍ଚ ଚୟନ କରନ୍ତି। ଏଠାରେ ଦୁଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ମୂଳକ କାର୍ଯ୍ୟ କରାଯାଏ ବୋଲି ସରପଞ୍ଚ ସୁମିତ୍ ସିଂ ସୂଚନା ଦେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | | | | | | | | | B | 1 | C | | 2 |
| 4 | | | 6 | B | | | | | 7 | | | | 0 | |
| | | | | | | E | A | 0 | | | 8 | | | D |
| | 5 | 2 | | 3 | | 9 | | 8 | C | | | | A | |
| | 7 | | | | | | | 4 | | 6 | 3 | | 5 | E |
| | 9 | 4 | 5 | | | | 8 | 2 | | | | | 1 | |
| 3 | C | | | | | | | | | | | | | |
| 7 | | 5 | | 8 | | | | | | | | 9 | | 0 |
| | 8 | | | | | A | 0 | | 9 | | 6 | | | |
| 2 | | | | | | 4 | 6 | | D | | 0 | | | A |
| 5 | | C | | A | | | 7 | | | 0 | | | | 4 |
| | 2 | | | | | | | | 1 | 3 | B | | | |
| | | B | | D | | | | 6 | A | | | | E | |
| | | 7 | 1 | | | | 2 | | | | 4 | D | | C |
| 6 | A | | E | 7 | | | | | | 5 | C | 1 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 5 | B | 7 | 1 | 2 | 6 | 3 | A | 0 | E | 8 | 9 | C |
| 3 | B | 1 | 5 | 0 | 9 | E | 7 | D | 8 | 4 | C | 6 | 2 | A |
| 2 | A | 8 | 4 | C | 6 | 0 | 1 | B | 7 | 3 | 9 | E | D | 5 |
| 0 | 6 | 7 | 2 | E | 8 | C | A | 9 | 5 | 1 | D | B | 3 | 4 |
| C | E | 9 | 3 | A | D | 8 | 4 | 5 | 2 | B | 6 | 1 | 0 | 7 |
| E | 3 | 4 | 9 | 6 | 7 | A | 0 | 2 | D | 8 | B | 5 | C | 1 |
| 9 | 2 | 6 | C | 4 | 0 | D | E | 8 | 1 | A | 5 | 7 | B | 3 |
| 1 | 5 | B | 8 | 2 | A | 7 | 9 | 4 | C | E | 3 | D | 6 | 0 |
| 8 | C | D | 1 | 5 | E | 3 | B | 6 | 4 | 7 | 0 | 2 | A | 9 |
| A | 7 | 0 | D | 3 | B | 1 | 5 | C | 6 | 9 | 2 | 4 | E | 8 |
| 7 | 0 | 2 | E | D | 4 | 9 | C | A | B | 5 | 1 | 3 | 8 | 6 |
| 4 | 1 | C | 7 | 8 | 2 | 6 | 3 | E | 9 | D | A | 0 | 5 | B |
| 6 | 8 | A | 0 | B | 3 | 5 | 2 | 7 | E | C | 4 | 9 | 1 | D |
| B | 9 | E | A | 1 | 5 | 4 | D | 0 | 3 | 6 | 8 | C | 7 | 2 |
| 5 | D | 3 | 6 | 9 | C | B | 8 | 1 | 0 | 2 | 7 | A | 4 | E |

ଗତକାଲିର ଉତ୍ତର

# ମଣିଷର ମାଙ୍କଡ଼ଡିଆଁ



ମନ-ମାନଚିତ୍ର

ଡ. ନରହରି ବେହେରା

ମାଙ୍କଡ଼ଡିଆଁ ଶବ୍ଦଟାକୁ ଆଜିକାଲିକା ଥୋକେ ପାଠୁଆ ପିଲା ବୁଝିପାରିବେନି, ଏ କଥା ଆମ୍ଭେ ହଲପ୍ ଦେଇ କହିପାରିବୁ। ତେଣୁ ଆମ୍ଭେ ବେଫିକର କହିରଖୁଛୁ, ମମିମାନେ ଯେମନ୍ତ କୋଡ଼ିଏକୁ ଟ୍ୱେଣ୍ଟି ବୋଲି ବୁଝାଇ ଆତ୍ମତୃପ୍ତିରେ ମୁରୁକୁନ୍ଦିଆ ହସ ହସିଥାନ୍ତି, ତେମନ୍ତ ମାଙ୍କଡ଼ଡିଆଁ ଶବ୍ଦଟାକୁ ଜମ୍ପ୍ ଅଫ୍ ମଙ୍କି ବୋଲି କହି ବୁଝାଇପାରିଲେ ଆମ୍ଭ ଆଇଡିଆଟାକୁ ସେମାନେ ଠିକ୍‌ଭାବେ ହଜମ କରିପାରିବେ। ଏଥର ଆମ୍ଭେ ଅସଲ କଥାଟାକୁ ଓକାଳିବାକୁ ଯାଉଛୁ। ସେଦିନ ମିଲୁ ଆମ୍ଭକୁ ମଗଜ ଗରମ କଲାପରିକା ପ୍ରଶ୍ନଟିଏ ପଚାରିଲା- ସତରେ କ'ଣ ଆମ ପୂର୍ବପୁରୁଷ ମାଙ୍କଡ଼ ଥିଲେ? ପ୍ରଶ୍ନଟାର କି ଉତ୍ତର ଦେବୁ ଭାବିହେଲୁ। ଆମ୍ଭେ ସିନା ବହିରେ ପଢ଼ିଥିଲୁ, କିନ୍ତୁ ମାଙ୍କଡ଼ରୁ ମଣିଷ ହେବାର ଠୋସ୍ ପ୍ରମାଣ ତ ଆମ୍ଭ ପାଖରେ ନାହିଁ। ଆମ ପୂର୍ବପୁରୁଷମାନେ ଯଦି ମାଙ୍କଡ଼ ଥିଲେ, କିଛି ଅନାଡ଼ି ମାଙ୍କଡ଼ କାହିଁକି ମଣିଷ ନ ହୋଇ ସେମିତି ରହିଗଲେ? ସେ ମାଙ୍କଡ଼ ରହିଲେ ବୋଲି ସିନା ଆଜି ଏ ପ୍ରଶ୍ନକୁ ହାବୁଡ଼ିବାକୁ ପଡୁଛି। ଏ ହାଲତରେ ଉତ୍ତର ଖୋଜୁ ଖୋଜୁ ମିଲୁ ପୁଣି ପଚାରିଲା- ଯଦି ମାଙ୍କଡ଼ ଆମର ପୂର୍ବପୁରୁଷ ଥିଲେ, ତେବେ ଆମେ ତାଙ୍କପରି ଡିଆଁ ମାରିପାରୁନୁ କାହିଁକି? ଆମ୍ଭକୁ ଉତ୍ତରଟା ମିଳିଗଲା। ଆମ୍ଭେ ହସିଦେଇ କହିଲୁ- କିଏ କହିଲା, ମଣିଷ ମାଙ୍କଡ଼ଡିଆଁ ମାରିପାରେ ନାହିଁ ବୋଲି? ସେ ଜଳଜଳ ହୋଇ ଆମ୍ଭକୁ ଚାହିଁଲା। ଆମ୍ଭେ ବୁଝିଗଲୁ, ମାଙ୍କଡ଼ ପରି ମଣିଷ ଡେଇଁବାର ସେ ଦେଖିନି, ତେଣୁ କଥାଟାକୁ ଗ୍ରହଣ କରିପାରୁନାହିଁ। ଆମ୍ଭେ ସରଳ ଭାଷାରେ ବୁଝାଇବା ପାଇଁ ଚେଷ୍ଟା କଲୁ- ଡିଆଁଡେଇଁର ମାନସିକତା ଏ ମଣିଷର ରକ୍ତମାଂସରେ ମିଶିଯାଇଛି। ମାଙ୍କଡ଼ ଫଳ ଲୋଭରେ ଏ ଗଛରୁ ସେ ଗଛକୁ ଡେଇଁଥାଏ। ମାତ୍ର ହଜାର ହଜାର ବର୍ଷ ପୂର୍ବରୁ ମାଙ୍କଡ଼ରୁ ମଣିଷ ହୋଇଥିବା ଏ ମଣିଷର ଲୋଭ ଏତେ ବଢ଼ିଯାଇଛି ଯେ, ଦିନରାତି ଚାରିଆଡ଼େ ଖାଲି ମାଙ୍କଡ଼ ପରି ଡିଆଁ ମାରିବାରେ ବ୍ୟସ୍ତ ରହୁଛି। ମଣିଷ ମାଙ୍କଡ଼ ଭଳି ସିନା ଡାଳରୁ ଡାଳକୁ ଡେଇଁପାରିବନି, ମାତ୍ର ସେ ଡେଇଁବାର ଯୋଉ କଳା ହାସଲ କରିଛି ମାଙ୍କଡ଼ଙ୍କ ସାତପୁରୁଷ ବି ତା'ର ଟେର୍ ପାଇପାରିବେନି। ଶାରୀରିକ ଅପେକ୍ଷା ମାନସିକସ୍ତରରେ ମଣିଷ ସବୁବେଳେ ଅନ୍ୟକୁ ପଛରେ ପକାଇ ଡିଆଁ ମାରିବା ପାଇଁ ଯୁଗ ଯୁଗରୁ ଚେଷ୍ଟା କରିଆସିଛି। ଏହାର ଅନେକ ଉଦାହରଣ ଆମ ସମାଜରେ ଦେଖିବାକୁ ମିଳେ।

ପୁଞ୍ଜିଲାଲ ମେହେର ଗୋଟିଏ ମହାବିଦ୍ୟାଳୟର ଅଧ୍ୟକ୍ଷ ହେବା ପାଇଁ ଚେଷ୍ଟା କରିଆସୁଥିଲେ, ମାତ୍ର ତାହା ପୂରଣ ହେଲାନାହିଁ। ଅଧ୍ୟକ୍ଷା ହେଲେ ଅନ୍ୟ ଜଣେ ଅଧ୍ୟାପିକା। ବାବୁ ମେହେରଙ୍କର ପିତ୍ତ ଉଠିଗଲା। ଧରିନେଲେ, ଚୌକି ଡେଇଁବାକୁ ହେଲେ ଏ ଅଧ୍ୟାପିକାଙ୍କୁ ହଟାଇବାକୁ ପଡ଼ିବ। ଅଧ୍ୟାପିକାଙ୍କ ପୁଅ ବାହାଘରକୁ ବୋମା ପାର୍ସଲ ପଠାଇ ତାଙ୍କ ବଂଶ ନିପାତ କରିବାକୁ ଚେଷ୍ଟା କଲେ। ଭଗବାନ ରକ୍ଷା କଲେ ବୋଲି ଅଧ୍ୟାପିକା ବଞ୍ଚିଗଲେ। ଚୌକିରୁ ଚୌକିକୁ ଡେଇଁବାର ପୁଞ୍ଜୀଭୂତ ଆଶା ମଉଳିଗଲା ପୁଞ୍ଜିଲାଲଙ୍କର। ଚୌକି ତ ମିଳିଲା ନାହିଁ, ଏବେ ମୁଠେ ମୁଠେ ହଳଦିଆ ଭାତ ମିଳୁଛି। ମଣିଷ ଉପରକୁ ଡିଆଁ ମାରିବାର ଲାଳସା କେତେ ମାରାତ୍ମକ, ତାହା ଏହି ଘଟଣା ସୂଚାଇଦିଏ।

ନିର୍ବାଚନ ପାଖେଇ ଆସିଲେ ନେତାମାନଙ୍କର ଏହି ମାଙ୍କଡ଼ଡିଆଁର ଅନେକ ଦୃଶ୍ୟ ଦେଖିବାକୁ ମିଳେ। ଚୌକି ଲୋଭରେ ସେମାନେ ଯେମିତି ଉଦଣ୍ଡିଆ ହୋଇ ଏ ଦଳରୁ ସେ ଦଳକୁ ଡିଆଁ ମାରନ୍ତି ତାହା ଦେଖିଲେ ମନେହୁଏ, ସତେଯେମିତି ଡିଆଁ ମାରିବାର ଷୋଳକଳା ଏମାନେ ମାଙ୍କଡ଼ଙ୍କଠାରୁ ନେଇ ଆସିଛନ୍ତି। ଯୋଉ ତୁଣ୍ଡରେ ବିରୋଧୀ ଦଳକୁ ସଉତୁଣୀ ପରିକା ବର୍ଷ ବର୍ଷ ଧରି ଗାଳି ଦେଉଥାନ୍ତି, ରାତିକ ଭିତରେ ସେହି ଦଳକୁ କୁଦାମାରି ପ୍ରଶଂସାରେ ସେମାନଙ୍କୁ ପୋତିପକାନ୍ତି। ଆମପରି ଭକୁଆ ମଣିଷ ସେ ତୁଣ୍ଡ ଆଉ ମୁଣ୍ଡକୁ ଖାଲି ଦେଖୁଥାନ୍ତି। ଏହି ଡିଆଁ ମୂଳରେ ଅଛି କେବଳ କ୍ଷମତାର ଲୋଭ। ଏ କଥା ସତ ଯେ, ଉପରକୁ ଡେଇଁବାର ଲାଳସା ମଣିଷର ଅନ୍ତର୍ନିହିତ ଗୁଣ। ଏହି ଗୁଣ ମଣିଷକୁ ଆଗକୁ ନେବା ପାଇଁ ପ୍ରେରଣା ଦିଏ। କିନ୍ତୁ ଏ ଲାଳସା ଯେତେବେଳେ ଲୋଭ, କ୍ରୋଧ ଓ ପ୍ରତିହିଂସାରେ ପରିଣତ ହୁଏ, ସେତେବେଳେ ପରିସ୍ଥିତି ଭୟଙ୍କର ହୋଇପଡ଼େ। ଦୁଇ ବୁଢ଼ା ହନୁ ଲଢ଼େଇ କଲେ ସେଠାକାର ଗଛଲଟା ସବୁକିଛି ଯେମିତି ନଷ୍ଟ ହୋଇଯାଏ, ସେମିତି ଥରେ ଏ ଲଢ଼େଇ ଆରମ୍ଭ ହେଲେ ଧନଜୀବନ ସବୁ ବିପନ୍ନ ହୋଇଯାଏ। ଏବେ ଘସିପୁରାର ପୂର୍ବତନ ବିଧାୟକଙ୍କୁ ଯେପରି ନୃଶଂସ ଭାବେ ହତ୍ୟା କରାଯାଇଛି, ତାହା ଏହି ଡିଆଁଡେଇଁ ପ୍ରବୃତ୍ତିର ହିଂସ୍ରରୂପର କରୁଣ ପରିଣତିକୁ ସୂଚାଇ ଦେଉଛି।

କ୍ଷମତା, ଭୂମି, ନାରୀ ପ୍ରଭୃତି ଲାଭ ପାଇଁ ଅନ୍ୟକୁ ଅତିକ୍ରମ କରିବା ଲାଗି ଅନେକ ଘଟଣା ପୁରାଣ ଇତିହାସରେ ଭରି ରହିଛି। ଅନେକ ସମୟରେ ଡିଆଁ ମାରୁ ମାରୁ ଏହି ପୁରୁଷମାନେ ଶେଷରେ ମାଟି କାମୁଡ଼ି ପଡ଼ିଥିବାର ନଜିର ମଧ୍ୟ ଅଛି। ରାଜ୍ୟରୁ ପାଞ୍ଚଖଣ୍ଡ ଗାଁ ଦେଇଥିଲେ କଥା ସରିଥାନ୍ତା। ମାତ୍ର ଏକଚ୍ଛତ୍ରବାଦୀ ହେବା ନିଶାରେ ଦୁର୍ଯ୍ୟୋଧନ କେବଳ ଡେଇଁବାରେ ଲାଗିଲେ। ଏହାର ଶେଷ ପରିଣତି ହେଲା ସବଂଶ ନାଶ। ଜାର୍ ଦ୍ୱିତୀୟ ନିକୋଲାସ ଥିଲେ ବିଶାଳ ଭୂଖଣ୍ଡର ଶାସକ। ସେ ସବୁବେଳେ ଅଧିକ କ୍ଷମତା ଏବଂ ସାମ୍ରାଜ୍ୟର ବିସ୍ତାର ପାଇଁ ଅହରହ ଯୁଦ୍ଧ ଏବଂ କ୍ରୂରତାକୁ ଆୟୁଧ କରି ଡିଆଁ ମାରିଲେ। ତେଣୁ ବିଦ୍ରୋହର ନିଆଁ ଜଳିଲା। ବିଦ୍ରୋହୀମାନେ ତାଙ୍କୁ ହତ୍ୟାକରି ଦେହଟାକୁ ଖଣ୍ଡ ଖଣ୍ଡ କରିଦେଲେ। ସେହିପରି ନିଜର ପ୍ରଭୁତ୍ୱ ଜାହିର କରିବା ଉଦ୍ଦେଶ୍ୟରେ ଖାଲି ଡେଇଁବାକୁ ଲାଗିଥିଲେ ହିଟ୍‌ଲର। ନିଜ ଅହଂକାରକୁ ପ୍ରତିଷ୍ଠା କରିବା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ସେ ମହାନାୟକ ସାଜିଥିଲେ। ଉଚ୍ଚକୁ ଡେଇଁବାକୁ ଚେଷ୍ଟା କରୁଥିବା ଏ ହିଟ୍‌ଲର ଶେଷରେ ପଟାସିୟମ୍ ସାୟାନାଇଡ୍ ଖାଇ ଆତ୍ମହତ୍ୟା କଲେ। ତାଙ୍କର ଏତେ ଡିଆଁଡେଇଁରୁ କେବଳ ରକ୍ତପାତ ଓ ହତାଶାବୋଧ ହିଁ ସାର ହେଲା।

ବିଶ୍ୱରେ ନିଜ ସାମ୍ରାଜ୍ୟର ପରିସର ବୃଦ୍ଧି କରିବା ପାଇଁ ଆଲେକ୍‌ଜାଣ୍ଡାର ରାଜ୍ୟରୁ ରାଜ୍ୟକୁ ଡେଇଁ ବୁଲିଲେ। ଏ କ୍ଷମତାର ଲୋଭ ତାଙ୍କୁ ଏମିତି ଅନ୍ଧ କରିଦେଲା ଯେ ଅହର୍ନିଶ ସେ ଯୁଦ୍ଧରେ ମାତି ରହିଲେ। ସେ ଯେତେବେଳେ ଜ୍ୱରାକ୍ରାନ୍ତ ହୋଇ ନିଜର ଅନ୍ତିମ ମୁହୂର୍ତ୍ତକୁ ଅନୁଭବ କରିପାରିଲେ, ସେତେବେଳେ ସମଗ୍ର ବିଶ୍ୱ ତାଙ୍କୁ ଅନ୍ତଃସାରଶୂନ୍ୟ ମନେହେଲା। ଅତ୍ୟନ୍ତ ହତାଶାବୋଧରେ ସେ ସମସ୍ତଙ୍କୁ କହିଲେ- 'ଆସିଥିଲି ଖାଲି ଗଲି ଖାଲି ହାତେ।' ଯେତେ ଡେଉଁଛ ଡେଉଁଥାଅ, ମୁକୁଟ ପିନ୍ଧିବା ପାଇଁ ନରହତ୍ୟା, ଗଣହତ୍ୟା ଯେତେ ବହପ ଦେଖାଉଥାଅ, ଶେଷରେ ଏହି ଖାଲିହାତରେ ଯିବାକୁ ପଡ଼ିବ- ଏହି ମହାସତ୍ୟକୁ ସେ ଉଖାରିଦେଲେ ସମସ୍ତଙ୍କ ଆଗରେ।

ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଅବସରରେ ରାଜ୍ୟରେ ଭୋଜିଭାତର ଆୟୋଜନ ହେଉଥାଏ। ପଙ୍‌କ୍ତି ଭୋଜନର ଗୋଟିଏ ପାର୍ଶ୍ୱରେ ବସିଥାନ୍ତି ମାଙ୍କଡ଼ ଦଳ। ଗୋଟିଏ ଛୁଆ ମାଙ୍କଡ଼ ହାତରୁ ଶିମ୍ବ ମଞ୍ଜିଟିଏ ଛିଟିକି ପଡ଼ିଲା। ସାଧାରଣ ଶିମ୍ବ ମଞ୍ଜିର ଏତେ ବହପ ଯେ ସେ ଡେଇଁପଡ଼ିବ! ଛୁଆ ମାଙ୍କଡ଼କୁ ଏ କଥା ବହୁତ ବାଧିଲା। ସେ କୁଦା ମାରିଲା। ପାଖରେ ବସିଥିବା ଟୋକା ମାଙ୍କଡ଼କୁ ଛୁଆ ମାଙ୍କଡ଼ର ବଡ଼ପଣିଆ ଭଲ ଲାଗିଲା ନାହିଁ। ସେ ଛୁଆ ମାଙ୍କଡ଼ଠୁ ଅଧିକ ଆଗକୁ ଡେଇଁଲା। ଏହାପରେ ଚାଲିଲା ଡିଆଁଡେଇଁ କସରତ। କେହି ନିଜ ଅହଂକାରକୁ ଛାଡ଼ିଲେ ନାହିଁ। ମାଙ୍କଡ଼ମାନେ ଡିଆଁଡେଇଁ କରିବାରୁ ସବୁ ଖାଦ୍ୟ ନଷ୍ଟ ହୋଇଗଲା। ସମସ୍ତେ ଉପାସ ରହିଲେ ସିନା ମାତ୍ର ଡିଆଁଡେଇଁ ବନ୍ଦ ହେଲାନାହିଁ। ଏବେ ଆଧୁନିକ ମଣିଷର ଏ ମାଙ୍କଡ଼ଡିଆଁକୁ ଲକ୍ଷ୍ୟ କଲେ ମନେହେଉଛି, ସତେଯେମିତି ତ୍ରେତୟା ଯୁଗର ସେହି ମାଙ୍କଡ଼ମାନଙ୍କ ଡିଆଁ ମାରିବାର ପ୍ରବୃତ୍ତିଟାକୁ ଏ ମଣିଷ ନିଜ ଜିନ୍‌ରେ ଧରି ଜନ୍ମ ନେଇଛି। ସେହି ମାଙ୍କଡ଼ମାନଙ୍କର ତୁଚ୍ଛା ଅହମିକାକୁ ପୁଞ୍ଜିକରି ଆଜିପର୍ଯ୍ୟନ୍ତ ମଣିଷ ଡେଉଁଛି, ଖାଲି ଡେଉଁଛି। ଏ ଡିଆଁର ଶେଷ ନାହିଁ କି ଦୁଃଖଯନ୍ତ୍ରଣାର ଅନ୍ତ ନାହିଁ। ମଣିଷଠାରେ ମାଙ୍କଡ଼ ପ୍ରବୃତ୍ତିର ଏହାଠାରୁ ବଡ଼ ପ୍ରମାଣ ଆଉ କ'ଣ ଅଛି? ହେ ସୁଧୀଜନେ, ଅନ୍ୟକୁ ଧରାଶାୟୀ କରିବା ପାଇଁ ଆଉ କେତେଦିନ ତୁଚ୍ଛା ଅହମିକାକୁ ଧରି ଏମିତି ଡେଉଁଥିବେ? କାଳ ପରା ଆମକୁ ଚାହିଁଛି!

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ-୭୯୭୮୯୦୩୫୦୯

# ମିଠାଫଳ ଓ ବିଷମଞ୍ଜି



ଉପେନ୍ଦ୍ର ବିଶ୍ୱାଳ

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ବହୁ ପ୍ରତୀକ୍ଷିତ ଊଣେଇଶର ଏ ପରୀକ୍ଷା। ନିର୍ଣ୍ଣାୟକ ଏ ନିର୍ବାଚନରେ ନିହିତ ଭାରତର ଭାଗ୍ୟ ଓ ଭବିଷ୍ୟତ। ପାକିସ୍ତାନ, ଚାଇନା ସମେତ ଦେଶବିରୋଧୀ ଶକ୍ତିଗୁଡ଼ିକ ଅତି ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଛନ୍ତି ପରିଣାମକୁ। ସ୍ୱାଭାବିକ ଭାବେ ସେମାନେ କେବେ ଚାହିଁବେ ନାହିଁ ଭାରତରେ ଏକ ସ୍ଥିର, ସ୍ୱଚ୍ଛ ଓ ବଳିଷ୍ଠ ସରକାର ଶାସନ କରୁ। କାରଣ ଦୁର୍ବଳ, ଅସ୍ଥିର ଓ ଦୁର୍ନୀତିଖୋର ସରକାରଟିଏ ରହିଲେ ତାଙ୍କ ପାଇଁ ସୁବିଧା ହେବ। ଏଣୁ ସାମ୍ପ୍ରତିକ ସ୍ଥିତିରେ ଦେଶ ପାଇଁ ଲୋଡ଼ା ଏକ ଦୃଢ଼ମନା, ଦୂରଦୃଷ୍ଟିସମ୍ପନ୍ନ ଶାସକ। ଲୋଡ଼ା, ଅତ୍ୟନ୍ତ ପରିଶ୍ରମୀ ଓ ପରୀକ୍ଷିତ ବ୍ୟକ୍ତିତ୍ୱ, ଯାହାଙ୍କର ଥିବ ରାଷ୍ଟ୍ର ପ୍ରତି ଅଙ୍ଗୀକାରବଦ୍ଧତା, ପ୍ରଚଣ୍ଡ ଦେଶଭକ୍ତି ଓ କୌଣସି ସମାଲୋଚନାକୁ ଖାତିର ନ କରି କିଛି କରି ଦେଖାଇବାର ଦୃଢ଼ ମାନସିକତା। ଏଣୁ ଆମର ଗୋଟିଏ ଗୋଟିଏ ଭୋଟ, ସମାଜ ଓ ରାଷ୍ଟ୍ର ପାଇଁ ଅତୀବ ମୂଲ୍ୟବାନ। ଆମର ମୂଲ୍ୟବାନ ଭୋଟଖଣ୍ଡିକ ଉପରେ ନିର୍ଭର କରୁଛି ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ଗୌରବ ଓ ଗରିମା। ଲେଶମାତ୍ର ଲୋଭ ଓ ଲାଭର ଶିକାର ନ ହୋଇ ବିବେକକୁ ଜାଗ୍ରତ କରାଇବାକୁ ହେବ। ଠିକ୍ ନିଷ୍ପତ୍ତି ନେବାକୁ ହେବ। ଭୋଟ ଦେବା ପୂର୍ବରୁ ସ୍ୱଚ୍ଛ ହୃଦୟରେ ନିଜ ଅନ୍ତରାତ୍ମାକୁ ପଚାରିବା ଉଚିତ, ମୁଁ ଦେଶକୁ ଧୋକା ଦେଉନି ତ? ମିଥ୍ୟା ଆଶ୍ୱାସନାରେ ଭଳି ଭୁଲ୍ ନିଷ୍ପତ୍ତି ନେବା ଆତ୍ମଘାତୀ ସଦୃଶ। ଆମର ଭୁଲ୍ ନିଷ୍ପତ୍ତି ମାନେ ଭାରତବିରୋଧୀ ଶକ୍ତିକୁ ସମର୍ଥନ। ଜାତି, ଧର୍ମ, ଦେଶର ସ୍ୱାର୍ଥ ପାଇଁ ଧାଇଁ ପାନ୍ନା ନିଜର ବାଲୁତ ପୁତ୍ରକୁ ସମର୍ପି ଦେବାକୁ ପଛାଇ ନ ଥିଲେ। ବିଧର୍ମୀ, ଦେଶବିରୋଧୀ ଶକ୍ତିକୁ ସହାୟତା କରିଥିବା ଯୋଗୁ ଦେବଗଡ଼ର ସେନାପତିଙ୍କୁ ନବବିବାହିତା ସ୍ତ୍ରୀଜଣକ ମଧ୍ୟ ହତ୍ୟା କରିଥିଲେ। ପ୍ରଥମେ ଦେଶର ସ୍ୱାର୍ଥ, ତା' ପରେ ବ୍ୟକ୍ତିସ୍ୱାର୍ଥ। ବ୍ୟକ୍ତିଗତ ଶତ୍ରୁତା ଥିଲେ ବି ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ଶତ୍ରୁକୁ ମଧ୍ୟ ଭୋଟ ଦେବା ଉଚିତ। ମିତ୍ର ହେଲେ ବି ରାଷ୍ଟ୍ରର ସ୍ୱାର୍ଥବିରୋଧୀ ହୋଇଥିଲେ ତାଙ୍କୁ ବର୍ଜନ କରାଯିବା ଉଚିତ। ପ୍ରଚଣ୍ଡ ଅଧ୍ୟାତ୍ମବାଦୀ ଓ ଶିବଭକ୍ତ ଥିଲେ ମଧ୍ୟ ରାଷ୍ଟ୍ରଦ୍ରୋହୀ ଜୟଚନ୍ଦ୍ର କ'ଣ ସମର୍ଥନଯୋଗ୍ୟ?

ଏପରି ବ୍ୟକ୍ତିଙ୍କୁ ଚୟନ କରିବା, ଯିଏ କି ଲୋଭୀ ନ ଥିବ କି ଭୋଗୀ ନ ଥିବ। ସ୍ୱାଭିମାନକୁ ସାଥୀ କରି ସରଳ ଜୀବନ ଜିଉଁଥିବ। ଉଚ୍ଚ ବିଚାର ଓ ସେବା ମନୋଭାବ ରହିଥିବ। ନିର୍ଦ୍ଧନ ହେଲେ ମଧ୍ୟ ପବିତ୍ର ହୃଦୟ ଥିବା ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଆମେ ପ୍ରାଧାନ୍ୟ ଦେବା ଉଚିତ। କାରଣ ଏମାନେ ମଣିଷ ସମାଜର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ମନେପଡ଼େ ବିଶ୍ୱର ବିଶିଷ୍ଟ ବିଦ୍ୱାନ୍ ପ୍ଲାଟୋଙ୍କ ସୁଚିନ୍ତିତ ପରାମର୍ଶ- ''ଶାସକ ହେବାକୁ ଖୁବ୍ ଚାହୁଁଥିବା ଲୋକଙ୍କୁ ଶାସନର ଡୋରି ଦିଆ ନ ଯାଇ, ଆଦୌ ଚାହୁଁ ନ ଥିବା ଲେଖକ ଅବା ଦାର୍ଶନିକ ଅବା ଯୋଗୀମାନଙ୍କୁ ଦିଆଗଲେ ସମାଜର ମଙ୍ଗଳ ସାଧିତ ହେବ।'' ମିଠାଫଳ ଖାଇବାକୁ ହେଲେ ମିଠାଗଛର ଚାରା ହିଁ ରୋପଣ କରିବାକୁ ହୁଏ। ବିଷମଞ୍ଜି ବୁଣି ଅମୃତଫଳ ଆଶା କରିବା ନିରର୍ଥକ। ସୁସ୍ଥ ସମାଜଟିଏ ପାଇବାକୁ ହେଲେ ସଜ୍ଜନମାନଙ୍କୁ ଚୟନ କରିବା ଉଚିତ। ଦୁଷ୍ଟାତ୍ମାମାନେ କ୍ଷମତା ପାଇଲେ, ସମାଜ ବିଷାକ୍ତ ହୋଇଉଠିବ। ଭ୍ରଷ୍ଟ ବ୍ୟକ୍ତିଙ୍କ ମନୋଲୋଭା କଥାରେ ଭାସିଯାଇ ଆମେ ଭୁଲ୍ ନିଷ୍ପତ୍ତି ନେଉଥିବା ଯୋଗୁ ସମାଜରେ ଦୁର୍ଗତି ବଢ଼ି ବଢ଼ି ଚାଲିଛି। ଛବିରାଣୀଙ୍କଠାରୁ ଅଞ୍ଜନା, ଇତିଶ୍ରୀଠାରୁ ବେବିନାଙ୍କ ଭଳି ନାରୀରତ୍ନମାନେ ନାନାଦି ନିର୍ଯାତନାର ଶିକାର ହେଉଛନ୍ତି। କୁହାଯାଏ ପୃଥିବୀ ଏକ ଭୟଙ୍କର ସ୍ଥାନ, ଯେଉଁମାନେ ଖରାପ କାମ କରନ୍ତି ସେମାନଙ୍କ ପାଇଁ ଯେତିକି ନୁହେଁ, ସେମାନଙ୍କୁ ପ୍ରତିରୋଧ ନ କରି ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ। ବେଶ୍ ଭଲ ସଂଖ୍ୟାରେ ଥିବା ଭଲ ଲୋକଙ୍କ ଉଦାସୀନତାର ସୁଯୋଗରେ ଅଳ୍ପ ସଂଖ୍ୟାରେ ଥିବା ଦୁଷ୍ଟ ଲୋକମାନେ ସମାଜକୁ ଉତ୍ପୀଡ଼ନ କରିଥାନ୍ତି। ଶିକ୍ଷିତ, ସଚେତନ ବ୍ୟକ୍ତିମାନେ ଭୋଟଦାନରୁ ବିରତ ରହି ପରୋକ୍ଷରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଜିତାଇବାରେ ସହଯୋଗ କରିଥାଆନ୍ତି। ଆମଠି ଉପଲବ୍ଧ ଥିବା ଶ୍ରେଷ୍ଠ ବିକଳ୍ପକୁ ଚୟନ ନ କରି 'ନୋଟା'ର ଉପଯୋଗ କରିବା ଅଦୂରଦର୍ଶିତାର ପରିଚୟ ବୋଲି ମନେ ହୁଏ। ନିର୍ବାଚନ ମାନେ ହିଁ ତ ଶ୍ରେଷ୍ଠ ଚୟନ। ନିର୍ବାଚନ ମାନେ ନୁହେଁ ନୀରବତା ଅବା ନିଷ୍ପତ୍ତିର ନିର୍ବାସନ।

ଭୋଟର ଥରେ ହୁଡ଼ିଲେ ପୁଣି ୫ବର୍ଷକୁ ଅପେକ୍ଷା। ଏଣୁ ବୁଝି ବିଚାରି ସମୁଚିତ ନିଷ୍ପତ୍ତି ନେବା ନିହାତି ଆବଶ୍ୟକ। ସ୍ୱାର୍ଥାନ୍ଧ, ଦୁରାଚାରୀମାନଙ୍କୁ ଭୋଟ ମାଧ୍ୟମରେ କ୍ଷମତାସୀନ କଲେ ସମାଜକୁ ସେମାନେ କଣ୍ଟକିତ କରି ଚାଲିବେ। ଭଗବାନରୂପୀ ଭୋଟରମାନଙ୍କୁ ତ କ୍ଷମତା ଆଶାୟୀମାନେ ଗୁହାରି କରିବେ। କାକୁସ୍ଥ ହୋଇ ଭୋଟ ଭିକ୍ଷା କରିବେ। ମାତ୍ର ବୁଝି ବିଚାରି ଭୋଟ ନ ଦେଲେ ସମାଜ ସତ୍ୟାନାଶକୁ ସାମ୍ନା କରିବ।

ଏବେ ଆମ ସାମ୍ନାରେ ଦୁଇଟି ରାସ୍ତା। ଠିକ୍ ନିଷ୍ପତ୍ତି ନେଇ ଗୋଟିଏକୁ ବାଛିବା। ସମାଜକୁ ସଜାଡ଼ିବା ନା ବିଗାଡ଼ିବା? ସୁନ୍ଦର ସମାଜଟିଏ ଲୋଡ଼ା ନା ଅସୁନ୍ଦର, ଅନାଚାରଭରା ସମାଜ? ଦେଶର ସୁରକ୍ଷା, ସମୃଦ୍ଧି ନା ବିପତ୍ତି? ସ୍ଥିର ବଳିଷ୍ଠ ସରକାର ନା ଦୁର୍ବଳ ଅସ୍ଥାୟୀ ସରକାର? ସଚ୍ଚୋଟ, ଦେଶପ୍ରେମୀ ବ୍ୟକ୍ତିମାନଙ୍କୁ ସମର୍ଥନ କରିବା ନା ଦୁର୍ଗତିର କାରଣ ସାଜିଥିବା ଦେଶ ବିରୋଧୀ ଶକ୍ତିମାନଙ୍କୁ? ମିଠାଫଳ ପାଇଁ ବିଷମଞ୍ଜି ବୁଣିବା ଉଚିତ କି? ସତ୍ୟ, ଧର୍ମ ଓ ନ୍ୟାୟର ଜୟ ହେଉ। ମଙ୍ଗଳମୟ, ମଞ୍ଜୁଳ ହେଉ ଆମ ଭବିଷ୍ୟତ ଭାରତ।

ମୋ- ୯୪୩୭୪୩୬୦୭୩,
upendrabiswal05@gmail.com

# ଖୁବ୍ ଭଲ ହୋଇଛି

ଗନ୍ଧର୍ବସେନ ରଣା

ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଏହାକୁ ନେଇ ରହିଛି ଏକ ରୋଚକ କାହାଣୀ। ଅରବିନ୍ଦନଗରର ରାଜା ଶୁକଦେବ ଖୁବ୍ ସଚ୍ଚୋଟ, ଦୟାଳୁ ଓ ପରୋପକାରୀ। ତାଙ୍କର ମନ୍ତ୍ରୀ ସୁମତି ଖୁବ୍ ବୁଦ୍ଧିମାନ ଓ ଚରିତ୍ରବାନ। ହେଲେ ତାଙ୍କର ଗୋଟାଏ ଅଭ୍ୟାସ ହେଉଛି- ଯାହା ବି ଘଟୁ 'ଭଲ ହୋଇଛି' ବୋଲି କୁହନ୍ତି।

ଥରେ ରାଜା ଶିକାରକୁ ଯିବାବେଳେ ଘୋଡ଼ାରୁ ଖସି ଗୋଡ଼ ଖଣ୍ଡିଆ ହୋଇଗଲା। ମନ୍ତ୍ରୀ ଦେଖି ଭଲ ହୋଇଛି ବୋଲି କହିଲେ। ରାଜା ଏହାଦ୍ୱାରା ନିଜକୁ ଅପମାନିତ ମନେକେଲେ ଏବଂ ମନ୍ତ୍ରୀଙ୍କୁ ବନ୍ଦୀଶାଳାରେ ରଖି ଜଙ୍ଗଲକୁ ଶିକାର କରିବାକୁ ଚାଲିଗଲେ। ମନ୍ତ୍ରୀ ସେଇଠି ବି କହିଲେ ଭଲ ହୋଇଛି।

ଜଙ୍ଗଲରେ ରାଜା ଦସ୍ୟୁମାନଙ୍କ ହାବୁଡ଼ରେ ପଡିଗଲେ। ସେମାନେ ରାଜାଙ୍କୁ ବଳି ଦେବାକୁ ସ୍ଥିର କରି ଜଙ୍ଗଲର ଠାକୁରାଣୀଙ୍କ ପାଖକୁ ନେଇଗଲେ। ରାଜାଙ୍କୁ ପୂଜାର୍ଚ୍ଚନା କରି ଦୁଇଟି ପଥର ମଝିରେ ମୁଣ୍ଡକୁ ରଖିଲେ। ଜଣେ ଖଣ୍ଡା ଉଠାଇ ହାଣିବା ପାଇଁ ଗଲାବେଳେ ଦେଖିଲା ରାଜାଙ୍କ ପାଦ ଖଣ୍ଡିଆ ହୋଇଛି। ଠାକୁରାଣୀ ଘାଉଡ଼ ହୋଇଥିବା ଲୋକର ବଳି ଖାଆନ୍ତି ନାହିଁ ଭାବି ଛାଡିଦେଲେ। ରାଜା କିଛିଦିନ ପରେ ଜଙ୍ଗଲରୁ ବୁଲି ବୁଲି ଆସି ପହଞ୍ଚିଲେ ଅରବିନ୍ଦନଗରରେ। ସେଠି ଜାଣିବାକୁ ପାଇଲେ ତାଙ୍କ ସହ ଯାଇଥିବା ସିପାହିମାନେ ଦସ୍ୟୁମାନଙ୍କ ଦ୍ୱାରା ନିହତ ହୋଇଛନ୍ତି। ଏହାପରେ ସେ ମନ୍ତ୍ରୀଙ୍କୁ ବନ୍ଦୀଶାଳାରୁ ବାହାର କରିଆଣି କ୍ଷମା ମାଗିଲେ। ଆଉ କହିଲେ- ଗଲାବେଳେ ମୁଁ ଘୋଡ଼ାରୁ ପଡିବାରୁ ଗୋଡ଼ ଖଣ୍ଡିଆ ହୋଇଯାଇଥିଲା। ସେଇଥିପାଇଁ ମୁଁ ଆଜି ବଞ୍ଚିକରି ଆସିଲି। ଆଉ ଆଜି ହିଁ ଜାଣୁଛି ପ୍ରକୃତରେ ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ। ଆଜିଠାରୁ ମୁଁ ମଧ୍ୟ କହିବି, ହଁ! ଯାହା ହୋଇଛି ଭଲ ହୋଇଛି। ମନ୍ତ୍ରୀ କହିଲେ, ଆପଣ ମୋତେ ବି ଯଦି ବନ୍ଦୀ କରି ନ ଥାନ୍ତେ ଓ ମୁଁ ଆପଣଙ୍କ ସହ ଯାଇଥାନ୍ତି, ତେବେ ଆପଣଙ୍କ ବଦଳରେ ସେମାନେ ମୋତେ ବଳି ପକାଇ ଦେଇଥାନ୍ତେ।

ଏମ.ଏ.୫୩, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

## ଚିରନ୍ତନୀ

''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ-
ମାନସ -ମୁକୁରେ। (ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

୭- ମାଳଦ୍ୱୀପ ସାଧାରଣ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଛି।

୮- ଓଡ଼ିଶା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଛୁଟିରେ ଥିବାରୁ ସେ ଫେରିବା ପର୍ଯ୍ୟନ୍ତ ବରିଷ୍ଠ ଆଇପିଏସ୍ ଅଫିସର ବିଜୟ କୁମାର ଶର୍ମା ରାଜ୍ୟର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

୯- ମହିଳାମାନେ ଯେକୌଣସି ସ୍ଥାନରୁ ନିର୍ଯାତନା ମାମଲା ଦାଏର କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୧୦- କେରଳର ୱାୟନାଡ୍ ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ଅମେଠିରୁ ପ୍ରାର୍ଥିପତ୍ର ଦାଖଲ କଲେ।

୧୨- ଇଲେକ୍ଟୋରାଲ ବଣ୍ଡରେ ସଂଗୃହୀତ ଚାନ୍ଦାର ବିବରଣୀ ଦେବାକୁ ସୁପ୍ରିମ୍‌କୋର୍ଟ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆମ ସମସ୍ୟା

### ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯୋଗାଇ ଦିଆଯାଉ

ମହାଶୟ,

ସ୍କୁଲ ଓ ଗଣଶିକ୍ଷା ବିଭାଗ ଗୁଣାତ୍ମକ ଶିକ୍ଷା ନିମନ୍ତେ ଅନେକ ଯୋଜନା କରୁଛି। ସେଥିଲାଗି ପ୍ରଭୂତ ପରୀକ୍ଷା ନିରୀକ୍ଷା ଚାଲିଛି। ଅଜସ୍ର ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ସଂସ୍କୃତ, ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ଛାତ୍ରୀଛାତ୍ର ଅଷ୍ଟମରୁ ଉତ୍ତୀର୍ଣ୍ଣ ହେବା ପରେ ନବମ ଶ୍ରେଣୀରେ ଗୋଟିଏ ବିଷୟ ବାଧ୍ୟତାମୂଳକ ହେଉଥିବାରୁ ଏହି ବିଷୟ ସେମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଶିକ୍ଷକ ମଧ୍ୟ ଏହି ବିଷୟ ପଢ଼ାଇବା ସମ୍ଭବ ନୁହେଁ। ତେଣୁ ସରକାର ବିଚାର କରନ୍ତୁ।

ସୁଧାଂଶୁ କୁମାର ଗୌଡ଼, ଭଞ୍ଜନଗର

### ଏମିତି ଆମ ସ୍ୱଚ୍ଛ ଭାରତ

ଧରିତ୍ରୀ (୧୨।୩)ର ୧୪ ପୃଷ୍ଠାରେ ପଢ଼ିଲି ଗଣ୍ଡପାଣି ପିଉଛନ୍ତି 'ରେପୁର ପାଟଣାବାସୀ'। ଏହି ଗ୍ରାମଟି ପୋତାନଇ ପଞ୍ଚାୟତ ଅଧୀନରେ ଆସୁଛି। ମୋ ଜାଣିବାରେ ପୋତାନଇ ଗ୍ରାମଟି ଓଡ଼ିଶା ତଥା ଦେଶକୁ ଦେଇଛି ଅନେକ ସ୍ୱନାମଧନ୍ୟ ଡାକ୍ତର ଓ ଅନେକ ବୁଦ୍ଧିଜୀବୀ। କିନ୍ତୁ ସେମାନେ ବୋଧହୁଏ ଆଉ ଗ୍ରାମକୁ ଆସୁନାହାନ୍ତି, ଯେଉଁଥିପାଇଁ ଏ ସମସ୍ୟାର ସମାଧାନ ହୋଇପାରୁନାହିଁ। କେବଳ ସରକାରଙ୍କ ଉପରେ ନିର୍ଭର କଲେ ହେବନାହିଁ। ଏହାର ସମାଧାନ ନିଜେ କରନ୍ତୁ ଏବଂ ସରକାର ତଥା ସ୍ଥାନୀୟ ନେତାମାନଙ୍କୁ ଦେଖେଇଦିଅନ୍ତୁ କିମ୍ବା ଆନ୍ଦୋଳନ କରି ଏ ଅଞ୍ଚଳରେ ନେତାଙ୍କୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ବିକାଶ ବିରୋଧୀ ବିଜେଡି ସରକାର
କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର
ଆଦିବାସୀଙ୍କ କଲ୍ୟାଣ ପାଇଁ ଆସିଥିବା ମୋଦିଙ୍କ ଯୋଜନା ଜିଲ୍ଲା ଖଣିଜ ପାଣ୍ଠିର ୬,୪୩୮ କୋଟି ଟଙ୍କାରୁ ମାତ୍ର ୧୫% ଖର୍ଚ୍ଚ କରି ଆଦିବାସୀଙ୍କୁ ଧୋକା ଦେଉଛି ଅପାରଗ ବିଜେଡି ସରକାର।
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍ପି ଏବଂ ଏମ୍ଏଲ୍ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ



## ସଂକ୍ଷେପରେ

### ୬ ପଞ୍ଚାୟତରେ ଭାଜପାର ନିର୍ବାଚନ ପ୍ରଚାର



**ବୁଗୁଡ଼ା,୧୪।୪(ଡି.ଏନ.ଏ.):** ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀ ବୁଗୁଡ଼ା ବ୍ଲକର ୬ ପଞ୍ଚାୟତରେ ଶନିବାର ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର ଜୋରଦାର କରାଯାଇଛି। ଭାଜପାର ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଳିକ ନିଜ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ସାଙ୍ଗରେ ନେଇ ବାଲିପଦର, ଅରଖପୁର, ପାଙ୍ଗିଡ଼ି, କଳମ୍ବ, କରଡ଼ାବାଡ଼ି, ପୋଚାଲୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଆସନ୍ତା ନିର୍ବାଚନରେ ପଦ୍ମଫୁଲରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ପଡ଼ିଆରୀ, ଭାଜପାର ଯୁବ ନେତା ପ୍ରଭାକର ପଣ୍ଡା, ବାଲିପଦର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ କୋକରାମ ଜେନା, ଅରଖପୁର ସରପଞ୍ଚ ମଙ୍ଗୁଲୁ ଚରଣ ସେଠୀ, କଳମ୍ବ ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଓ କର୍ମକର୍ତ୍ତା ପ୍ରଚାରରେ ଯୋଗ ଦେଇଥିଲେ ।

### ଘରକୁ ଘର ବୁଲି ମୀନାଙ୍କ ପ୍ରଚାର



**ଖଲ୍ଲିକୋଟ,୧୪।୪(ଡି.ଏନ.ଏ.):** ଖଲ୍ଲିକୋଟ ବିଧାନସଭା ପାଇଁ ହିନ୍ଦୁସ୍ଥାନ ନିର୍ମାଣ ଦଳ ପ୍ରାର୍ଥିନୀ ମୀନା କୁମାରୀ ଟହଲ ରବିବାର ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ସମର୍ଥକଙ୍କ ସହ ଘରକୁ ଘର ବୁଲି ପ୍ରଚାର କରିଥିଲେ। ମୀନା ୨୦୦୯ରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ୨୦୧୯ରେ ଟିକେଟ ନ ପାଇବାରୁ ଭାଜପା ଛାଡ଼ି ହିନ୍ଦୁସ୍ଥାନ ନିର୍ମାଣ ଦଳରୁ ପ୍ରାର୍ଥୀ ହୋଇଛନ୍ତି । ନିଜ ସମର୍ଥକଙ୍କ ସହ ଘରକୁ ଘର ବୁଲି ତାଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ।

## ■ ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତି ମହଙ୍ଗା ପଡ଼ିଲା

# ୪୪ କର୍ମଚାରୀଙ୍କ ନାଁରେ ୱାରେଣ୍ଟ ଜାରି

**ଜିଲାପାଳଙ୍କ ନିକଟରେ ହାଜର କରାଇବାକୁ ନିର୍ଦ୍ଦେଶ**

**ଛତ୍ରପୁର,୧୪।୪(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ୪୪ ସରକାରୀ କର୍ମଚାରୀଙ୍କ ନାଁରେ ୱାରେଣ୍ଟ ଜାରି କରାଯାଇଛି। ସେମାନଙ୍କୁ ବ୍ୟକ୍ତିଗତ ଭାବେ ଆଣି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସନ୍ଧ୍ୟାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଗତ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗଞ୍ଜାମ ଜିଲାର ବ୍ରହ୍ମପୁର ଲୋକ ସଭା ଆସନ ଏବଂ ଏହା ଅଧୀନରେ ଥିବା ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ମତଦାନ ହୋଇଥିଲା । ଜନପ୍ରତିନିଧି ଆଇନ ଅନୁଯାୟୀ ନିର୍ବାଚନ କାର୍ଯ୍ୟ ବାଧ୍ୟତାମୂଳକ। ନିର୍ବାଚନ କାର୍ଯ୍ୟ ତୁଲାଇବା ପାଇଁ ଦାୟିତ୍ୱ ପାଇଥିବା ସରକାରୀ କର୍ମଚାରୀମାନେ କୌଣସି ପରିସ୍ଥିତିରେ ବି ଅବହେଳା ନ କରିବାକୁ ନିର୍ଦ୍ଦେଶ ଥିଲା। ନିର୍ଦ୍ଦେଶ ସତ୍ତ୍ୱେ ଜିଲାର ୪୪ ସରକାରୀ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତ ରହିଥିଲେ । ଛତ୍ରପୁର ନିର୍ବାଚନମଣ୍ଡଳୀରେ ୧୧, ଗୋପାଳପୁର ନିର୍ବାଚନମଣ୍ଡଳୀରେ ୬, ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ୧୫, ଚିକିଟି ନିର୍ବାଚନମଣ୍ଡଳୀରେ ୫ ଏବଂ ବ୍ରହ୍ମପୁର ନିର୍ବାଚନମଣ୍ଡଳୀରେ ୭ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ କାର୍ଯ୍ୟରେ ଅନୁପସ୍ଥିତ ଥିଲେ। ତେଣୁ ସେମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ଅନୁପସ୍ଥିତ ଥିବା ଏହି କର୍ମଚାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନିକ ଆଦେଶ ପ୍ରଦାନ କରାଯାଇଛି। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧୮ରେ ଅନୁଷ୍ଠିତ ହେବ । ନିର୍ବାଚନ କାର୍ଯ୍ୟ ସହିତ ସମ୍ପୃକ୍ତ କୌଣସି କର୍ମଚାରୀ ଅନୁପସ୍ଥିତ ନ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ।

## ପୀତାମ୍ବରଙ୍କ ପାଇଁ ପ୍ରଚାର କଲେ ମହାଶ୍ୱେତା

**ଶେରଗଡ,୧୪।୪(ଡି.ଏନ୍.ଏ.)**

ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ପାଇଁ ଆଉ ୨ ଦିନ ବାକି ଥିବାବେଳେ ଶେରଗଡରେ ଭାଜପା ଜୋରଦାର ପ୍ରଚାର ଚଳାଇଛି। ରବିବାର ହିଞ୍ଜିଳିକାଟୁ ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କ ପାଇଁ ଅଭିନେତ୍ରୀ ମହାଶ୍ୱେତା ରାଏ ବିଭିନ୍ନ ସ୍ଥାନରେ ରୋଡ୍ ଶୋ ଓ ପ୍ରଚାର କରିଛନ୍ତି। ମାରୁତକରଦା, ଧବଳପୁର, ଶେରଗଡ ଓ କୁଲାଗଡରେ ରୋଡ୍ ଶୋ କରି ଜୋରଦାର ପ୍ରଚାର କରିଥିଲେ। ଘରକୁଘର ବୁଲି ଲୋକଙ୍କୁ ଭେଟି ପୀତାମ୍ବରଙ୍କୁ ଭୋଟ ଦେବାକୁ କହିଥିଲେ। ଏପରିକି ପଦ୍ମଫୁଲ ଚିହ୍ନରେ ମୋହର ମାରି ଜୟ ଯୁକ୍ତ କରିବାକୁ କହିଥିଲେ। କୁଲାଗଡ ମେରୁଯାତ୍ରାରେ ଯୋଗଦେଇ ଭକ୍ତମାନଙ୍କୁ ମୋଦି ସରକାରଙ୍କୁ ପୁଣି କ୍ଷମତାକୁ ଆଣିବା ସହ ରାଜ୍ୟ ସରକାରଙ୍କୁ ହଟାଇବାକୁ ଭାଜପାକୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ଭାଜପା ନେତା ଯୋଗ ଦେଇଥିଲେ।



ପ୍ରଚାରରେ ପୀତାମ୍ବର, ମହାଶ୍ୱେତା।

## ମେରୁଯାତ୍ରା, ପ୍ରଚାରରେ କମ୍ପିଲା ଜି.ଉଦୟଗିରି

**ଜି.ଉଦୟଗିରି,୧୪।୪(ଡି.ଏନ.ଏ.)**

ଜି.ଉଦୟଗିରିର ବିଭିନ୍ନ ଅଞ୍ଚଳ ମେରୁଯାତ୍ରା ସହ ପ୍ରଚାର ଯୋଗୁ ଅଞ୍ଚଳ କମ୍ପି ଉଠିଥିଲା। ଏଥିପାଇଁ ସହରରେ ଜନ ଗହଳି ଲାଗି ରହିଥିଲା। ସକାଳୁ ପ୍ରମୁଖ ରାଜନୈତିକ ଦଳ ସମେତ ସମସ୍ତ ସ୍ୱାଧୀନ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାରରେ ସହର କମ୍ପି ଉଠୁଥିଲା। ମେରୁ ଯାତ୍ରାର ଢୋଲ ଶବ୍ଦକୁ ଶ୍ରଦ୍ଧାଳୁମାନେ ଉପଭୋଗ କରି ପାରୁନାହାନ୍ତି। ସମସ୍ତ ପ୍ରାର୍ଥୀଙ୍କ ପ୍ରଚାର ଗାଡିର ପ୍ରଚାର ଶବ୍ଦରେ କଥା ହେବା ମଧ୍ୟ କଷ୍ଟକର ହେଉଥିବାରୁ ଅନେକ ବୁଦ୍ଧିଜୀବୀ ବିରକ୍ତି ପ୍ରକାଶ କରୁଛନ୍ତି। କିନ୍ତୁ ପ୍ରତିବାଦ କରିବାକୁ ସାହସ କରି ପାରୁନାହାନ୍ତି। ଅନେକ ଗାଡ଼ିରେ କେବଳ ଜଣେ ଡ୍ରାଇଭର ଓ ଜଣେ କର୍ମୀ ବସି ଅଧିକ ସାଉଣ୍ଡରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା।

## ଭାଜପା ପ୍ରାର୍ଥୀଙ୍କ ରୋଡ୍ ଶୋ

**ଆସିକା,୧୪।୪(ଡି.ଏନ୍.ଏ.)**

ଆସିକା ବିଧାନସଭା ନିର୍ବାଚନୀ ମଣ୍ଡଳୀର ଭାଜପା ପ୍ରାର୍ଥୀ ଦେବରାଜ ମହାନ୍ତି ରବିବାର ଆସିକା ଏନଏସିରେ ରୋଡ ଶୋ କରି ପ୍ରଚାର ଚଳାଇଥିଲେ। ସିନେତାରକା ପିଣ୍ଟୁ ନନ୍ଦ ଓ ଏଲିନା ମଧ୍ୟ ଏହି ରୋଡ ଶୋରେ ସାମିଲ ଥିଲେ। ବହୁ କର୍ମୀ ଓ ସମର୍ଥକଙ୍କ ଗହଣରେ ଏହି ରୋଡ ଶୋ ରଘୁନାଥ ନଗରରୁ ବାହାରି ବାଣୀବିହାର, ଖମ୍ବେଶ୍ୱରୀ ପାଟଣା, କୁମ୍ଭାର ସାହି, ବଜାର ସାହି, ସୁନାମ୍ବ ସାହି, ନିରଞ୍ଜନ ନଗର, ତାଲୁକା ରୋଡ, ଲଚ୍ଛମନପଲ୍ଲୀ, ଲ । ଲ । ଶ । ସ ନ , ପାକଲାପଲ୍ଲୀ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ଆସିକା ଅଞ୍ଚଳର ସାମଗ୍ରୀକ ବିକାଶ ଲାଗି ଦେବରାଜଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ବିଜୟୀ କରିବା ଲାଗି ନିବେଦନ କରାଯାଇଥିଲା ।



ଭାଜପା ପ୍ରାର୍ଥୀ ଦେବରାଜ ମହାନ୍ତି ଭୋଟଭିକ୍ଷା କରୁଛନ୍ତି।

## ବିଜେଡିର ବାଇକ୍ ଶୋଭାଯାତ୍ରା

**ସୋରଡ଼ା,୧୪।୪(ଡି.ଏନ୍.ଏ.)**

ସୋରଡ଼ାରେ ରବିବାର ଅପରାହ୍ନରେ ବିଜେଡି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସମର୍ଥକଙ୍କ ସହ ଏକ ବାଇକ୍ ଶୋଭାଯାତ୍ରା କରିଛନ୍ତି। ସରାବାଡ଼ି, ରାଇବନ୍ଧ, ସିଦ୍ଧପୁର ଓ ବଡ଼ଗଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ସ୍ୱାଇଁ ଭୋଟ ଭିକ୍ଷା କରିଥିଲେ। ଭୋଟରଙ୍କ ପାଖକୁ ଯାଇ ଆଗାମୀ ପାଞ୍ଚ ବର୍ଷର ବିକାଶ ଧାରାକୁ ଅଗ୍ରସର କରିବା ପାଇଁ ବିଜେଡିକୁ ଭୋଟ ଦେବା ଲାଗି ସେ ଅନୁରୋଧ କରିଥିଲେ।

## ସିନେ ତାରକାଙ୍କୁ ନେଇ ବିଜେଡିର ପ୍ରଚାର



ଓଲିଉଡ଼ କଳାକାରମାନେ ବିଜେଡି ପାଇଁ ପ୍ରଚାର କରୁଛନ୍ତି ।

**ଭଞ୍ଜନଗର,୧୪।୪(ଡି.ଏନ.ଏ.)**

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୧୮ରେ ମତଦାନ ହେବ। ୧୬ ତାରିଖ ସନ୍ଧ୍ୟାରୁ ପ୍ରଚାର ସରିବ। ତେଣୁ ବିଜେଡି ସିନେ ତାରକାଙ୍କୁ ଆଣି ଜୋରଦାର ପ୍ରଚାର ଚଳାଇଛି। ରବିବାର ଓଡ଼ିଆ ସିନେମାର ଅଭିନେତା ସବ୍ୟସାଚୀ ମହାପାତ୍ର, ହ୍ୟୁମାନ ସାଗର, ରାଇମୋହନ ପରିଡ଼ା ଓ ହାସ୍ୟ ଅଭିନେତା ପ୍ରଜ୍ଞାନ ଖଟୁଆ ଦଳର ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ। ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖଙ୍କ ସହ ଏମାନେ ଶୋଭାଯାତ୍ରାରେ ବ୍ଲକ ଛକରୁ ବାହାରି ଡିହପଢ଼ାଳ, ସାହାଣପଲ୍ଲୀ, କୁଲାଡ଼, ବାରୁଡ଼ା, ଡୁରୁମୁ, ସୋରିଷମୂଳି, ଦୋମୁହାଣି, ଗାଲେରି, ନିଧିଆପଲ୍ଲୀ, ମୁଜାଗଡ଼ ହୋଇ ଅପରାହ୍ନରେ ଭଞ୍ଜନଗରରେ ପହଞ୍ଚିଥିଲେ। ଭଞ୍ଜନଗର ସହରର ବିଭିନ୍ନ ସାହିରେ ପ୍ରଚାର ହୋଇଥିଲା। ନବୀନ ପ୍ରକୃତ ହିରୋ, ଆମେ ନକଲି ବୋଲି ଅଭିନେତା ରାଇମୋହନ କହିଥିଲେ।ପ୍ରଚାର କାର୍ଯ୍ୟକ୍ରମକୁ ଦିବାକର ନାୟକ ସଂଯୋଜନା କରିଥିଲେ। କଳାକାରଙ୍କୁ ନିକଟରୁ ଦେଖିବାକୁ ଯୁବଗୋଷ୍ଠୀ ଉତ୍ସାହିତ ଥିଲେ। ଏପରିକି ସେମାନଙ୍କ ସହ ସେଲ୍‌ଫି ନେବା ପାଇଁ ବ୍ୟାକୁଳ ହେଉଥିଲେ। ସେହପରି ଜଗନ୍ନାଥପ୍ରସାଦ ବ୍ଲକର ବିଡ଼ିପୁର, ବରଗାଁ ଆଦି ପଞ୍ଚାୟତରେ ବିଜେଡ଼ି ନେତା ବିପ୍ର ବାରିକଙ୍କ ନେତୃତ୍ୱରେ ବିରାଟ ବାଇକ ରାଲି ହୋଇଥିଲା ।

**୧୬ରେ ସରିବ, ଯୁବ ଗୋଷ୍ଠୀ ଉତ୍ସାହିତ**

### ସୁଧୁରୁନି ଗାଁ ସମସ୍ୟା

## ମତଦାନ କରିବେନି ୪ ୱାର୍ଡର ଭୋଟର

**ବାଲିଗୁଡ଼ା,୧୪।୪(ଡି.ଏନ୍.ଏ.)**

କନ୍ଧମାଳ ସଂସଦୀୟ କ୍ଷେତ୍ରରେ ୧୮ରେ ଭୋଟଗ୍ରହଣ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ବାଲିଗୁଡ଼ା ବ୍ଲକ ରୁଡୁଙ୍ଗିଆ ପଞ୍ଚାୟତ ୪ ୱାର୍ଡର ଶତାଧିକ ଭୋଟର ମତଦାନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରାସ୍ତାଘାଟ ସୁବିଧା ନ ଥିବା ବେଳେ ପିଇବା ପାଣି ମୁନ୍ଦାଏ ମଧ୍ୟ ମିଳୁନି। ସମସ୍ୟା ସମାଧାନ ପାଇଁ ବାରମ୍ବାର ଉପଖଣ୍ଡ ଏବଂ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ତେଣୁ ଉକ୍ତ ୪ ୱାର୍ଡର ବାଉଲମାହା, ବାଲିମସ୍ତି, ଡାଲାପାଟା ଓ ବାଲିଗାଡ଼ାର ଶତାଧିକ ଭୋଟର ମତଦାନ କରିବେନି ବୋଲି ଚେତାବନୀ ଦେଇଛନ୍ତି। ଶତାଧିକ ଗ୍ରାମବାସୀ ଏକ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ଆସିଲେ ନେତାମାନେ ଭୋଟ ପାଇଁ ନାନା ପ୍ରତିଶ୍ରୁତି ଅଜାଡି ଦେଉଥିଲେ ମଧ୍ୟ ପରେ ଭୁଲି ଯାଇଥାନ୍ତି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ଚଳିତ ନିର୍ବାଚନରେ କୌଣସି ରାଜନୈତିକ ଦଳକୁ ଭୋଟ ଦେବେ ନାହିଁ ବୋଲି କହିଛନ୍ତି।

ତୃତୀୟ ଜନ୍ମଦିନ ଶୁଭେଚ୍ଛା



ସାଇ ସୌଭିକ (ଡୁଗୁ)
ତୋର ୩ୟ ଜନ୍ମଦିନରେ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ପ୍ରଭୁ ତୋତେ ସୁସ୍ଥ ଓ ଦୀର୍ଘାୟୁ ରଖନ୍ତୁ। ତୋ ଭବିଷ୍ୟତ ଉଜ୍ଜଳମୟ ହେଉ, ଚଲାପଥ କୁସୁମିତ ହେଉ ଏତିକି କାମନା ଜଣାଉଛୁ।
ଶୁଭେଚ୍ଛା ସହ
ବାପା– ବିଶିକେଶନ, ମାମା– ସୁଶ୍ରୀ ସଙ୍ଗିତା, ଜେଜେମା, ଅଜା, ଆଈ, ମାମୁ, ମଉସା, ମାଉସୀ, ଏବଂ ପରିବାରବର୍ଗ।
ଧ–୧୨୧୫୨

## ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର



ପଥପ୍ରାନ୍ତ ସଭାରେ ଉପସ୍ଥିତ ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ଓ ଅନ୍ୟମାନେ।

**ଆସିକା,୧୪।୪(ଡି.ଏନ୍.ଏ.)**

ଆସିକା ବିଧାନସଭା ନିର୍ବାଚନୀ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ରବିବାର ଆସିକା ବ୍ଲକ ଓ ଏନଏସିର କିଛି ୱାର୍ଡରେ ଜୋରଦାର ପ୍ରଚାର କରାଯାଇଥିଲା । ଦେବଭୂମୀ ପଞ୍ଚାୟତ ଅନ୍ତର୍ଗତ କେ. ନୂଆପଲ୍ଲୀ ଓ ଆସିକା ଏନଏସିର ଲଚ୍ଛମନପଲ୍ଲୀ, ଲାଲାଶାସନ ଆଦି ୱାର୍ଡରେ ପଥପ୍ରାନ୍ତ ସଭା ହୋଇଥିଲା। ବିଜେଡିସରକାରରେ ହୋଇଥିବା ସାମଗ୍ରୀକ ବିକାଶ ଧାରାକୁ ଅଧିକ ଗତିଶୀଳ କରିବା ଲାଗି ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ବିଧାୟକ ପ୍ରାର୍ଥିନୀ ମଞ୍ଜୁଳାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଲାଗି ନିବେଦନ କରାଯାଇଥିଲା । ପ୍ରଚାର କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ସୂର୍ଯ୍ୟକାନ୍ତ ପରିଡ଼ା, ବାପୁ ବିଶ୍ୱାଳ, ଭଗବାନ ସାହୁ, ଅନିଲ କୁମାର ନାୟକ, ଦିଲୀପ ପାଣିଗ୍ରାହୀ, ଅନିମା ପରିଡା, ନଚିକେତା ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ବାଲିଗୁଡ଼ା,୧୪।୪(ଡି.ଏନ୍.ଏ.)**

ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କନ୍ଧମାଳ ଜିଲା ପ୍ରଶାସନ ଆନୁକୂଲ୍ୟରେ ବାଲିଗୁଡ଼ା ଓ ତୁମୁଡ଼ିବନ୍ଧ ବ୍ଲକର କଳା ସଂସ୍କୃତି ସଂଘ କଳାକାରମାନଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ଓ ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ସାପ୍ତାହିକ ହାଟରେ ଲୋକନୃତ୍ୟ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଇଛି। ବାଲିଗୁଡ଼ା ଓ ତୁମୁଡ଼ିବନ୍ଧ ବ୍ଲକ୍ କଳା ସଂସ୍କୃତି ସଂଘର ବରିଷ୍ଠ କଳାକାର ଅଶୋକ କୁମାର ଦଣ୍ଡସେନା, ବିଜୟ ଅମାୟତ, ସୁଶାନ୍ତ ଦଳପତି, ରିମା ପୂଜାରୀ, ରଞ୍ଜନ କୁମାର ବିଶିମାଝି ପ୍ରମୁଖ ନୃତ୍ୟ ଓ ସଂଗୀତ ମାଧ୍ୟମରେ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ବ୍ଲକ୍ କଳା ସଂସ୍କୃତି ସଂଘର ଉପ ସଭାପତି ପ୍ରମୋଦ କୁମାର ଦଣ୍ଡସେନା ଓ ଭଗବାନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ■ ଫୁଲବାଣୀରେ ପ୍ରଚାର ଜୋରଦାର

# ଆଜି ଆସିବେ ଯୋଗୀ

**ଫୁଲବାଣୀ ଅଫିସ, ୧୪।୪**


କନ୍ଧମାଳ ଜିଲାକୁ ହାଇ ପ୍ରୋଫାଇଲ ନେତା ଆସି ନିର୍ବାଚନୀ ମାହୋଲକୁ ସରଗରମ କରୁଛନ୍ତି। ଗତ ସପ୍ତାହରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରଚାର କାର୍ଯ୍ୟ ଫୁଲବାଣୀରେ ଥିଲା। ଅନିବାର୍ଯ୍ୟ କାରଣବଶତଃ ତାହା ବାତିଲ ହୋଇଯାଇଥିଲା। ବହୁ ଜନସାଧାରଣ କାର୍ଯ୍ୟକ୍ରମକୁ ଆସି ନିରାଶ ହୋଇ ଫେରିଥିଲେ। ପୁଣି ସୋମବାର ଫୁଲବାଣୀ ଆସୁଛନ୍ତି ଯୋଗୀ ଆଦିତ୍ୟନାଥ। ସୋମବାର ଏକ ହେଲିକପ୍ଟରରେ ଆସି ବିଟିମ୍ ପଡିଆରେ ଓହ୍ଲାଇବେ। ସେଠାରୁ ଆସି କରୋନେଶନ ପଡିଆରେ ନିର୍ବାଚନୀ ସଭାରେ ଯୋଗଦେବେ। ଜିଲାର ୩ ବିଧାନସଭା ପ୍ରାର୍ଥୀ ଏବଂ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଯୋଗୀଙ୍କ ଆଗମନକୁ ଦେଖି ଭାଜପା ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛି।

ଫୁଲବାଣୀ ବିଧାନସଭା ମଣ୍ଡଳୀର ଭାଜପା ପ୍ରାର୍ଥୀ ଦେବନାରାୟଣ ପ୍ରଧାନ ତାଙ୍କ ଦଳୀୟ ସମର୍ଥକଙ୍କ ସହ ସହରରେ ରାଲି କରିଛନ୍ତି। ସହରରେ ଏହା ତାଙ୍କର ପ୍ରଥମ ରାଲି। ଏ ପର୍ଯ୍ୟନ୍ତ ବିଜେଡି କି କଂଗ୍ରେସ ପ୍ରାର୍ଥୀ ସହରରେ ରାଲି କରି ନାହାନ୍ତି। ଫୁଲବାଣୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ସହ ମୋର ସମ୍ପର୍କ ଭଲ ରହିଛି। ମୁଁ ୨ଥର ହାରିବା ସତ୍ତ୍ୱେ ଲୋକଙ୍କ ଭଲ ମନ୍ଦରେ ଠିଆହୋଇଛି। କେନ୍ଦ୍ରର ଜନହିତକର ଯୋଜନା ଏବଂ ଦୀର୍ଘବର୍ଷ ଧରି ରାଜ୍ୟ ବିଜେଡି ସରକାରର ଅପାରଗତାକୁ ନେଇ ଲୋକଙ୍କ ପାଖରେ ପହଞ୍ଚୁଛି। ଏଥର ମୋତେ ଜନସାଧାରଣ ବିଜୟୀ କରିବେ ବୋଲି ଆଶା ରଖିଥିବା ଦେବ ନାରାୟଣ ପ୍ରକାଶ କରିଛନ୍ତି।



ଭାଜପା ପ୍ରାର୍ଥୀ ଦେବନାରାୟଣ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଶୁଭଲକ୍ଷ୍ମୀ ଦାସ(ମୁନ୍)
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଗଣେଶ ଠାକୁରେ ତୋତେ ଭଲ ମଣିଷଟିଏ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଆଈ, ବଡ଼ ବାପା, ବଡ଼ ବୋଉ, ବାପା, ମାମା, ମାମୁ, ମାଇଁ, ଦାଦା, ଦିଦି, ମଉସା, ମାଉସୀ, ପିଇସା, ପିଉସୀ ।
ଧ–୧୨୧୫୧

ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା



(ଗୁଡୁ)
ବିନୟ କ୍ରିଷ୍ଣ ତ୍ରିପାଠୀ
ଭୁବନେଶ୍ୱର
ଶୁଭ ଜନ୍ମଦିନରେ ପ୍ରଭୁ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ତୁମ ଚଲାପଥ ପୁଷ୍ପିତ ହେଉ।
ଶୁଭାଶୀର୍ବାଦ ସହ
ଜେଜେବାପା–ଜେଜେମାମାନେ, ନନା, ବୋଉ, ପିଇସା, ପିଇସିମାନେ, କାକାମାନେ, ଅଜା, ଆଈ, ମାମୁମାନେ, ମାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ–୬୫୮୭୯

## ସଂକ୍ଷେପରେ

### ପୋଲିସର ଫ୍ଲାଗ୍ ମାର୍ଚ୍ଚ



**ଆସିକା,୧୪।୪(ଡି.ଏନ୍.ଏ.):** ନିର୍ବାଚନ ପରିପ୍ରେକ୍ଷୀରେ ଆସିକା ପୋଲିସ ପକ୍ଷରୁ ରବିବାର ପୂର୍ବାହ୍ନରେ ଖଣ୍ଡଦେଉଳି, କର୍ଣ୍ଣୋଳି, ବାବନପୁରରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ସେହିପରି ଅପରାହ୍ନରେ ଆସିକା ଏନଏସିର ତାଲୁକା ରୋଡ, ବଜାର ସାହି, ଖମ୍ବେଶ୍ୱରୀ ପାଟଣା, ବିନାୟକ ବଜାର, ଲକ୍ଷ୍ମୀବଜାର, ବସଷ୍ଟାଣ୍ଡ, କଳିଙ୍ଗା ରୋଡ ଆଦି ଅଞ୍ଚଳରେ ସଶସ୍ତ୍ର ପୋଲିସ ଫ୍ଲାଗ ମାର୍ଚ୍ଚ କରିଥିଲେ। ନିର୍ବାଚନ ସମୟରେ କୌଣସି ବିଶୃଙ୍ଖଳାକୁ ପ୍ରଶୟ ଦିଆଯିବ ନାହିଁ ଏବଂ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଥିଲା। ଆସିକା ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ନେତୃତ୍ୱରେ ଦେଢ଼ ପ୍ଲାଟୁନ ପୋଲିସ ଫ୍ଲାଗ ମାର୍ଚ୍ଚରେ ସାମିଲ ଥିଲେ।

### ଆମ୍ବେଦକର ଜୟନ୍ତୀ ପାଳିତ



**ଭଞ୍ଜନଗର,୧୪।୪(ଡି.ଏନ.ଏ):** ଭଞ୍ଜନଗର ରାଜ୍ ପ୍ୟାଲେସ ପରିସରରେ ରବିବାର ଡ. ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଅନୁସୂଚିତ ଓ ଜନଜାତି ଶିକ୍ଷକ କଲ୍ୟାଣ ମହାସଂଘ ପକ୍ଷରୁ ଆୟୋଜିତ ସଭାରେ ବିଇଓ ଏସ୍. ଧନଞ୍ଜୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତ୍ତିବାସ ବିଶ୍ୱାଳ,ଏବିଇଓ ସୂର୍ଯ୍ୟ ନାଇକ, ସୀମାଞ୍ଚଳ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସଭାପତି ବଂଶୀଧର ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଡି. ରାବଣାମ୍ମା, କାଳୀଚରଣ ନାୟକ, କୈଳାସ ନାୟକ, ଲୋକନାଥ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

■ ମା' ବଡ଼ରାଉଳ ମହୋତ୍ସବ

# 'ଲୋକକଳା ବଞ୍ଚିଲେ ଅତୀତକୁ ବୁଝି ହେବ'

**ଭଞ୍ଜନଗର,୧୪।୪(ଡି.ଏନ.ଏ)**

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଲୋକନୃତ୍ୟ ପରିଷଦ ପକ୍ଷରୁ ରବିବାର ମହାବିଷୁବ ସଂକ୍ରାନ୍ତି ଅବସରରେ ମା' ବଡ଼ରାଉଳ ମହୋତ୍ସବ ସ୍ଥାନୀୟ ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନେଟେଙ୍ଗା ରଘୁନାଥ ସ୍ୱାମୀ ଘଣ୍ଟମୃଦଙ୍ଗ ସଂଘ ଓ ଅଗଖୋଳ ରତ୍ନେଶ୍ୱର ନାଟ୍ୟ କଳା ସଂସଦ ପକ୍ଷରୁ ଭାରତ ଲୀଳା ପରିବେଷଣ ହୋଇଥିଲା। ଘୁମୁସର କଲେଜ ସଭାପତି ଅମରନାଥ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଲେଖକ ପ୍ରଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତୀବାସ ବିଶ୍ୱାଳ, ଶିକ୍ଷକନେତା ସନ୍ତୋଷ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଣା ସଂସ୍କୃତିକୁ ଲୋକେ ଭୁଲିବାକୁ ବସିଛନ୍ତି। ଯୁବଗୋଷ୍ଠୀ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଆଗ୍ରହ ଦେଖାଉଛନ୍ତି। ପୁରୁଣା ଲୋକନୃତ୍ୟ ଓ କଳାକୁ ବଞ୍ଚାଇ ରଖିବା ପାଇଁ ଗତ କିଛିବର୍ଷ ହେବ ମା' ବଡ଼ରାଉଳ ମହୋତ୍ସବ ପାଳିତ ହେଉଛି। ଲୋକକଳା ଓ ନୃତ୍ୟ ବଞ୍ଚିଲେ ଜାତିର ଅତୀତକୁ ବୁଝିହେବ। ଲୋକ କଳା ଜରିଆରେ ଜାତୀୟ ସଂଘତି ସୁରକ୍ଷିତ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ନାରାୟଣ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଞ୍ଚଳର ୨୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କଳାକାର ଅଜିତ ଶତପଥୀ, ରଙ୍କନିଧି ସାହୁ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଚ୍ଚି ଭାଇ, ଅଭିଷେକ ମହାପାତ୍ର, ରୂପେଶ ନାୟକ, ଧିରେଶ ମହାନ୍ତି, ଫିରୋଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରଙ୍କନିଧି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଶୁଖିଲେ କି କରଇ ନାଆ,**
**ଥନ ଶୁଖିଲେ କି କରଇ ମା'।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମାଆ ତା'ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାହିଁକୁ ଉପାୟ ନାହିଁ,**
**ମଲାକୁ ଔଷଧ ନାହିଁ।**

ଯିଏ ସବୁବେଳେ ସବୁ କଥାରେ ନାହିଁ ନାହିଁ କରେ ସେଭଳି ବ୍ୟକ୍ତିକୁ ମନେଇ ତା'ଦ୍ୱାରା କାର୍ଯ୍ୟ କରାଇବା କାଠିକର ପାଠ ହୋଇଯାଇଥାଏ। କାରଣ ବିନା ଇଚ୍ଛାଶକ୍ତିରେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଏପରି ବ୍ୟକ୍ତିଙ୍କ ଉପରେ କରାଯାଉଥିବା ସକଳ ପ୍ରଚେଷ୍ଟା ବ୍ୟର୍ଥ ପ୍ରମାଣିତ ହୋଇଥାଏ। ସେହିପରି ଯେତେ ଚେଷ୍ଟା କଲେ ମଧ ମଲା ଲୋକକୁ ବଞ୍ଚାଇ ପାରିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲାସ୍ତରୀୟ ଆମ୍ବେଡ଼କର ଜୟନ୍ତୀ

**ଛତ୍ରପୁର,୧୪।୪(ଡି.ଏନ.ଏ)**

ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡକରଙ୍କ ୧୨୮ ତମ ଗଞ୍ଜାମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ରବିବାର ଛତ୍ରପୁରସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଜିଲା ନିର୍ବାଚନ ଅଧିକାରୀ ଡ. ବିଜୟାନନ୍ଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. କିଶୋର କୁମାର ବେହେରା ସମ୍ବିଧାନ ପ୍ରଣୟନରେ ଆମ୍ବେଡକରଙ୍କ ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ମା' ଦଣ୍ଡକାଳୀଙ୍କ ମେରୁଯାତ୍ରା ଉଦ୍‌ଯାପିତ

**ଦିଗପହଣ୍ଡି,୧୪।୪(ଡି.ଏନ.ଏ.)**

ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳରେ ରବିବାର ମା' ଦଣ୍ଡକାଳୀଙ୍କ ମେରୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ମାନସିକଧାରୀ ଦଣ୍ଡୁଆମାନେ ମା' ଦଣ୍ଡକାଳୀଙ୍କ ପ୍ରଭା ଧରି ଗ୍ରାମ ପରିକ୍ରମା କରିଥିଲେ। ମଧ୍ୟାହ୍ନରେ ଧୂଳିଦଣ୍ଡ ପରେ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ଦୀର୍ଘ ସମୟ ମା' କାଳୀ ଓ ଭଗବାନ ଶିବ ସ୍ତୁତି ପାଠ କରି ଅଧିଆ ପଡିଥିଲେ। ପୂଜାର୍ଚ୍ଚନା ସରିବା ପରେ ପାଟୁଆଙ୍କୁ ପ୍ରଚଳିତ ନୀତିକାନ୍ତି ପ୍ରକାରେ ମେରୁକାଠ ହୋମ ମଣ୍ଡପରେ ଓହଳା ଯାଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଭୋଗ ସମର୍ପଣ କରିଥିଲେ।

**ଶେରଗଡ:** ଶେରଗଡ ବ୍ଲକ କୁଲାଗଡ଼ରେ ରବିବାର ମେରୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଲାଗଡ ପୁଞ୍ଜା ଗ୍ରାମରେ ପହଞ୍ଚିବାପରେ ବଡଦାଣ୍ଡରେ ମା' କାଳୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପଟୁଆରରେ ମେରୁ ପଡିଆକୁ ଅଣା ଯାଇଥିଲା। ସେଠାରେ ମା'ଙ୍କୁ ଅସ୍ଥାୟୀ ଜାଗାରେ ରଖାଯାଇଥିଲା। ୧୧ଶହରୁ ଅଧିକ ଦଣ୍ଡୁଆ ୧୩ଦିନ ଦଣ୍ଡ କରିବା ପରେ ପାଣିଦଣ୍ଡ କରିଥିଲେ। ଏହାପରେ ମାନସିକଧାରୀ ପରିବାରଙ୍କ ପାଇଁ ପୂଜାର୍ଚ୍ଚନା ପରେ ମା' କାଳୀଙ୍କୁ ମନ୍ଦିରକୁ ନିଆଯାଇଥିଲା। ସେଠାରେ ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସେହିପରି ଧବଳପୁର, ଆମ୍ବୁଆଡ଼ି, କୁରୁଳା, ପିଓଳ, ଖିରିଡା, ପଥରପୁଞ୍ଜି, ନଇବନ୍ଦ, ଗ୍ରାମରେ ମଧ ମେରୁଯାତ୍ରା ପାଳିତ ହୋଇଯାଇଛି।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ସମେତ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ମେରୁପର୍ବ ପାଳିତ ହୋଇଯାଇଛି। ହିଞ୍ଜିଳି ଗ୍ରାମରେ ହରଗୌରୀ ଦଣ୍ଡକାଳୀ ବଡପୁଞ୍ଜା ଓ ସାନପୁଞ୍ଜା, ସାରୁ, ଦୁର୍ବନ୍ଧ, ମକରଝୋଳ, ପୋଚିଲିମା, ଆଲପୁର, ରାଳବ, ଖଣ୍ଡରା, ବୁରୁପୋଡ଼ା, ସମରଝୋଳରେ ମଧ ଦଣ୍ଡକାଳୀଙ୍କ ମେରୁପର୍ବ ସମାପନ ହୋଇଯାଇଛି।

**ସୋରଡ଼ା:** ସୋରଡ଼ାର ଏକଲପୁର, ମେରିକୋଟ, ପାଲକାଟ, ଖଜୁରିପଲି, ସିଦ୍ଧପୁର, ଲାଠିପଡ଼ା, ହୁକୁମାର ୩ ପୁଞ୍ଜା, ସୋରଡ଼ାର ୩ ପୁଞ୍ଜାର କାଳୀମନ୍ଦିରରେ ମେରୁଯାତ୍ରା ଶେଷ ହୋଇଛି। ସକାଳେ କାଳୀମନ୍ଦିର ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ମା'ଙ୍କ ପୂଜାର୍ଚ୍ଚନା ପରେ ଦଣ୍ଡୁଆମାନେ ମାନସିକ ଭଙ୍ଗ କରିଥିଲେ।

**ବେଗୁନିଆପଡା:** ବେଗୁନିଆପଡା ବ୍ଲକର ବିଭିନ୍ନ ଦଣ୍ଡକାଳୀ ମନ୍ଦିରରେ ରବିବାର ମେରୁପର୍ବ ଉଦ୍‌ଯାପିତ ହୋଇଯାଇଛି। ଶାଳବଣ ସିଦ୍ଧକାଳୀ, କାଳିମେଘି ଶ୍ୟାମାକାଳୀ, ମର୍ଦ୍ଦକୋଟ, ଚିଙ୍ଗୁଡ଼ିଖୋଲ, ଏସ. ଛଚିନା, ଘୋଡାପଡା, ତୁମ୍ଭୁଡା, ଖଇରଖମା, ବୁରୁଝରୀ, ନୂଆଁଗାଁ, ଚନ୍ଦନପୁର, ଭାଲିଆଝର ଆଦିରେ ଧୂଳିଦଣ୍ଡ,ପାଣିଦଣ୍ଡ ଓ ମେରୁଖୁଣ୍ଟ ତଳେଥିବା ଅଗ୍ନିକୁଣ୍ଡରେ ୩ଥର ଝୁଣା ମରାଯାଇ ପାଟଦଣ୍ଡୁଆଙ୍କୁ ଓହଳାଇ ଓହ୍ଲଯିବା ପରେ ମେରୁପର୍ବ ସମାପନ ହୋଇଥିଲା।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଚାଲିଥିବା ମା' କାଳୀଙ୍କ ଦଣ୍ଡଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ମା' କାଳୀ ମନ୍ଦିରରେ ଠାକୁରଙ୍କ ପୂଜାର୍ଚ୍ଚନା ସହ ପାଟ ଦଣ୍ଡୁଆଙ୍କୁ ମେରୁଖୁଣ୍ଟରେ ଟଙ୍ଗାଯାଇ ତଳପଟୁ ଲାଗିଥିବା ଅଗ୍ନିରେ ଝୁଣା ମରାଯାଇଥିଲା। ବ୍ଲକର ଗୋଲିଆ, ଭାମଶିଆଳି, ପାଣିକେଶର, ଚିଲିଖମା, ଏ.କରଡ଼ାବାଡ଼ି, କାନକୁଟୁରୁ, ପଙ୍କଲବାଡ଼ି, ବଣପଲ୍ଲୀ ଆଦି ଗ୍ରାମରେ ଏହି ଯାତ୍ରା ସମ୍ପର୍ଣ୍ଣ ହୋଇଛି।

**ଶଙ୍କରାଖୋଲ:** ଚକାପାଦ ଓ ଟିକାବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲିଥିବା ଦଣ୍ଡଯାତ୍ରା ସରିଛି। ସିସିବାଲି, ସଲାଗୁଡ଼ା, କୋଚିଲାଗଡ଼, ପାଣ୍ଡ୍ରିସିମା, ଚାହାଳି, ବ୍ରାହ୍ମଣପାଦ, ନନ୍ଦିନୀ, ପସରା, କଇଁଝର, ମାଙ୍କଡ଼ାବାଟା, ଲୁଲୁରାମୁଣ୍ଡାରେ ବହୁ ଭକ୍ତଙ୍କ ଉପସ୍ଥିତିରେ ମାସାନ୍ତ ମେରୁ ଅନୁଷ୍ଠିତ ହୋଇଥିଲା। ସେହିପରି ମଲିକଗାଁ, ସୁନାପାଙ୍ଗା, ସିର୍କାକୁଟୀ, ଗୁଡ଼ିଗାଁ, ଗୁଟିଙ୍ଗିଆ, ପାଡ଼ାଙ୍ଗି, ମାଲେରିମାହା, ଡାମିଗୁଡ଼ା, ଗୁମାଗଡ଼, ଟେଙ୍ଗେରି, କେରେଡି, ଡାଙ୍ଗୁଲୁରେ ସଂକ୍ରାନ୍ତି ମେରୁ ପାଳିତ ହୋଇଯାଇଛି।

**କନିଷି:** ରଙ୍ଗେଇଲୁଣ୍ଡା ବ୍ଲକର ରଙ୍ଗିପୁର ପଞ୍ଚାୟତ ଆମ୍ବପୁର ଗାଁରେ ମା' ଦଣ୍ଡକାଳୀଙ୍କ ଯାତ୍ରା ସରିଛି। ଯାତ୍ରାରେ ପାଟଭୁକ୍ତାମାନେ ମା'ଙ୍କ କୃପା ପାଇଁ ୧୩ ଦିନ ନିଷ୍ଠାପର ଭାବେ ପୂଜାର୍ଚ୍ଚନା କରୁଥିଲେ। ସେହିପରି କୁସୁମୀ, ବେନ୍ଦାଳିଆ, ମନୋହରା ଗ୍ରାମରେ ମେରୁଯାତ୍ରା ଉଦ୍‌ଯାପିତ ହୋଇଛି।

**ଗଞ୍ଜାମ:** ଗଞ୍ଜାମ ଦାମୋଦରପୁର ଗ୍ରାମ ନିକଟ ମା' ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସେଠାରେ ଧୂଳିଦଣ୍ଡ, ପାଣିଦଣ୍ଡ ମଧ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମା' କାଳୀଙ୍କ ଘଟକୁ ବିଭିନ୍ନ ସାହି ପରିକ୍ରମା କରାଯିବା ପରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଆସିକା:** ମା' ଖମ୍ବେଶ୍ୱରୀ, କାଳୀମୁଖୀ, ଦଣ୍ଡକାଳୀ ମନ୍ଦିର ଓ ସୁବର୍ଣ୍ଣେଶ୍ୱର ମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାବନପୁର, କେଶରାପଲ୍ଲୀ, ଖୁକୁଣ୍ଡିଆ, ଇନ୍ଦନପୁର, ଆଦି ସ୍ଥାନରେ ଦଣ୍ଡନାଚ ଉଦ୍‌ଯାପିତ ହୋଇଛି।



ଦିଗପହଣ୍ଡି ପଥରପୁଞ୍ଜି ଗ୍ରାମରେ ମାନସିକଧାରୀ ଦଣ୍ଡୁଆଙ୍କ ପୂଜାର୍ଚ୍ଚନା।

# ସିଦ୍ଧ ଭୈରବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ଗୋପାଳପୁର,୧୪।୪**

ଗଞ୍ଜାମ ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା' ସିଦ୍ଧ ଭୈରବୀ ମନ୍ଦିରରେ ରବିବାର ବିଷୁବ ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଛି। ଭୋର ୪ଟାରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭକ୍ତଙ୍କ ଦର୍ଶନ ଲାଗି ମନ୍ଦିର ଖୋଲା ଯାଇଥିଲା। ସ୍ଥାନୀୟ ଅଞ୍ଚଳ ଏବଂ ଆନ୍ଧ୍ର ପ୍ରଦେଶରୁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ଭକ୍ତଙ୍କ ସୁରକ୍ଷା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡ ଓ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏହି ଅବସରରେ ଭକ୍ତଙ୍କ ପାଇଁ ପଣା ଓ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ମଧ୍ୟାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ଓ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ବିଭିନ୍ନ ଗ୍ରାମାଞ୍ଚଳରେ ପଣା ବଣ୍ଟନ କରାଯାଇଥିଲା।



ମା' ସିଦ୍ଧ ଭୈରବୀ।

# ୨୧ଦିନିଆ ଦଣ୍ଡଯାତ୍ରା ଉଦ୍‌ଯାପିତ

**ପୁରୁଷୋତ୍ତମପୁର,୧୪।୪(ଡି.ଏନ୍.ଏ.)**

ପୁରୁଷୋତ୍ତମପୁରରେ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡଯାତ୍ରା ରବିବାର ପବିତ୍ର ମେଷ ସଂକ୍ରାନ୍ତି ମେରୁଯାତ୍ରାରେ ଉଦ୍‌ଯାପିତ ହୋଇଯାଇଛି। ଯାତ୍ରା ଦେଖିବା ସହ ମା' ଦଣ୍ଡକାଳୀଙ୍କ ଆଶୀର୍ବାଦ ପାଇବାକୁ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏନଏସି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ହୋଇ ନ ଥିବାରୁ ପ୍ରଚଣ୍ଡ ଖରାରେ ଲୋକେ ପାଣି ପାଇଁ ଉହଳବିକଳ ହୋଇଥିଲେ। ମା' ଦଣ୍ଡକାଳୀଙ୍କ ଆଶୀର୍ବାଦ ଭିକ୍ଷା ସହ ମାନସିକ ପୂରଣ ଲାଗି ପୋଖରୀ ତୁଠରେ ଶତାଧିକ ମହିଳା ଖରାରେ ଅଧିଆ ପଡିଥିଲେ। ପୁରୁଷୋତ୍ତମପୁର ସହରରେ ଥିବା ଧୋବା ପୁଞ୍ଜା, ଗୌଡ ପୁଞ୍ଜା, ବିପତ୍ତି ହାରିଣୀ ତେଲି ପୁଞ୍ଜା ଓ ଆଚ୍ଛୁଲି ଠାରେ ଥିବା ବିପତ୍ତି ତାରିଣୀ ପୁଞ୍ଜା ମାନଙ୍କରେ ମାନସିକଧାରୀମାନେ ୨୧ଦିନ ଧରି ଶିବ କାଳୀଙ୍କୁ ସାଙ୍ଗରେ ନେଇ ବିଭିନ୍ନ ଗ୍ରାମ ବୁଲି କଠୋର ନୃତ୍ୟ ପରିବେଷଣ କରି ମାନସିକ ପୂରଣ କରିଛନ୍ତି। ଏହି ଯାତ୍ରା ମେଷ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି। ବିଭିନ୍ନ ସ୍ଥାନରେ ଧୂଳିଦଣ୍ଡ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ପରିବେଷଣ ହୋଇଥିଲା। ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ରଥସାହି ଛକ ହନୁମାନ ବଜାର, କଲେଜ ଛକ, କାଳୀ ମନ୍ଦିର ଛକ ଠାରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପାନୀୟ ଜଳ, ପଣା ବଣ୍ଟନ କରାଯାଇଥିବା ବେଳେ କନକା ଅଟୋମୋବାଇଲ ଆସୋସିଏଶନ ପକ୍ଷରୁ ପଣା ଏବଂ ଟ୍ୟାକ୍ସି ସଂଘ ପକ୍ଷରୁ ଟଙ୍କତୋରାଣି ବଣ୍ଟନ କରାଯାଇଥିଲା।



ଦଣ୍ଡକାଳୀଙ୍କ ଆଶୀର୍ବାଦ ଭିକ୍ଷା ଓ ମାନସିକ ପୂରଣ ଲାଗି ମହିଳାମାନେ ପୋଖରୀ ତୁଠରେ ଅଧିଆ ପଡିଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add.: T-51, Gali No. 8, Gautampuri, Delhi

FINANCE
ACB ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଧ୍ୟାନ
ଜୁହାର
ଜିଲ୍ଲାର ଦ୍ରୁତ ବିକାଶ
ବରଗଡ, ଝାରସୁଗୁଡା, ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲ୍ଲାର ଦ୍ରୁତ ବିକାଶ ପାଇଁ 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'
ବିଜୁ ଜନତା ଦଳ
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

**ଭଞ୍ଜନଗର,୧୪।୪(ଡି.ଏନ.ଏ):** ଶ୍ୱଶୁର ଘରେ ପଶି ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ବେଲଗୁଣ୍ଠା ଫାଣ୍ଡି ପୋଲିସ ରବିବାର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜାହାଡାର ମୁସୁଲୁ ନାୟକ। ପ୍ରକାଶ ଯେ, ବେଲଗୁଣ୍ଠାର ଲକ୍ଷ୍ମୀପ୍ରିୟା ନାୟକ ଗତବର୍ଷ ଜାହାଡାର ମୁସୁଲୁ ନାୟକଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। କିଛିମାସ ହେବ ମୁସୁଲୁ ବାରମ୍ବାର ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ତେଣୁ ଲକ୍ଷ୍ମୀପ୍ରିୟା କିଛିଦିନ ହେବ ବାପଘର ବେଲଗୁଣ୍ଠାରେ ଆସି ରହୁଥିଲେ। ରବିବାର ମୁସୁଲୁ ଶ୍ୱଶୁର ଘରେ ପହଞ୍ଚି ଲକ୍ଷ୍ମୀଙ୍କୁ ମାରଧର କରିଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ଏନେଇ ବେଲଗୁଣ୍ଠା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବା ଫାଣ୍ଡି ଅଧିକାରୀ ପ୍ରକାଶ ସୂଚନା ଦେଇଛନ୍ତି।

### ବାଇକ ଭଙ୍ଗାରୁଜା ଘଟଣା: ୨ ମାମଲା ରୁଜୁ

**ପୋଲସରା,୧୪।୪(ଡି.ଏନ.ଏ.):** ପୋଲସରା ଥାନା ବେଲଗାଁ ପଞ୍ଚାୟତ ଡିମ୍ବିରିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାକ୍ ନିର୍ବାଚନୀ ହିଂସାରୁ ୨ ବାଇକ ଭଙ୍ଗାରୁଜା ହୋଇଥିଲା। ଏନେଇ ଉଭୟ ପକ୍ଷରୁ ଶନିବାର ଥାନାରେ ମାମଲା ରୁଜୁ ହୋଇଥିଲା। କାମାକ୍ଷା ପ୍ରସାଦ ସାହୁଙ୍କ ଏତଲାନୁସାରେ ନଂ.୭୫/୧୯ରେ ଓ ପ୍ରଦେଶି ସେଠୀଙ୍କ ଏତଲାନୁସାରେ ନଂ.୭୭/୧୯ରେ ୨ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି। କାମାକ୍ଷାଙ୍କୁ ସମ୍ପୃକ୍ତ ପଞ୍ଚାୟତର କେତେଜଣ ଯୁବକ ନିର୍ବାଚନୀ ସଭାକୁ କିଛି ଗାଡି ନେବା ପାଇଁ କହିଥିଲେ। ସେ ମନା କରିବାରୁ ଯୁବକମାନେ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ କାମାକ୍ଷା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପ୍ରତିପକ୍ଷ ଗୋଷ୍ଠୀର ପ୍ରଦେଶୀ ତାଙ୍କ ଜାତିକୁ ନେଇ କାମାକ୍ଷା ଗାଳିଗୁଲଜ କରିବା ସହ ମାଡ ମାରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି।

### ସୁନ୍ଦରାକାଣ୍ଡ ପାଠ

**ଶେରଗଡ,୧୪।୪(ଡି.ଏନ୍.ଏ.):** ଶେରଗଡ ବ୍ଲକ ଡେଙ୍ଗାପଦରସ୍ଥିତ ରଘୁନାଥ ମଠରେ ରବିବାର ସୁନ୍ଦରକାଣ୍ଡ ପାଠ କରାଯାଇଛି। ଏହି ଅବସରରେ ଷୋଡଶ ଉପଚାର ପୂଜା ସାଙ୍ଗକୁ ନାମଯଜ୍ଞ କରାଯାଇଥିଲା। ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ବହୁ ମହନ୍ତ ଯୋଗଦେଇ ସୁନ୍ଦରକାଣ୍ଡ ପାଠରେ ଭାଗ ନେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ନାମଯଜ୍ଞ କରାଯାଇଥିବାବେଳେ ରଘୁନାଥଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା।

## ସୁରଟରେ ଓଡିଆ ନବବର୍ଷ ପାଳିତ

# ୭ଲକ୍ଷ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଉ

**ଭଞ୍ଜନଗର,୧୪।୪(ଡି.ଏନ.ଏ)**


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗୁଜରାଟର ସୁରଟରେ ପ୍ରବାସୀ ଓଡିଆ ସମାଜ ଟ୍ରଷ୍ଟ ପକ୍ଷରୁ ରବିବାର ସନ୍ଧ୍ୟାରେ ଓଡିଆ ନବ ବର୍ଷ ଏବଂ ସଚେତନତା ସମାରୋହ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ହୋଡ୍କୋ ଏବଂ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ସଭ୍ୟ ଡ. ଏସ୍. କେ. ନନ୍ଦ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁରଟ ମ୍ୟୁନିସିପାଲିଟି କମିଶନର ଏମ୍. ଥେନାରଶାସନ, ତ୍ରିଶାର ହସପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ଏ.ପି. ମେହେର ଓ କିରଣ ହସ୍ପିଟାଲ ପରିଚାଳନା ମୁଖ୍ୟ ଡ. ସ୍ନେହଲତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରବାସୀ ଓଡିଆ ସମାଜ ଟ୍ରଷ୍ଟ ସଭାପତି ପ୍ରଦୀପ କୁମାର ସାହୁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସୁରଟରେ ପ୍ରାୟ ୭ଲକ୍ଷ ଓଡିଆ ରହୁଛନ୍ତି। ସେମାନଙ୍କ ପାଖରେ ଆଧାରକାର୍ଡ ବ୍ୟତିତ ଅନ୍ୟ କୈଣସି କାର୍ଡ ନାହିଁ। ଆର୍ଥିକ ଅବସ୍ଥା ଏବଂ କମ୍ ଶିକ୍ଷାଗତ ଯୋଗ୍ୟତା ଯୋଗୁ ସେମାନେ ଅଧିକାଂଶ ଯୋଜନା ସମ୍ପର୍କରେ ଜାଣି ପାରୁନାହାନ୍ତି। ଓଡିଆମାନଙ୍କ ସ୍ୱାସ୍ଥ୍ୟ ଯତ୍ନ ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ କାର୍ଡ, ବାତ୍ସଲ୍ୟ କାର୍ଡ କିମ୍ବା ମା' କାର୍ଡ ନାହିଁ। ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେବାର ଆବଶ୍ୟକତା ରହିଛି। ସୁରଟରେ ଓଡିଆମାନଙ୍କ ଦ୍ୱାରା ୧୫ଟି ବିଦ୍ୟାଳୟ ପରିଚାଳିତ ହେଉଛି। କିନ୍ତୁ ଦଶମ ବୋର୍ଡ ପରୀକ୍ଷା ଦେବାପାଇଁ ଓଡିଶା ଯିବାକୁ ପଡୁଛି। ଫଳରେ ଅଭିଭାବକ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ସୁରଟରେ ଦଶମ ବୋର୍ଡ ପରୀକ୍ଷା କରାଯାଉ। ଓଡିଆଙ୍କ ପାଇଁ କୌଣସି ସ୍ୱତନ୍ତ୍ର କଲ୍ୟାଣ ମଣ୍ଡପ ନାହିଁ। ଏହାର ସ୍ଥାୟୀ ସମାଧାନ ସରକାରଙ୍କ ପକ୍ଷରୁ କରାଯାଉ। ଟ୍ରେନରେ ଅଧିକାଂଶ ସମୟ ଜେନରାଲ କୋଚ୍‌ରେ ସୁରଟ ଯିବାକୁ ପଡୁଛି। ତେଣୁ କୋଚ୍ ସଂଖ୍ୟା ବୃଦ୍ଧି ସହ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା ହେଉ। ସୁରଟରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଚଳାଚଳ ବ୍ୟବସ୍ଥା ହେଉ। ଏଥିପ୍ରତି ସରକାର ଦୃଷ୍ଟି ଦେବାପାଇଁ ପ୍ରବାସୀ ଓଡିଆ ସମାଜ ପକ୍ଷରୁ ସଭାରେ ଦାବି ଉପସ୍ଥାପନ କରାଯାଇଛି। ଏଥିସହ ଆଗାମୀ ଦିନରେ ପ୍ରବାସୀ ଓଡିଆ ସମାଜ ପକ୍ଷରୁ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ବୈଠକରେ ସଂଘର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଡ.ଉଦୟ ଶଙ୍କର ସେଠୀ, ବିଦ୍ୟାଧର ସମୁଦ୍ର, ସାଧାରଣ ସମ୍ପାଦକ ଜଗଦିଶ୍ ଅଭିମନ୍ୟୁ ସେଠୀ, ସମ୍ପାଦକ ଜୟନ୍ତ ଗନ୍ତାୟନ୍ତ, ଗୋପୀନାଥ ଲେଙ୍କା, କୋଷାଧ୍ୟକ୍ଷ ଚିତ୍ରସେନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଓଡିଆମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଡକାୟତି ଯୋଜନା ପଣ୍ଡ, ୩ ଗିରଫ


ଗିରଫ ଅଭିଯୁକ୍ତ।

**ଖଲ୍ଲିକୋଟ, ୧୪।୪(ଡି.ଏନ୍.ଏ.)**

ଖଲ୍ଲିକୋଟ ଥାନା ମାଣିକ୍ୟପୁର କାଜୁ ଜଙ୍ଗଲରେ ଶନିବାର ରାତିରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ୩ଜଣ ଯୁବକଙ୍କୁ ଗିରଫ କରିଛି ଖଲ୍ଲିକୋଟ ପୋଲିସ। ସେମାନେ ହେଲେ ବିଦ୍ୟାଧରପୁର ସାହିର ବୁଖାରି ନାହାକ (୩୫), ଖଲ୍ଲିକୋଟ ଥାନା ଖୋଜାପଲ୍ଲି ଟିକର ସାହିର ଟୁନା ପରିଡା (୨୦), ଖୋଜାପଲ୍ଲି ଜଗବନ୍ଧ ସାହିର ସମୀର ବେହେରା (୧୮)। ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ସୋମବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ୬ଜଣ ଯୁବକ କାଜୁ ତୋଟାରେ ଡକାୟତି ପାଇଁ ଯୋଜନା କରୁଥିବା ଖଲ୍ଲିକୋଟ ଥାନାରେ ଖବର ପହଞ୍ଚିଥିଲା। ଏଏସ୍‌ଆଇ ମନସ୍ୱିନୀ ମହାନ୍ତି, ପି.ସି.ଏଚ୍. ବେହେରା ସଦଳବଳ ସେଠାରେ ଚଢାଉ କରି ବୁଖାରି, ଟୁନା ଓ ସମୀରଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଭୁଜାଲି, ୨ଟି ନମ୍ବର ବିହୀନ ବାଇକ, ୨ଟି ମୋବାଇଲ ଫୋନ୍ ଓ ୩ଟି ମୁଖା ଜବତ କରାଯାଇଥିଲା। ଅନ୍ୟ ୩ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ନଂ.୯୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

## ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ

# ମାମଲା ରଫାଦଫା କରିବାକୁ ଉଦ୍ୟମ

**ଫୁଲବାଣୀ ଅଫିସ, ୧୪।୪**

କନ୍ଧମାଳ ଜିଲା ସୂଚନା ଅଧିକାର କର୍ମୀ ମହମ୍ମଦ ଜିଆଉଦ୍ଦିନ ଅହମ୍ମଦଙ୍କୁ ତୁମୁଡିବନ୍ଧ ଅଞ୍ଚଳରେ ଆକ୍ରମଣ ଘଟଣାକୁ ୩୬ ଘଣ୍ଟା ବିତିଥିଲେ ବି ପୋଲିସ କାହାରିକୁ ଗିରଫ କରିନାହିଁ। ଚାପରେ ପୋଲିସ କିଛି ପଦକ୍ଷେପ ନେଉ ନ ଥିବାବେଳେ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ ଆରମ୍ଭ ହୋଇଛି।

ଏ ସମ୍ପର୍କରେ ଜିଆଉଦ୍ଦିନ କୁହନ୍ତି, ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତଙ୍କ ପକ୍ଷରୁ ମାମଲା ରଫାଦଫା କରିବାକୁ ମୋତେ କୁହାଯାଉଛି। ବିଜେଡିର ଜଣେ କାର୍ଯ୍ୟକର୍ତ୍ତା ଆସି ମାମଲା ସମାଧାନ କରିବାକୁ କହିବା ସହ ଲୋଭନୀୟ ପନ୍ଥା ଦେଖାଇଛନ୍ତି। ମୋର ସେସବୁ କିଛି ଶୁଣିବାର ନାହିଁ। ଯେଉଁଭଳି ଭାବେ ମୋତେ ବିଚ୍ ରାସ୍ତାରେ ମାଡ ମରାଗଲା ତାହା ନିନ୍ଦନୀୟ। ଆକ୍ରମଣକାରୀଙ୍କୁ ପୋଲିସ ତୁରନ୍ତ ଗିରଫ କରୁନାହିଁ କାହିଁ କି ତାହା ଜାଣିପାରୁନାହିଁ। ଜାଣିବାକୁ ପାଇଛି ମୋ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ପୋଲିସ ମୋତେ କିଛି ଜଣାଇ ନାହିଁ ବୋଲି ଜିଆଉଦ୍ଦିନ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ତୁମୁଡିବନ୍ଧ ଥାନାଧିକାରୀ ବାବା ଶଙ୍କର ସରାଫଙ୍କୁ ମୋବାଇଲ ନଂ.୮୮୯୫୦୯୦୮୮୦ରେ ଯୋଗଯୋଗ କରାଯାଇଥିଲା। ସୁଇଚ୍ ଅଫ୍ ଥିବାରୁ ମତାମତ ନେବା ସମ୍ଭବ ହୋଇନାହିଁ।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ସନ୍ଧ୍ୟାରେ ଲାବଣ୍ୟବତୀ ଗ୍ରାମ ରାସ୍ତା ପାଖରେ ଜିଆଉଦ୍ଦିନ ଠିଆ ହୋଇଥିଲା ବେଳେ ବିଜେଡି ଏମ୍‌ପି ପ୍ରାର୍ଥି ଅଚ୍ୟୁତ ସାମନ୍ତଙ୍କ ପ୍ରଚାର ଗାଡିରୁ ୭ ଜଣ କର୍ମୀ ଓହ୍ଲାଇ ଜିଆଉଦ୍ଦିନଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଜିଆଉଦ୍ଦିନଙ୍କ ଗାଡିରେ ଥିବା ପ୍ରଚାରପତ୍ର ଫିଙ୍ଗି ମୁହଁକୁ ମୁଥ ମାରିଥିଲେ। ଆଉ ଏକ ବୋଲେରୋ ଏବଂ ବାଇକରେ କେତେଜଣ କର୍ମୀ ଆସି ଜିଆଉଦ୍ଦିନଙ୍କୁ ମାଡ ମାରିଥିଲେ। କିଛି ସମୟ ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

## ଏଟିଏମ୍ ଭାଙ୍ଗିଲେ ଲୁଟେରା



**ଜି.ଉଦୟଗିରି,୧୪।୪(ଡି.ଏନ୍.ଏ.)**

ଜି.ଉଦୟଗିରି ବନ୍ଧ ଛକ ନିକଟରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ୍ କାଉଣ୍ଟର ମେଶିନକୁ ଶନିବାର ରାତିରେ କୌଣସି ଦୁର୍ବୃତ୍ତ ଭାଙ୍ଗି ଦେଇଛି। ଖବର ପାଇ ରବିବାର ସକାଳୁ ଜି.ଉଦୟଗିରି ପୋଲିସ ଯାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଲୁଟ୍ ଉଦ୍ଦେଶ୍ୟରେ ଏଟିଏମ୍ ଭାଙ୍ଗିଥିଲେ ମଧ୍ୟ ଟଙ୍କାନେଇ ପାରି ନ ଥିବା ଜି. ଉଦୟଗିରି ଆଇଆଇସି ଜୀବନାନନ୍ଦ ଜେନା କହିଛନ୍ତି। ବ୍ୟାଙ୍କ ଶାଖା ପରିଚାଳକ କୁମାର ବେହେରାଙ୍କୁ ପଚାରିବାରୁ ଏଟିଏମ୍ ମେଶିନ ଭାଙ୍ଗିଛନ୍ତି କିନ୍ତୁ ଟଙ୍କା ନେଇ ପାରି ନାହାନ୍ତି ବୋଲି କହିଥିଲେ। ବ୍ୟାଙ୍କ ତରଫରୁ ଥାନାରେ ଏତଲା ହୋଇଛି। ଦ୍ୱିତୀୟ ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ରହିଛି। ସୋମବାର ବ୍ୟାଙ୍କ ଖୋଲିଲେ ସିସିଟିଭି ଆଧାରରେ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରାଯିବ ବୋଲି ପୋଲିସ କହିଛି।

# ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧୪।୪(ଡି.ଏନ.ଏ.)**

ଗାଲେରୀ ଫାଣ୍ଡି ବ୍ରାହ୍ମଣପଦରର ଜନୈକ ପ୍ରେମୀ ଯୁଗଳ ରବିବାର ଅପରାହ୍ନରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଯୁବକ ବୁଦ୍ଧୁ ମଲିକ ଓ ଯୁବତୀ ଲିଜା ପାତ୍ର। ସନ୍ଧ୍ୟାରେ ଗ୍ରାମବାସୀ ଗାଁ ନିକଟରେ ଥିବା ଲିମ୍ବ ଗଛରେ ବୁଦ୍ଧୁ ଓ ଲିଜାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଗାଲେରି ଫାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନଂ.୪/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବୁଦ୍ଧୁ ଓ ଲିଜା ଗୋଟିଏ ଗ୍ରାମର ହୋଇଥିବା ଯୋଗୁ ମିଳାମିଶା କରୁଥିଲେ। ରବିବାର ଅପରାହ୍ନ ପ୍ରାୟ ୨ଟା ପରେ ଉଭୟେ ନିଜ ନିଜ ଘରୁ ବାହାରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ଗ୍ରାମର ସେତୁ ନିକଟରେ ଥିବା ଏକ ଲିମ୍ବ ଗଛରେ ସେମାନେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଲୋକେ ଦେଖିଥିଲେ। ଖବର ପାଇ ତାରସିଂ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଯୁବତୀ-ଯୁବକ ପରସ୍ପରକୁ ଭଲ ପାଉଥିଲେ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଥିଲେ।

# ବିଶ୍ୱ କଲ୍ୟାଣ ଚଣ୍ଡୀ ମହାଯଜ୍ଞ ପୂର୍ଣ୍ଣାହୁତି

**ଦିଗପହଣ୍ଡି,୧୪।୪(ଡି.ଏନ.ଏ.)**


ପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା।

ଦିଗପହଣ୍ଡି ସହର ସଂଲଗ୍ନ ଚାଙ୍ଗୁଡ଼ିଦେଇ ପର୍ବତ ଶିଖରରେ ଥିବା ମା' ଚାମୁଣ୍ଡେଶ୍ୱରୀ ଶକ୍ତିପୀଠରେ ଚାଲିଥିବା ବିଶ୍ୱ କଲ୍ୟାଣ ବାସନ୍ତିକ ଚଣ୍ଡୀ ମହାଯଜ୍ଞ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଯାଇଛି। ସାଧୁ ଭାସ୍କର ତୀର୍ଥ ଲକ୍ଷ୍ମୀବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମହାଯଜ୍ଞରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଧୁସନ୍ଥ ଚଣ୍ଡୀପାଠରେ ସାମିଲ ହୋଇଥିଲେ। ଚୈତ୍ର ବାସନ୍ତିକ ଦୁର୍ଗାପୂଜା ଅବସରରେ ଗତ ୨ ବର୍ଷ ହେଲା ଏହି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଋଷିକେଶସ୍ଥିତ କ୍ରିୟା ଯୋଗାଶ୍ରମର ସାଧୁ ସ୍ୱାମୀ ଶଙ୍କରାନନ୍ଦଙ୍କ ସହିତ ଡେନମାର୍କର ୩ ଜଣ ବିଦେଶୀ ପର୍ଯ୍ୟଟକ ଚଳିତ ବର୍ଷ ମହାଯଜ୍ଞ ସ୍ଥଳରେ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ସାମିଲ ଥିଲେ । ପ୍ରତିଦିନ ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳର ବହୁ ଭକ୍ତ ପର୍ବତ ଉପରେ ଚାଲିଥିବା ମହାଯଜ୍ଞ ସ୍ଥଳରେ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମା' ଚାମୁଣ୍ଡେଶ୍ୱରୀ ଶକ୍ତିପୀଠରେ ବିଦ୍ୟୁତ୍ ଆଲୋକ ଓ ପାନୀୟ ଜଳର ସ୍ଥାୟୀ ବନ୍ଦୋବସ୍ତ କରାଯାଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଶକ୍ତିପୀଠ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ରଘୁନାଥ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସୁରେନ୍ଦ୍ର ପଟ୍ଟନାୟକ, ସୀତାରାମ ପାଣିଗ୍ରାହୀ, ଶଙ୍କର୍ଷଣ ରଥ, ପ୍ରହ୍ଲାଦ ସ୍ୱାଇଁ, କାଳୁ ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

ପୂର୍ବ ତଟ ରେଳପଥ
ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ୍ ସେଲ୍
ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ସାଉଥ୍ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ସାଙ୍କେତିକ ସୂଚନା
ଗୁଡ୍‌ସ ଗାର୍ଡ଼, କମର୍ସିଆଲ୍ କମ୍ ଟିକଟ କ୍ଲର୍କ, ଜୁନିଅର କ୍ଲର୍କ କମ୍ ଟାଇପିଷ୍ଟ, ଟେକ୍ନିସିଆନ୍-III, କନିଷ୍ଠ ଯନ୍ତ୍ରୀ/ଟ୍ରାକ୍ ମେସିନ୍, କନିଷ୍ଠ ଯନ୍ତ୍ରୀ (ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ୍, ସଙ୍କେତ ଓ ଦୂରସଞ୍ଚାର ନିମନ୍ତେ) ରେ 310 ସଂଖ୍ୟକ ପଦବୀ ପୂରଣ କରିବା ନିମନ୍ତେ ସାଧାରଣ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା (GDCE) ବିଜ୍ଞପ୍ତି ତା 15.04.2019 ରିଖରେ ଜାରି କରାଯାଇଛି । ଏହି ବିଜ୍ଞପ୍ତି ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ୍ ସେଲ୍ (RRC) ଓ୍ୱେବ୍‌ସାଇଟ : rrcbbs.org.in ରେ ପ୍ରସାର ଏବଂ ଅପଲୋଡ କରିଦିଆଯାଇଛି। ପୂର୍ବ ତଟ ରେଳପଥ ପ୍ରଶାସନ ଅଧିନରେ ନିୟମିତ ଭିତ୍ତିରେ ସେବାରତ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ବିସ୍ତୃତ ବିବରଣୀ ତଥା ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିବା ନିମନ୍ତେ ରେଲ୍‌ଓ୍ୱେ ରିକ୍ରୁଟମେଣ୍ଟ୍ ସେଲ୍ (RRC) ଓ୍ୱେବ୍‌ସାଇଟ : rrcbbs.org.in କୁ ଅବଲୋକନ କରନ୍ତୁ।
ଆବେଦନର ଅନ୍‌ଲାଇନ୍ ପଞ୍ଜିକରଣ ତା 15.04.2019ରିଖ ଠାରୁ ଆରମ୍ଭ ହେବ
ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ : ତା 14.05.2019 ରିଖ
PR-27/K/19-20 ଅଧ୍ୟକ୍ଷ, ରେଲ୍‌ଓ୍ୱେ ରିକ୍ରୁଟ୍‌ମେଣ୍ଟ୍ ସେଲ୍, ଭୁବନେଶ୍ୱର

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO.ITCP- 1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in section 29 of the Recovery of Debts due to Banks & Financial Institutions Act,1993)
**R. P. No.066/2018/CTC**
(Arising out of OA No. 236 of 2015) **Next Date: 02.05.2019**
**Bank of India, Jeypore Branch,** Main Road, At/PO: Jeypore, Dist- Koraput, PIN- 764001 . **Certificate Holder Bank**
Vs.
**M/s Sai Prasad Enterprises & another** **Certificate Debtors**
To
1. **M/s Sai Prasad Enterprises,** Main Road, At/PO: Jeypore, Dist- Koraput, PIN- 764001 . **(Represented through its proprietor, Shri Pradeep Kumar Biswal)**
2. **Sri Pradeep Kumar Biswal,** S/o-Sri Parshuram Biswal, Prasad Rao Peta, Jeypore, Dist- Koraput, PIN- 764001 .

Take notice that Certificate arising out of **OA No.236 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.15,32,213.00 (Rupees Fifteen Lac Thirty Two Thousand Two Hundred Thirteen Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. | Decretal Dues | : | Rs.15,32,213.00 |
| 2. | Cost allowed | (+) : | Rs. 18,000.00 |
| 3. | Interest @ 12.95% p.a with quarterly rests from 05.05.2015 to 31.08.2018 | : | Rs. 6,44,870.00 |
| | Total | : | **Rs.21,95,083.00** |

**(Rupees Twenty One Lac Ninety Five Thousand Eighty Three only )** with of interest @ 12.95% p.a with quarterly rests on the amount due from 01.09.2018 till realization of the entire Dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on **02.05.2019** and report the details of payment made by you.

Given under my hand & seal at Cuttack on this 4th day of April,2019 .

**Sd/-**
**(R P Patnaik)**
**Recovery Officer**

ତୋଫାନୀ ଅନୁଭୂତି, ଭରପୂର ମଜା, ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
ଏକ୍ସଟ୍ରା ଟାଇମିଂ ପାଇଁ
only Effect No Side Effect
ଉଦ୍ଦୀପନା ଅଭାବର ବଡ଼ କାରଣ ହେଉଛି ଟେଷ୍ଟୋଷ୍ଟେରନ୍ ହର୍ମୋନ୍ ଅଭାବ ଓ ବୟସ ବୃଦ୍ଧି କାରଣରୁ ଶରୀର ଉପରେ ପଡୁଥିବା ପ୍ରଭାବ ହୋଇପାରେ, ଏପରି କ୍ଷେତ୍ରରେ ପୁରୁଷଙ୍କଠାରେ ଉତ୍ସାହର ଅଭାବ, ଶୀଘ୍ରପତନ, ଉତ୍ତେଜନାର ଅଭାବ, ଇନ୍ଦ୍ରିୟ ଦୁର୍ବଳତା, ନପୁଂସକତା ଆଦି ସମସ୍ୟା ଦେଖାଦେଇଥାଏ, ଏହାର ପ୍ରଭାବ ତାଙ୍କ ବୈବାହିକ ଜୀବନ ଉପରେ ପଡ଼ିଥାଏ । ଏପରି ସମସ୍ୟାଗୁଡ଼ିକୁ ଦୂରକରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଓ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
Play Win Capsule
Play Win Oil
A Quality Product by Rajnish Wellness Limited A BSE Listed Company
ପ୍ଲେ-ୱିନ୍ କ୍ୟାପ୍‌ସୁଲ
ସବୁ ମେଡିକାଲ୍/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
SS : Mahendra Pharma / ODD
www.playwincapsule.com TRADE ENQUIRY : 08291288119
ଯଦି ଆପଣଙ୍କୁ ଡାଇବେଟିସ୍/ବିପି ଅଛି, ତେବେ ଆପଣ ମଧ୍ୟ ପ୍ଲେ ୱିନ୍ କ୍ୟାପ୍‌ସୁଲ ବ୍ୟବହାର କରିପାରିବେ।
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ !!

ଧରିତ୍ରୀ
DHARITRI
ସୋମବାର, ୧୫ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଅମ୍ବିକା ନଗର ବୋମାମାଡ଼ ଘଟଣା
## ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ଗଠିତ

**ବ୍ରହ୍ମପୁର ଅଫିସ,୧୪।୪:** କିଛିଦିନର ନୀରବତା ପରେ ବିଜିପୁର ଅମ୍ବିକା ନଗରରେ ଶନିବାର ରାତି ପ୍ରାୟ ୧୦ଟା ବେଳେ ପୁଣିଥରେ ବୋମାମାଡ଼ ହୋଇଥିଲା। ଗୋଷାଣୀନୂଆଗାଁ କାଳୁଆ ମନ୍ଦିର ସାହିର ମନୋଜ କୁମାର ବେହେରା ବୋମାମାଡ଼ରେ ଆହତ ହୋଇଥିଲେ। ଟାଉନ ଥାନା ପୋଲିସ ମନୋଜଙ୍କ ଅଭିଯୋଗକ୍ରମେ ନଂ. ୯୨/୧୯ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ମନୋଜଙ୍କ ଉପରକୁ ବୋମାମାଡ଼ କରିଥିଲେ ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଛନ୍ତି। ଘଟଣାସ୍ଥଳରୁ ପୋଲିସ ଶନିବାର ରାତିରେ ଫୁଟିଥିବା ବୋମାର କେତେକ ଅଂଶ ଓ ଆହତଙ୍କ ବାଇକ୍ ଜବତ କରିଥିବା କହିଛି । ବୋମାମାଡ଼ କରିଥିବା ୩ ଜଣ ଯୁବକଙ୍କୁ ପୋଲିସ ଚିହ୍ନଟ କରିଛି। ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମୋବାଇଲ ଫୋନ୍ ନମ୍ବରକୁ ପୋଲିସ ଟ୍ରାକିଂ କରୁଛି। ଖୁବଶୀଘ୍ର ସେମାନଙ୍କୁ ଧରିବ ବୋଲି ପତି କହିଛନ୍ତି। ପ୍ରକାଶ ଯେ, ମନୋଜ ଶନିବାର ରାତିରେ ବିଜିପୁରରୁ ଅମ୍ବିକା ନଗର ଦେଇ ତାଙ୍କ ଘର କାଳୁଆ ନଗରକୁ ଫେରୁଥିଲେ। ଅମ୍ବିକା ନଗର ଛକରେ ମନୋଜଙ୍କ ବାଇକ୍‌ଟି ହଠାତ୍ ବନ୍ଦ ହୋଇଯାଇଥିଲା। ଠିକ୍ ଏହି ସମୟରେ ତାଙ୍କୁ ପିଛା କରୁଥିବା ଦୁର୍ବୃତ୍ତମାନେ ମନୋଜଙ୍କ ଉପରକୁ ବୋମାମାଡ଼ କରିଥିଲେ। ବୋମାଟି ମନୋଜଙ୍କ ଦେହରେ ନ ବାଜି ରାସ୍ତା ଉପରେ ପଡ଼ି ଫୁଟି ଥିଲା। ବୋମାର କେତେକ ଅଂଶ ମନୋଜଙ୍କ ବାମ ଗୋଡ଼ରେ ବାଜିଥିଲା। ଫଳରେ ସେ ଆହତ ହୋଇ ପଡ଼ି ଯାଇଥିଲେ। ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚି ମନୋଜଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା ବୋଲି ଏସ୍‌ଡିପିଓ ପତି କହିଛନ୍ତି ।

## ଆମ୍ବେଡ଼କରଙ୍କ ଜୟନ୍ତୀ



**ବ୍ରହ୍ମପୁର ଅଫିସ୍,୧୪।୪:** ବାମ୍‌ସେଫ୍, ଭାରତ ମୁକ୍ତି ମୋର୍ଚ୍ଚା, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ଏବଂ ବହୁଜନ କ୍ରାନ୍ତି ମୋର୍ଚ୍ଚର ମିଳିତ ଆନୁକୂଲ୍ୟରେ ରବିବାର ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ଉତ୍ସବ ଚତୁର୍ଭୁଜ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଲାଞ୍ଜିପଲ୍ଲୀ ଡ଼ିପସାହିରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଧର୍ମଶାଳାରେ ପହଞ୍ଚିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବାମ୍‌ସେଫ୍‌ର ରାଜ୍ୟ ପ୍ରଭାରୀ ପ୍ରେମଚନ୍ଦ ତାଣ୍ଡି ଯୋଗଦେଇ ବାବା ସାହେବଙ୍କ ଜୀବନ ଆଦର୍ଶ ବର୍ଣ୍ଣନା କରିଥିଲେ। ଜିଲା ସଭାପତି ବାଦୁଦେବ ନାୟକ ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁମା ଦାସ, ଗଙ୍ଗାଧର ନାୟକ, ମାଗୁଣି ନାୟକ, ଅମର ନାୟକ, ସୁପ୍ରିୟା ଦାସ, ଆଖତର୍ ଜାନି, ସନ୍ଧ୍ୟାରାଣୀ ଦାସ, କୁମାର ଦାସ, କବିରାଜ ସେଠୀ ଓ ସନ୍ତୋଷ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ଇସ୍କନ୍‌ରେ ରାମ ନବମୀ



**ବ୍ରହ୍ମପୁର ଅଫିସ୍,୧୪।୪:** ଜାତୀୟ ରାଜପଥ କଡ଼ରେ ଥିବା ଇସ୍କନ୍ ମନ୍ଦିରରେ ଶ୍ରୀ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀ ରାଧା ରାଧାକାନ୍ତ ଭଗବାନଙ୍କର ଶ୍ରୀ ସୀତା ରାମ ବେଶ ଭକ୍ତଙ୍କୁ ଆକର୍ଷିତ କରିଥିଲା । ପୂର୍ବାହ୍ନରେ ଭଜନ କୀର୍ତ୍ତନ ଓ ଶ୍ରୀ ପଞ୍ଚରତ୍ନ ଦାସଙ୍କ ଦ୍ୱାରା ରାମଚନ୍ଦ୍ରଙ୍କର ଲୀଳା ଓ ଉପଦେଶ ସମ୍ବନ୍ଧରେ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ ଯୋଗଦେଇଥିଲେ। କେନ୍ଦ୍ର ଅଧକ୍ଷ ପଞ୍ଚରତ୍ନ ଦାସ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ବିଷୁବ ସଂକ୍ରାନ୍ତିରେ ଠାକୁରାଣୀ ଘଟ ପରିକ୍ରମା ବନ୍ଦ
# ଅସ୍ଥାୟୀ ପୀଠରେ ଦର୍ଶନ ଦେଲେ ମା'

**ବ୍ରହ୍ମପୁର ଅଫିସ,୧୪।୪**

ବ୍ରହ୍ମପୁର ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ରବିବାର ୧୬ତମ ଦିବସରେ ପହଞ୍ଚିଛି। ରବିବାର ମହାବିଷୁବ ସଂକ୍ରାନ୍ତି, ହୋଇଥିବାରୁ ପରମ୍ପରା ଅନୁସାରେ ମା' ଅସ୍ଥାୟୀ ପୀଠରେ ବିଶ୍ରାମ ନେଇଥିଲେ । ସନ୍ଧ୍ୟାରେ ମା'ଙ୍କ ଘଟ ଶୋଭାଯାତ୍ରା କେବଳ ରାଜବାଟିକୁ ଯାଇ ଅସ୍ଥାୟୀ ପୀଠକୁ ଫେରିଥିଲା । ଅନ୍ୟପଟେ ପଣାସଂକ୍ରାନ୍ତି ଥିବାରୁ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ ଜମିଥିଲା ।

ଭୋରୁ ମା'ଙ୍କ ରୀତିନୀତି ସମ୍ପୂର୍ଣ୍ଣ ପରେ ଦର୍ଶନ ପାଇଁ ଅସ୍ଥାୟୀ ପୀଠକୁ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମିଥିଲା । ଭୋରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସ୍ଥାୟୀ ପୀଠ ଆଗରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ଖରା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଧାଡିରେ ଦର୍ଶନ କରିଥିଲେ। ମହିଳାମାନେ ମା'ଙ୍କ ନିକଟରେ ପଣା ଭୋଗ ଓ ବିଞ୍ଚଣା ଲାଗି କରିଥିଲେ। ପଣାଭୋଗକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ସଂକ୍ରାନ୍ତି ଯୋଗୁ ସନ୍ଧ୍ୟାରେ ମା'ଙ୍କ ସାହି ପରିକ୍ରମା ପର୍ବ ବନ୍ଦ ରହିଥିଲା । ତେବେ ବିଧି ଅନୁସାରେ କେବଳ ମା'ଙ୍କ ଘଟ ଶୋଭଯାତ୍ରା ରାଜବାଟିକୁ ଯାଇଥିଲା। ମା' ଦେବକୀ ମୁଖ୍ୟ ଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇ ରାଜବାଟିକୁ ଯାଇଥିଲେ । ରାଜବାଟିରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ଘଟ ଅସ୍ଥାୟୀ ପୀଠକୁ ଫେରିଥିଲା। ଏହାପରେ ମଧ୍ୟ ରାତ୍ର ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସୋମବାରରୁ ଭିଡ ବଢିବା ସହ ବେଶଧାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିବ ।

ସାନବଜାର, ବଡବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ସାହି ଉତ୍ସବ ମୁଖର ହୋଇଉଠିଛି । ଯାତ୍ରା ଆୟୋଜକ ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ସହଯୋଗୀ ସତ୍ୟନାରାୟଣ ନନ୍ଦଙ୍କ କହିବାନୁଯାୟୀ, ଆସନ୍ତା ୧୬ କିମ୍ବା ୧୭ ସୁଧା ମା'ଙ୍କ ପ୍ରିୟ ବିଞ୍ଚଣା ରଥ ଯାତ୍ରା ଦାଣ୍ଡକୁ ଆସିବାର ସମ୍ଭାବନା ରହିଛି।

**୧୬ ଦିନରେ ମା' ବୁଢୀଠାକୁରାଣୀ ଯାତ୍ରା**



ଅସ୍ଥାୟୀ ପୀଠରେ ମା' ବୁଢୀଠାକୁରାଣୀ ।

# ଭାଷା ଏକ ଜାତିର ଅସ୍ମିତା




ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିମାନେ ।

**ବ୍ରହ୍ମପୁର ଅଫିସ୍,୧୪।୪**

ନବୀନ ଭବନଠାରେ ରବିବାର ଏକବିଂଶ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ବିପିନ୍ ନାୟକ କହିଥିଲେ, ଭାଷା ଏକ ଜାତିର ଅସ୍ମିତା । ତେଣୁ ଭାଷାକୁ ସମୃଦ୍ଧ କରିବା ପାଇଁ ଲେଖିକା ଲେଖକମାନେ ପ୍ରଯତ୍ନ ହେବା ଆବଶ୍ୟକ। ଏହି ଅବସରରେ 'ଆମ ଭାଷା ଆମ ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସାରସ୍ୱତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ନବୀନ ପକ୍ଷରୁ ଏଭଳି ଧାରାବାହିକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଅବନୀ ରଞ୍ଜନ ଦାଶ ଯୋଗଦେଇ ସମାଜର ପରିବର୍ତ୍ତନ ପାଇଁ ସାହିତ୍ୟିକମାନେ କଲମ ଚାଳନା କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସମାରୋହରେ ସଭାପତିତ୍ୱ କରି ନବୀନର ସମ୍ପାଦକ ରବି ରଥ ସମସ୍ତଙ୍କୁ ବିଷୁବ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହି ଅବସରରେ ପ୍ରତିଭା ପୂଜା ସ୍ୱରୂପ ଲେଖିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଗବେଷକ ବୃନ୍ଦାବନ ନାୟକ, ଓଡ଼ିଆ ଭାଷାପ୍ରେମୀ ଇଂ. ଲଡୁ କିଶୋର ସାବତ, କବି ରଙ୍କନାଥ ସେଠୀ ଓ ସାହିତ୍ୟିକ କପିଳ ଚନ୍ଦ୍ର ମହାନ୍ତିଙ୍କୁ ମୁଖ୍ୟଅତିଥି ପ୍ରଫେସର ସାହୁ ନବୀନ ବିଷୁବ ସମ୍ମାନ-୨୦୧୯ରେ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ସାଧାରଣ ସମ୍ପାଦକ ଡ଼ା. ଚନ୍ଦ୍ରମଣି ସ୍ୱାଇଁ ସ୍ୱାଗତ ଅଭିଭାଷଣ ଏବଂ ସମ୍ପାଦକ ସୁଶାନ୍ତ କୁମାର କର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ ସାରସ୍ୱତ ସମାବେଶରେ ପ୍ରତିଷ୍ଠାନ କାର୍ଯ୍ୟକାରୀ ସଭାପତି ଡ଼ା. ଶ୍ରୀବତ୍ସ ଦଳାଇ ସଭାପତିତ୍ୱ କରିଥିବା ବେଳେ ଏଥିରେ ଅତିଥି ଭାବ ଐତିହାସିକ ଡ଼. କାର୍ତ୍ତିକ ଚନ୍ଦ୍ର ରାଉତ ମଞ୍ଚାସୀନ ଥିଲେ। କବି ନୀଳକଣ୍ଠ ସାହୁ, ସୌଦାମିନୀ ମିଶ୍ର ଓ କପିଳ ଚନ୍ଦ୍ର ମହାନ୍ତି କବିତା ପାଠୋତ୍ସବର ସଂଯୋଜନା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ବନ୍ଦନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନଡ଼ିଆ ବଜାରର ରାମରାଜ୍ୟ କଳାକୁଞ୍ଜ

**ବ୍ରହ୍ମପୁର ଅଫିସ,୧୪।୪**

ମା' ବୁଢ଼ୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ଅନ୍ୟତମ ଆକର୍ଷଣ ହୋଇଥାଏ ବିଭିନ୍ନ ସାହି ଓ କମିଟି ପକ୍ଷରୁ ପ୍ରଦର୍ଶୀତ ରଥ ଓ କଳାକୁଞ୍ଜ । କଳାକୁଞ୍ଜଗୁଡିକ ଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ । ନଡିଆ ବଜାରର ରାମରାଜ୍ୟ ପ୍ରଦର୍ଶନୀ ଓ ମା' ବୁଢୀଠାକୁରାଣୀ ମନ୍ଦିର କଳାକୁଞ୍ଜ । ଯାତ୍ରା ଶେଷ ପର୍ଯ୍ୟାୟରେ ତଥା ଶେଷ ୧୦ ଦିନ ପ୍ରଦର୍ଶୀତ ହେଉଥିବା ଏହି କଳାକୁଞ୍ଜ ଓ ପ୍ରଦର୍ଶନୀ ପ୍ରାୟ ୪୫ ବର୍ଷରୁ ଅଧିକ ପୁରାତନ । ମା' ବୁଢୀଠାକୁରାଣୀ କଳାକୁଞ୍ଜର ଉଚ୍ଚତା ୧୫ ଫୁଟ ରହିଥିବା ବେଳେ ଏହାର ଓସାର ୩୦ ଫୁଟ ରହିଥାଏ । ଏହାର ଅନ୍ୟତମ ଆକର୍ଷଣ ସାଜିଥାଏ ପ୍ରାୟ ୫୦ ବର୍ଷ ପୁରାତନ ରାମରାଜ୍ୟ ପ୍ରଦର୍ଶନୀ । ରାମଙ୍କ ଜନ୍ମଠାରୁ ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟର ୧୧୩ ପୁରାତନ ଚିତ୍ରକଳା ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥାଏ, ଯାହା ଯାତ୍ରାକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ସହ ଯାତ୍ରାର ଶୋଭା ବଢାଇଥାଏ । ଚଳିତ ଥର ନଡିଆ ବଜାର କମିଟି ପକ୍ଷରୁ ଏହି କଳାକୁଞ୍ଜ ଓ ପ୍ରଦର୍ଶନୀ ଆସନ୍ତା ୨୦ରେ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଥିବା ନଡିଆ ବଜାର କମିଟି ସଦସ୍ୟ ନରସିଂହ ବେହେରା ସୂଚାଇଛନ୍ତି । ଏହି ପ୍ରଦର୍ଶନୀ ଓ କଳାକୁଞ୍ଜ ପ୍ରସ୍ତୁତି ପାଇଁ ୧୦ ରୁ ୧୫ ଦିନ ସମୟ ଲାଗୁଥିବା ବେଳେ କାର୍ଯ୍ୟ ଶେଷ ପରେ ପରମ୍ପରା ଅନୁସାରେ ମା'ଙ୍କ ଆମନ୍ତ୍ରଣ କରାଯାଏ । ଏହାପରେ ସାହି ପରିକ୍ରମା ବେଳେ ମା'ଙ୍କ ଦ୍ୱାରା ଏହା ଲୋକାର୍ପିତ ହେବାର ବିଧି ରହିଛି । ପରମ୍ପରା ଅନୁସାରେ ନଡିଆ ଗୁର୍ଜି ବ୍ୟବସାୟ ସଂଘ ପକ୍ଷରୁ ଏହାକୁ ପ୍ରତି ଯାତ୍ରାରେ ପ୍ରସ୍ତୁତ କରାଯାଇଥାଏ । ଏହାର ପ୍ରସ୍ତୁତି ପାଇଁ ପ୍ରତି ଯାତ୍ରାରେ ଦେଢ ଲକ୍ଷରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ ବୋଲି ନରସିଂହ କହିଛନ୍ତି ।

## ସେଲ୍‌ଫି କର୍ଣ୍ଣର



ଅବାସ୍



ମିହିର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଗଞ୍ଜାମରେ ଦଣ୍ଡଯାତ୍ରା, ମେରୁପର୍ବ ଉଦ୍‌ଯାପିତ



ବ୍ରଜନଗର କାଳୀ ମନ୍ଦିରରେ ପାଟଭୁକ୍ତାଙ୍କୁ ହୋମକୁଣ୍ଡରେ ମୁଣ୍ଡ ତଳକୁ କରି ଓହଳା ଯାଉଛି ।

**ବ୍ରହ୍ମପୁର ଅଫିସ,୧୪।୪**

ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଯଥାକ୍ରମେ ୧୩, ୧୫ ଓ ୨୧ ଦିନିଆ ଦଣ୍ଡନାଚ ମେଷ ସଂକ୍ରାନ୍ତିରେ ଶେଷ ହୋଇଛି। ଦଣ୍ଡନାଚ ଉଦ୍‌ଯାପନ ଦିବସରେ ବିଭିନ୍ନ କାଳୀ ମନ୍ଦିର ନିକଟରେ ଐତିହାସିକ ମେରୁପର୍ବ ପାଳିତ ହୋଇଥିଲା। ମହାନଗରର ଆମ୍ବପୁଆ ଓ ବିଜିପୁର ପୋଖରୀ ପାର୍ଶ୍ୱ ଏବଂ ନୂଆ ବସ୍‌ଷ୍ଟାଣ୍ଡ ନିକଟ କାଳୀ ମନ୍ଦିର ପାଖରେ ହୋଇଥିବା ମେରୁପର୍ବରେ ହଜାର ହଜାର ଲୋକଙ୍କ ଗହଳି ହୋଇଥିଲା। ସେହିପରି ବ୍ରଜନଗର, ଲୋଚାପଡ଼ା, ବୋରିଗାଁ, ଗୁରୁଣ୍ଡି, ପାତାଳେଶ୍ୱର, ପାଣିଗ୍ରାହୀପେଣ୍ଠ, ହରିଡ଼ାଖଣ୍ଡି ଓ ଅନ୍ୟ ସ୍ଥାନରେ ମଧ ଏହି ପର୍ବ ପାଳନ କରାଯାଇଥିଲା। ଏହି ପର୍ବର ବିଶେଷତ୍ୱ ହେଉଛି ଦଣ୍ଡନାଚ ଦଳର ମୁଖ୍ୟ ତଥା ପାଟଭୁକ୍ତା ନିଆଁରେ ଚାଲିବା ଏବଂ ମେରୁଖୁଣ୍ଟରେ ମୁହଁ ତଳକୁ କରି ଓହଳିବା ଓ ନାକରୁ ରକ୍ତ ପଡ଼ିବା ପରେ ଖୁଣ୍ଟରୁ ଓହ୍ଲାଇବା। ଅନ୍ୟପକ୍ଷରେ ମାନସିକ ବ୍ରତଧାରୀ ମହିଳା ଓ ପୁରୁଷମାନେ ମେରୁ ପର୍ବ ଦର୍ଶନ କରିଥିଲେ।

# ବି. ଆର. ଆମ୍ବେଡ଼କରଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୧୪।୪:** ବ୍ରହ୍ମପୁର ମହାନଗର ଜାତି ଜନଜାତି ଆମ୍ବେଡକର ବିକାଶ ମଞ୍ଚ ପକ୍ଷରୁ ଡା. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହିଅବସରରେ ପୂର୍ବାହ୍ନରେ ଲାଞ୍ଜିପଲ୍ଲୀ ଆମ୍ବେଡକର ନଗରରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଏ ଅଧକ୍ଷ ସୁବାସ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ମଞ୍ଚ କାର୍ଯ୍ୟକାରୀ ସଭାପତି ଭାସ୍କର ହାଡିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ପୂର୍ବତନ କର୍ପୋରେଟର ରଶ୍ମିତା ପାତ୍ର, ସୁରେନ୍ଦ୍ର ମହାରଣା, ଜିଲା ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ ଓ ଯୁବନେତା ଅମିତ କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କେଶବ ନାୟକ, ମାଗୁଣି ନାୟକ, ଭି.ଏସ୍. ରାଓ, ରାଧାମୋହନ ନାୟକ ଓ ଟି. ବଳରାମ ପ୍ରମୁଖ ଉପସ୍ଥିତ ରହି ଆମ୍ବେଡକରଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଆମ୍ବେଡକର ନଗରସ୍ଥିତ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ବିକାଶ ମଞ୍ଚର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ସ୍କାଉଟ୍, ଗାଇଡ୍‌ସର ସେବା ଶିବିର

**ବ୍ରହ୍ମପୁର ଅଫିସ୍,୧୪।୪**

ଗଞ୍ଜାମ ଜିଲା ସ୍କାଉଟ୍ ଓ ଗାଇଡ୍‌ସ ତରଫରୁ ସେବା ଶିବିର ମହୁରୀକାଳୁଆ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ପରାମର୍ଶକ୍ରମେ ଓ ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ୪୮ଜଣ ସ୍କାଉଟ୍ ଏବଂ ୨୨ଗାଇଡ୍ ଏପରି ମୋଟ ୭୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମନ୍ଦିର ମଧ୍ୟରେ ଭକ୍ତମାନଙ୍କୁ ଧାଡ଼ିରେ ଠିଆ କରାଇବା, ଥଣ୍ଡା ପାଣି ସିଞ୍ଚନ, ଦହି ସରବତ ବଣ୍ଟନ, ଦୀପ ଷ୍ଟାଣ୍ଡର ସଫା ଏବଂ ମନ୍ଦିର ଚତୁଃପାର୍ଶ୍ୱ ସଫା କରାଯାଇଥିଲା। ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦକ୍ଷିଣପୁର ମହୁରୀକାଳୁଆ ସ୍କୁଲ ଏବଂ ଗୋକର୍ଣ୍ଣପୁର ହାଇସ୍କୁଲର ଛାତ୍ରୀଛାତ୍ରମାନେ ଏଥିରେ ଯୋଗ ଦେଇଥିଲେ। ଜିଲା ସଂଗଠନ କମିଶନର ରାମହରି ସାହୁ, ଜିଲା କମିଶନର ରାମଚନ୍ଦ୍ର ବିଷୋୟୀ, ଜିଲା ସ୍କାଉଟ୍ ମାଷ୍ଟର ଲକ୍ଷ୍ମୀନାରାୟଣ ପଣ୍ଡା, ସ୍କାଉଟ୍ ମାଷ୍ଟର ବ୍ରଜ କିଶୋର ଦାସ, ଅରୁଣ କୁମାର ପ୍ରଧାନ, ହାଡ଼ିବନ୍ଧୁ ଦୋରା ଓ ଗଙ୍ଗାଧର ଗୌଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସ୍କାଉଟ୍ ଏବଂ ଗାଉଟ୍‌ମାନଙ୍କ ସେବାକୁ ମନ୍ଦିର ପରିଚାଳନା ସମିତି ଏବଂ ଭକ୍ତମାନେ ପ୍ରଶଂସା କରିଥିଲେ ।




ଭକ୍ତମାନଙ୍କୁ ଥଣ୍ଡା ପାଣି ବଣ୍ଟନ କରାଯାଉଛି ।

### ହନୁମାନ ଜୟନ୍ତୀରେ ବ୍ରହ୍ମପୁରରେ ଭକ୍ତିମୟ ପରିବେଶ
# ହିଲପାଟଣା ସମେତ ବିଭିନ୍ନ ପୀଠରେ ହନୁମାନ ଚାଳିଶା

**ବ୍ରହ୍ମପୁର ଅଫିସ,୧୪।୪**

ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ବ୍ରହ୍ମପୁର ମହାନଗରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ପୀଠରେ ଥିବା ହନୁମାନ ମନ୍ଦିରରେ ସକାଳୁ ରାତି ପର୍ଯ୍ୟନ୍ତ ବଜରଙ୍ଗ ବାଲିଙ୍କ ଦର୍ଶନ ପାଇଁ ଭକ୍ତଙ୍କ ନାହିଁ ନ ଥିବା ଗହଳି ହୋଇଥିଲା। ଶହ ଶହ ଛାତ୍ରୀ, ମହିଳା ଓ ପୁରୁଷମାନେ ଦିନତମାମ ହନୁମାନ ଚାଳିଶା ପାଠ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସୁରେନ୍ଦ୍ର ଚୌଧୁରୀ, ସଭ୍ୟ ବଳରାମ ପଣ୍ଡା ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ କଡ଼ା ବ୍ୟବସ୍ଥା କରାଯାଇଥିଲା ।

ସେହିପରି ରାମଲିଙ୍ଗମ ପୋଖରୀ ପାର୍ଶ୍ୱ ପୁରାତନ ହନୁମାନ ମନ୍ଦିର, ଅନ୍ଧପସରା ହନୁମାନ ମନ୍ଦିର, ଶାସ୍ତ୍ରୀନଗର, ବିଜିପୁର ପୋଖରୀ ରୋଡ, ଶିଳ୍ପାଞ୍ଚଳ ସକଳେଶ୍ୱର ମନ୍ଦିର ବେଢ଼ାରେ ବିଜେ ହନୁମାନ ପୀଠରେ ମଧ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଗୋଷାଣୀନୂଆଗାଁ ବୈଦ୍ୟ ସାହି ହନୁମାନ ପୀଠରେ ମଧ ମହିଳା ଓ ପୁରୁଷମାନେ ଚାଳିଶା ପାଠ କରିଥିଲେ । ବିଷୁବ ସଂକ୍ରାନ୍ତିରେ ହନୁମାନଙ୍କ ଦର୍ଶନ ଲାଗି ବିଭିନ୍ନ ଦଳର ନେତା, କର୍ମୀ ଓ ଅନ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା ପକ୍ଷରୁ ପ୍ରଭାତ ସାହୁ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଲୋଚପଡ଼ା, ଷ୍ଟେଶନ ରୋଡ ସମେତ ଅନ୍ୟ ମନ୍ଦିରଗୁଡିକରେ ମଧ ଭକ୍ତମାନେ ହନୁମାନ ଚାଳିଶା ପାଠ କରିଥିଲେ। ବଜରଙ୍ଗ ବାଲିଙ୍କ ଜନ୍ମ ଦିବସ ଉପଲକ୍ଷେ ସବୁ ପୀଠରେ ହୋମଯଜ୍ଞ କରାଯାଇଥିଲା। ମାଣ୍ଡିଆପଲ୍ଲୀ ହନୁମାନ ପୀଠରେ ମହିଳା ଓ ପୁରୁଷ ଲମ୍ବାଧାଡ଼ି ଲଗାଇ ଜନ୍ମ ଦିନରେ ପବନ ପୁତ୍ରଙ୍କୁ ଦର୍ଶନ କରିଥିଲେ।



ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ପୀଠରେ ଥିବା ହନୁମାନ ମନ୍ଦିରରେ ଛାତ୍ରୀଛାତ୍ର ଓ ମହିଳାମାନଙ୍କ ହନୁମାନ ଚାଳିଶା ପାଠ।





## କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡି, ଭାଜପାକୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ଆଦିତେଶ୍ୱର ମିଶ୍ର**
**କନ୍ଧମାଳ,୧୪।୪**

ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ବାଲିଗୁଡା ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀର ଅଂଶକୁ ନେଇ କନ୍ଧମାଳ ବିଧାନସଭା କ୍ଷେତ୍ର ଗଠିତ ହୋଇଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀରୁ ୨୦୧୪ ନିର୍ବାଚନରେ ବିଜେଡିର ମହୀଧର ରଣା ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ମହୀଧର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସରୁ ଆଇନଜୀବୀ ପ୍ରଶାନ୍ତ ସାହୁ, ଭାଜପାର କହ୍ନେଇ ଚରଣ ଡାଙ୍ଗ ନିର୍ବାଚନ ଲଢୁଛନ୍ତି। ସେପଟେ ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏହା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଚଳିତ ନିର୍ବାଚନରେ ଏଠାରେ କଂଗ୍ରେସ ଚାଷ ଓ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟ୍ ହାତେଇବାକୁ ଲକ୍ଷ୍ୟ ରଖିଛି। ୨୦୧୪ ନିର୍ବାଚନରେ ଅନ୍ୟ ଦଳକୁ ଚାଲିଯାଇଥିବା ପାରମ୍ପରିକ ଭୋଟ ଫେରାଇ ଆଣିବାକୁ କଂଗ୍ରେସ ଉଦ୍ୟମ ଚଳାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି, କୃଷିଋଣ ଛାଡ ସହ ଜଳସେଚନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଉଛି। ସେହିପରି ଭାଜପା ବିଜେଡିର ୧୯ ବର୍ଷର କଳଙ୍କିତ ଶାସନକୁ ସମାଲୋଚନା କରିବା ସହ ମୋଦିଙ୍କ ଲୋକପ୍ରିୟତାକୁ ପାଥେୟ କରି ଭୋଟ୍ ପାଇବାକୁ ଯୋଜନା ଚଳାଇଛି। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗଙ୍କ ବୌଦ୍ଧ ବ୍ଲକ ଅଞ୍ଚଳରେ ସଙ୍ଗଠନ ରହିଛି। ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାରଙ୍କ ଘର ମଧ୍ୟ ବୌଦ୍ଧ ବ୍ଲକ ଅଞ୍ଚଳରେ ହୋଇଥିବାରୁ ଏହି ବ୍ଲକର ୧୨ଟି ପଞ୍ଚାୟତରେ କହ୍ନେଇ ଓ ଶେଷକୁମାରଙ୍କ ମଧ୍ୟରେ କଡା ଟକ୍କର ହେବ। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ କହିଛନ୍ତି ଯେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ କନ୍ଧମାଳ ବହୁ ପଛରେ ରହିଛି। ଜଳସେଚନ ଓ ଚାଷୀ ସମସ୍ୟା ମଧ୍ୟ ଏଠି ଉତ୍କଟ। ସେସବୁ ଦିଗରେ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ଅଛନ୍ତି।



ମହୀଧର ରଣା



କହ୍ନେଇ ଚରଣ ଡାଙ୍ଗ



ପ୍ରଶାନ୍ତ ସାହୁ



ଶେଷ କୁମାର ମେହେର

ଅନ୍ୟପକ୍ଷେ ବିଧାୟକ ମହୀଧର ରଣା ତୃଣମୂଳସ୍ତରରେ ବିଜେଡିର ସଙ୍ଗଠନକୁ ଧରି ନିର୍ବାଚନ ବୈତରଣୀ ପାର ହେବକୁ ଆଶା ବାନ୍ଧିଛନ୍ତି। ୧ ନମ୍ବର ଜୋନରେ ତାଙ୍କ ଘର ହୋଇଥିବାରୁ ସେହି ଜୋନ୍‌ର ଭୋଟ୍ ଉପରେ ତାଙ୍କ ବିଜୟ ନିର୍ଭର କରୁଛି। କାରଣ ସେ ଗତ ନିର୍ବାଚନରେ ସେଠାରୁ ବିପୁଳ ଭୋଟ ପାଇ ବିଜୟୀ ହୋଇଥିଲେ। ମହୀଧର କୁହନ୍ତି, ମୋ କାର୍ଯ୍ୟକାଳ ଭିତରେ ଜାମୁଟ ଘାଟରେ ପୋଲ, କନ୍ଧମାଳ, ଘଣ୍ଟାପଡା ଓ ଗବଜୋରଠାରେ ତେଲ ନଦୀରେ ପୋଲ ସହିତ ଜଳସେଚନ କ୍ଷେତ୍ରରେ ଯାହା ପାରିଛି, କାମ କରିଛି। ଆହୁରି ଅଧୁରା ସ୍ୱପ୍ନ ରହିଛି। ନିର୍ବାଚନରେ ବିଜୟୀ ହେଲେ ସେସବୁ ପୂରଣ କରିବି। ହେଲେ ତାଙ୍କ ପାଇଁ ମଧ କଣ୍ଟା ହୋଇ ଠିଆ ହୋଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର। କାରଣ ଶେଷ କୁମାର ମେହେର ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି। ବିଜେଡି ସଙ୍ଗଠନର ସବୁ ସ୍ତରରେ ତାଙ୍କର ସମ୍ପର୍କ ଓ ପ୍ରଭାବ ରହିଛି। ତାଙ୍କୁ ବିଧାୟକଙ୍କ ବିପକ୍ଷ ବିଜେଡି ନେତା ଓ କର୍ମୀଙ୍କ ସମର୍ଥନ ମିଳୁଛି। ତାଙ୍କ ସପକ୍ଷରେ ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସାମନ୍ତ ମାଝୀ ଓ ପୂର୍ବତନ ବିଧାୟକ ଭଗବାନ କହଁରଙ୍କ ସମର୍ଥନ ରହିଛି। ଶଙ୍କର୍ଷଣ ପ୍ରଧାନ ୨ ଓ ୩ ନମ୍ବର ଜୋନରେ ପାରମ୍ପରିକ ବିଜେଡି ଭୋଟକୁ ପ୍ରଭାବିତ କରୁଥିବା ବେଳେ ଭଗବାନ କହଁର ଓ ସାମନ୍ତ ମାଝୀ ୧ ନମ୍ବର ଜୋନରେ ବିଜେଡି ଭୋଟ୍‌କୁ ପ୍ରଭାବିତ କରିବା ଆଶଙ୍କା ରହିଛି। କର୍ମୀମାନଙ୍କ ସହ ପୁରୁଣା ସମ୍ପର୍କ ଓ ଦଳୀୟ ଅସନ୍ତୁଷ୍ଟଙ୍କ ଉପରେ ଶେଷକୁମାରଙ୍କ ବିଜୟ ନିର୍ଭର କରୁଛି। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଶେଷ କୁମାରଙ୍କୁ ସମର୍ଥନ କରୁଥିବା ବିଜେଡିର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ବିଧାୟକ ରଣା ତାଙ୍କ ସପକ୍ଷରେ ନେଇ ପାରିନାହାନ୍ତି। ଏଠାକାର ଜଣେ ଭୋଟର ଫଟୁ ରାଜହଂସ କୁହନ୍ତି, ସବୁ ପ୍ରାର୍ଥୀ ସମାନ ସମାନରେ ଯାଉଛନ୍ତି। ଆସନ୍ତା ଦୁଇଦିନ ଭିତରେ ସମୀକରଣ ନ ବଦଳିଲେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ଚଳିତ ନିର୍ବାଚନରେ ୧୧ ହଜାର ୨୫୬ ଯୁବ ଭୋଟର ଭୋଟ ଦେବେ। ଏହି ଯୁବ ଭୋଟରଙ୍କ ସମର୍ଥନ ଉପରେ ସବୁ ଦଳର ପ୍ରାର୍ଥୀଙ୍କ ନଜର ରହିଛି।

**ବୀରେନ୍ଦ୍ର ଝାଙ୍କର**
**ବଲାଙ୍ଗୀର ଅଫିସ, ୧୪।୪**

ସଂସଦୀୟ କ୍ଷେତ୍ର ବଲାଙ୍ଗୀରରେ ସବୁବେଳେ ହାଇଭୋଲଟେଜ ଲଢେଇ ହୋଇଥାଏ। ଏଠାକାର ନିର୍ବାଚନ ରାଜନୀତି ଏଥର ଏକ ରୋଚକ ମୋଡରେ ପହଞ୍ଚିଛି। ଭୋଟ ଗ୍ରହଣ ଦିବସ ଆଉ ମାତ୍ର ଚାରିଦିନ ବାକି ଥିବାବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଜୟ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସଭା, ଶୋଭାଯାତ୍ରା ଓ ରୋଡ ଶୋ କରାଯାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରାଯାଉଛି। ପ୍ରାର୍ଥୀଙ୍କ ପରିବାରର ମହିଳା ସଦସ୍ୟମାନେ ବାହାରି ନିର୍ବାଚନୀ ବାତାବରଣକୁ ସରଗରମ କରି ଦେଇଛନ୍ତି। ବଲାଙ୍ଗୀର ସଦର, ଲୋଇସିଂହା, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଏବଂ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା କ୍ଷେତ୍ରକୁ ନେଇ ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀ ଗଠିତ। ମୋଟ ୧୭ ଲକ୍ଷ ୧୩ ହଜାର ୯୯୬ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୮୬ ହଜାର ୮୯୯ ଜଣ ପୁରୁଷ ଓ ୮ ଲକ୍ଷ ୨୬ ହଜାର ୯୬୬ ମହିଳା ଭୋଟର ରହିଛନ୍ତି। ୧୩୧ଜଣ ଅନ୍ୟ ଭୋଟର ରହିଛନ୍ତି। ଏଠାରେ ଆଗାମୀ ୧୮ତାରିଖରେ ମତଦାନ ହେବ।

ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ପୁଣି ଥରେ ମଇଦାନରେ ଅବତୀର୍ଣ୍ଣ କରାଇଥିବା ବେଳେ ତାଙ୍କୁ ସାମ୍ନା କରୁଛନ୍ତି ତାଙ୍କ ଭାଉଜ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସଙ୍ଗୀତା କୁମାରୀ ସିଂଦେଓ। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିବା ପରେ ପ୍ରତିଦ୍ୱନ୍ଦ୍ୱିତା ତ୍ରିମୁଖୀ ହୋଇଯାଇଥିବା ରାଜନୀତିରେ ରୁଚି ରଖୁଥିବା ଲୋକେ କହିଛନ୍ତି। ମଇଦାନରେ ଅବତୀର୍ଣ୍ଣ ଅନ୍ୟ ପ୍ରାର୍ଥୀମାନଙ୍କର ଉପସ୍ଥିତି ସେତେଟା ଅନୁଭୂତ ହେଲା ଭଳି ମନେ ହେଉନାହିଁ। ତେବେ ଏହି ନିର୍ବାଚନର ଫଳାଫଳ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କର ରାଜନୈତିକ ଭବିଷ୍ୟତ ଓ ବ୍ୟକ୍ତିଗତ ପ୍ରତିଷ୍ଠା ଉପରେ ବାଜି ଲାଗିଥିବା କୁହାଯାଉଛି। ବିଜେଡି–ଭାଜପା ମେଣ୍ଟ ଥିବାବେଳେ ଲଗାତର ତିନିଥର ଭାଜପାରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ ସଙ୍ଗୀତା କୁମାରୀ ସିଂଦେଓ। ମେଣ୍ଟ ଭାଙ୍ଗିବା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କଠାରୁ ପରାଜିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ୧୯ବର୍ଷର ବିଜେଡି ଶାସନର ବିଫଳତା ତାଙ୍କୁ ନିର୍ବାଚନୀ ବୈତରଣୀ ପାର କରାଇବ ବୋଲି ଆଶା ରଖିଛନ୍ତି ସଙ୍ଗୀତା। ତାଙ୍କ ପାଇଁ ଷ୍ଟାର ପ୍ରଚାରକଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋନପୁରଠାରେ ଆସି ପ୍ରଚାର କରିଯାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ଜିଲାରେ ମାରଥନ ପ୍ରଚାର କରିବା ପରେ ଦଳୀୟ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା, ସବୁ ଗାଁରେ ପାନୀୟ ଜଳପ୍ରକଳ୍ପ, ବଲାଙ୍ଗୀର–ଖୋର୍ଦ୍ଧା ରେଳପ୍ରକଳ୍ପର ଅଗ୍ରଗତି, ବଲାଙ୍ଗୀର ଓ ସୋନପୁର ଅଞ୍ଚଳରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ତାଙ୍କର ପ୍ରାଥମିକତା ବୋଲି ସଙ୍ଗୀତା କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଡା.ବାସୁଦେବ ପତିଙ୍କ ଭଳି କେତେକ ବରିଷ୍ଠ ନେତା ଦଳ ଛାଡି ବିଜେଡିରେ ମିଶିବା ତାଙ୍କୁ ଅକଳରେ ପକାଇବା ଆକଳନ କରାଯାଉଛି।

ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ତୃତୀୟ ଥର ପାଇଁ ଏହି କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। ଦଳୀୟ କର୍ମୀ ଓ ନେତାଙ୍କୁ ଧରି ସେ ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ବିଧାନ ସଭା କ୍ଷେତ୍ରରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଦଳ ତରଫରୁ ସୋମବାର ଷ୍ଟାର ପ୍ରଚାରକଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାରାଥନ ପ୍ରଚାର କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଫଳତା ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରର ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ତାଙ୍କ ପାଇଁ ପୁଣି ଥରେ ବିଜୟ ଆଣି ଦେବ ବୋଲି କଳିକେଶ କହିଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପ କାମକୁ ଅବିଳମ୍ବେ ସମାପ୍ତ, ଡୁଷରାଠାରେ ପାଇଲଟ୍ ଟ୍ରେନିଂ ସେଣ୍ଟର, ବଲାଙ୍ଗୀର–ଖୋର୍ଦ୍ଧା ରେଳପ୍ରକଳ୍ପକୁ ସୋନପୁର ପର୍ଯ୍ୟନ୍ତ ଶୀଘ୍ର ନିର୍ମାଣ, ସୋନପୁରଠାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ତାଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି। ତେବେ ଗତ ଦୁଇ ନିର୍ବାଚନ ପରି ଚଳିତ ଥର କଳିକେଶ କେବଳ ବିରୋଧୀ ନୁହଁନ୍ତି ନିଜ ଦଳ ଭିତରୁ ବି କଡା ଆହ୍ୱାନର ସମ୍ମୁଖୀନ ହେଉଥିବା କୁହାଯାଉଛି। ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଓ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁଙ୍କ ଟିକେଟ କଟିବା ପରେ ଉଭୟ ନେତା ବସ୍ତୁତଃ ନିର୍ବାଚନ ପ୍ରଚାରରୁ ନିଜକୁ ଦୂରେଇ ରଖିଛନ୍ତି। ସେହିପରି ଶ୍ରମିକ ନେତା ଲଳିତ ନାୟକଙ୍କୁ ମଧ୍ୟ ଏଠାରେ ପ୍ରଚାରରେ ଦେଖାଯାଉନାହିଁ। ଏହାର ପ୍ରଭାବ ବିଜେଡି ଭୋଟ ରାଜନୀତି ଉପରେ କେତେ ପ୍ରଭାବ ପକାଇବ ତାହା ଫଳାଫଳ ଘୋଷଣା ପରେ ଜଣା ପଡିବ।

କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ପ୍ରଥମ ଥର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ପିତା ନରସିଂହ ମିଶ୍ରଙ୍କ ଲୋକପ୍ରିୟତା ସାଙ୍ଗକୁ ନିଜସ୍ୱ ସାଙ୍ଗଠନିକ ଦକ୍ଷତା ଓ ଲୋକସମ୍ପର୍କ ତାଙ୍କୁ ଅଧିକ ଗ୍ରହଣଶୀଳ କରିବ ବୋଲି ସମରେନ୍ଦ୍ର କହିଛନ୍ତି। ଭାଜପା ଓ ବିଜେଡି ଏମ୍‌ପି ଦୀର୍ଘବର୍ଷ ଧରି ରହିବା ସତ୍ତ୍ୱେ ବଲାଙ୍ଗୀରବାସୀ କିଛି ପାଇ ନ ଥିବାରୁ ଏହା ସିଧାସଳଖ ତାଙ୍କୁ ଫାଇଦା ଦେବ ବୋଲି କହିଛନ୍ତି। ଇତିମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଷ୍ଟାର ପ୍ରଚାରକଭାବେ ସମରେନ୍ଦ୍ରଙ୍କ ପାଇଁ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ପ୍ରଚାର କରି ସାରିଛନ୍ତି। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ସ୍ଥାନୀୟ ଅଞ୍ଚଳରେ ଯୁବକଯୁବତୀଙ୍କୁ ନିଯୁକ୍ତି, ଲୋୟର ସୁକ୍‌ତେଲ ସହ ଦୁଇ ଜିଲାରେ ଜଳସେଚନ ପ୍ରକଳ୍ପ, କୃଷିଭିତ୍ତିକ ଶିଳ୍ପପ୍ରତିଷ୍ଠା, ଚାଷୀଙ୍କୁ ୨୬୦୦ ଟଙ୍କାର ଏମ୍‌ଏସ୍‌ପି ସହାୟତା, କୃଷିଋଣ ଛାଡ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ ଭଳି ପ୍ରତିଶ୍ରୁତି ଦେଇ ସେ ଭୋଟର ଆଶୀର୍ବାଦ ଲାଭ କରିବାକୁ ଚେଷ୍ଟା କରୁଛନ୍ତି। ତେବେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତାଙ୍କୁ ଅଡୁଆରେ ପକାଉଥିବା ପ୍ରତୀୟମାନ ହେଉଛି। ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ପୂର୍ବତନ ଜିଲା କଂଗ୍ରେସ ସଭାପତି ଭଗବାନ ବର୍ଗାଁ ପ୍ରମୁଖ ତାଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ଦଳ ଛାଡିବା ସମରେନ୍ଦ୍ରଙ୍କୁ କେତେକାଂଶରେ ପ୍ରଭାବିତ କରିବ ବୋଲି କୁହାଯାଉଛି।

ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ଅନେକ ସମସ୍ୟା ରହିଛି। ଲୋୟର ସୁକ୍‌ତେଲ, ବଲାଙ୍ଗୀର ବାଇପାସ୍ ରାସ୍ତା, ବଲାଙ୍ଗୀର ଟିନିକଲ, ସୋନପୁର ସୂତାକଳ ବନ୍ଦ ପଡିଛି। ଲୋକେ ଧୀରେ ଧୀରେ ସଚେତନ ହେଉଛନ୍ତି ଓ ଏଥର ଉଚିତ୍ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ସଚେତନ ନାଗରିକ ବାଳକୃଷ୍ଣ ଷଡଙ୍ଗୀ କହିଛନ୍ତି। ସେହିପରି ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ କୁରୁଲ ଗ୍ରାମର ରାଜକିଶୋର ନାଏକ କହନ୍ତି, ୧୮ ତାରିଖ ଭୋଟ୍‌ରେ ବିକାଶ କାମ କରିବା ସାମର୍ଥ୍ୟ ଥିବା ପ୍ରାର୍ଥୀଙ୍କୁ ହିଁ ଲୋକେ ଭୋଟ୍ ଦେବେ।

## ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ



ସଙ୍ଗୀତା କୁମାରୀ ସିଂଦେଓ



କଳିକେଶ ନାରାୟଣ ସିଂଦେଓ



ସମରେନ୍ଦ୍ର ମିଶ୍ର

**ବଲାଙ୍ଗୀର ଲୋକ ସଭା ୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଳିକେଶ ନାରାୟଣ ସିଂଦେଓ | ବିଜେଡି | ୪,୫୩,୫୧୯ |
| ସଙ୍ଗୀତା କୁମାରୀ ସିଂଦେଓ | ଭାଜପା | ୩,୩୯,୨୨୦ |
| ଶରତ ପଟ୍ଟନାୟକ | କଂଗ୍ରେସ | ୨,୭୭,୬୧୬ |

# ପ୍ରାର୍ଥୀଙ୍କ ପ୍ରତିଷ୍ଠା ଉପରେ ବାଜି ଲାଗିଛି

# ବିଜେଡି ଛାଡ଼ିଲେ ସୁଷମାରାଣୀ

**ବାଲେଶ୍ୱର ଅଫିସ, ୧୪।୪**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନରେ ଭାଜପାରୁ ଟିକେଟ ନ ପାଇବାର ଆଶଙ୍କା କରି ସୁଷମାରାଣୀ ବିଶ୍ୱାଳ ମାର୍ଚ୍ଚ ୧୧ ତାରିଖରେ ବିଜେଡିରେ ଯୋଗ ଦେଇଥିଲେ। ବିଜେଡିର ୩୩ ପ୍ରତିଶତ ମହିଳା ସଂରକ୍ଷଣ ନୀତି ଏବଂ ଦଳୀୟ ନେତୃବର୍ଗଙ୍କ ପ୍ରତିଶ୍ରୁତିରେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ସୁଷମାରାଣୀ କୌଣସି କାରଣରୁ ବିଧାୟକ ପ୍ରାର୍ଥୀ ଟିକେଟ ପାଇବାରୁ ବଞ୍ଚିତ ହେଲେ। ଏଥିରେ ସେ ଅସନ୍ତୋଷ ପ୍ରକାଶ କରି ରବିବାର ଅପରାହ୍ନରେ ବିଜେଡିର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଚଳିତ ନିର୍ବାଚନରେ ତାଙ୍କର ଭୂମିକା ସମ୍ପର୍କରେ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ବିଜେଡିର ନେତୃତ୍ୱାଧୀନ ବ୍ୟକ୍ତିମାନେ ବାରମ୍ବାର ନିଷ୍ପତ୍ତି ବଦଳାଉଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ପରାଜିତ କରିବା ପାଇଁ ସେ ବାଲେଶ୍ୱର ତଥା ନୀଳଗିରିବାସୀଙ୍କୁ ଆହ୍ୱାନ କରିବେ। ଅନ୍ୟପକ୍ଷରେ ସେ ପୁନର୍ବାର ଭାଜପାରେ ସାମିଲ ହେବା ନେଇ ସୂଚନା ମିଳୁଥିଲେ ମଧ ସେ ସ୍ପଷ୍ଟ କରି ନ ଥିଲେ। ଖବରଦାତା ସମ୍ମିଳନୀରେ ଯୁବନେତା କମ୍ବୁନାଥ ମଲ୍ଲିକ ଓ ବେଗୁନିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ଭାଜପାର ବିଧାୟିକା ପ୍ରାର୍ଥିନୀ ସୁଷମାରାଣୀ ପ୍ରତିଦ୍ୱନ୍ଦ୍ୱିତା କରି ୩୭ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡି ପ୍ରାର୍ଥୀ ଇଂ. ସୁକାନ୍ତ ନାୟକଙ୍କଠାରୁ ପରାଜିତ ହୋଇଥିଲେ।




ସୁଷମାରାଣୀ ବିଶ୍ୱାଳଙ୍କ ଖବରଦାତା ସମ୍ମିଳନୀ।

## ବାରବାଟୀ–କଟକ ବିଧାନସଭା ଆସନ

# ଯାଦବ, ସଂଖ୍ୟାଲଘୁ ଭୋଟକୁ ନେଇ ତର୍ଜମା

**ନିର୍ମଳ ପଣ୍ଡା**
**କଟକ ଅଫିସ, ୧୪।୪**

ଏପ୍ରିଲ ୨୩ ତାରିଖରେ ବାରବାଟୀ–କଟକ ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଆଉ ଅଳ୍ପଦିନ ଥିବାରୁ ପ୍ରାର୍ଥୀମାନେ ଦିନରାତି ଏକାକାର କରିଦେଇଛନ୍ତି। ଚଳିତ ନିର୍ବାଚନରେ ଏହି ଆସନରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହେଲେ ଲଢେଇ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ବାରବାଟୀ–କଟକ ଆସନରେ ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୨୭ହଜାର ୭୭୭। ସେଥିରୁ ଯାଦବ ଭୋଟରଙ୍କ ସଂଖ୍ୟା ପାଖାପାଖି ୨୨ହଜାର ଥିବାବେଳେ ମୁସ୍‌ଲିମ୍ ଭୋଟରଙ୍କ ସଂଖ୍ୟା ପ୍ରାୟ ୩୬ହଜାର ରହିଛି। ଏଣୁ ଯାଦବ ଓ ସଂଖ୍ୟାଲଘୁ ଭୋଟକୁ ନେଇ ଏବେ ତର୍ଜମା ଚାଲିଛି।

୨୦୧୪ରେ ଯାଦବ ନେତା ଆଶୀର୍ବାଦ ବେହେରା ବିଜେଡି ସପକ୍ଷରେ ପ୍ରଚାର କରିଥିବାବେଳେ ଚଳିତଥର ମଧ ବିଜେଡିକୁ ସମର୍ଥନ ଦେବେ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ସୂଚନାଥାଉକି, ଆଶୀର୍ବାଦଙ୍କୁ ନେଇ ବାରବାଟୀ–କଟକରେ ନୂଆ ସମୀକରଣ ସୃଷ୍ଟିହେବ ବୋଲି ଆକଳନ କରାଯାଉଥିଲା। କାରଣ ଆଶୀର୍ବାଦ ଏଠାରୁ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଟିକେଟ ଦୌଡ଼ରେ ଥିଲେ। ହେଲେ ଶେଷ ମୁହୂର୍ତ୍ତରେ ବିଜେଡି ଦେବାଶିଷଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଆଶୀର୍ବାଦଙ୍କ ପରବର୍ତ୍ତୀ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ଆଶୀର୍ବାଦଙ୍କୁ ମନାଇବାରେ ବିଜେଡି ନେତୃତ୍ୱ ସଫଳ ହୋଇଛନ୍ତି। ମାତ୍ର ଯାଦବ ସମ୍ପ୍ରଦାୟରୁ ହେମନ୍ତ ବେହେରା ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ତେଣୁ ହେମନ୍ତ କେତେ ମାତ୍ରାରେ ଯାଦବ ଭୋଟକୁ ନିଜ ସପକ୍ଷରେ ନେବାରେ ସକ୍ଷମ ହେବେ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଜଣେ ଯାଦବ ଭୋଟର କାର୍ତ୍ତିକେଶ୍ୱର ବେହେରା କୁହନ୍ତି, କଟକକୁ ଭଲ ପାଉଥିବା ନେତାଟିଏ ଦରକାର। ଜାତି କଥା ପଛରେ। ଜାତିକୁ ନେଇ ରାଜନୀତି କଟକରେ ହୋଇନାହିଁ କି ହେବନାହିଁ। ମୌଳିକ ସମସ୍ୟାକୁ ଦୂର କରିପାରିବା ଭଳି ସାହସ ଥିବା ନେତାକୁ କଟକବାସୀ ବାଛିବେ। ଆଉ ବାହୁସ୍ଫୋଟ କଥା ଓ ଟଙ୍କାର ବଳ କାମ ଦେବ ନାହିଁ ବୋଲି କାର୍ତ୍ତିକେଶ୍ୱର କହିଛନ୍ତି।

ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଏବେ ମହମ୍ମଦ ମୋକିମ ଓ ସେକ୍ ମୁନ୍ତାକିମ ବକ୍ସ ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ଫଳାଫଳ ଅନୁଯାୟୀ ମୁସ୍‌ଲିମ୍‌ବହୁଳ ବୁଥ୍‌ଗୁଡ଼ିକରୁ ବିଜେଡି ୧୨ହଜାର ଭୋଟ ପାଇଥିବା ବେଳେ କଂଗ୍ରେସ ୧୬ହଜାର ଭୋଟ ପାଇଥିଲା। ଏବେ ନିର୍ବାଚନୀ ମଇଦାନରେ ୨ ଜଣ ମୁସ୍‌ଲିମ ପ୍ରାର୍ଥୀ ଅଛନ୍ତି ତେଣୁ ଏହି ଭୋଟ ଭାଗ ହେବାର ଆଶଙ୍କା ରହିଛି। ମାତ୍ର ମୁସ୍‌ଲିମ୍ ସମ୍ପ୍ରଦାୟର ଅଧିକାଂଶ ନେତା ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ସେମାନଙ୍କ ମଧ୍ୟରେ ମହମ୍ମଦ ଶକିଲ, ସେକ୍ କମରୁଦ୍ଦିନ, ଏକ୍ରାମ ହୁସେନ, ଡ. ମହମ୍ମଦ ଆୟୁବ, ରମଜାନ ଖାଁ ଓ ଆଡଭୋକେଟ ସେକ୍ ଶରିଫ ପ୍ରମୁଖ ରହିଛନ୍ତି। ମୁସ୍‌ଲିମ୍ ଭୋଟ ଯଦି ଧ୍ରୁବୀକରଣ ହୁଏ ତେବେ ତାହା ବିଜେଡି କିମ୍ବା କଂଗ୍ରେସ ମଧ୍ୟରୁ କାହାକୁ ଫାଇଦା ଦେବ ସେ ନେଇ ରାଜନୈତିକ ସମୀକ୍ଷକମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହାନ୍ତି। ଏନେଇ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ କହିବାନୁଯାୟୀ, ଜାତିକୁ ନେଇ କଟକରେ ଭୋଟ ହୁଏ ନାହିଁ। ଏଠାରେ ଅନେକ ସମସ୍ୟା ରହିଛି, ଯାହାକୁ ଲୋକେ ରାତିପାହିଲେ ସାମ୍ନା କରୁଛନ୍ତି। ଅସରାଏ ବର୍ଷାରେ ଲୋକଙ୍କ ଚୁଲିରେ ପାଣି ପଶୁଛି। ସହରକୁ ଜଳବନ୍ଦୀରୁ ମୁକ୍ତ କରିବା, ମଶାଙ୍କ କବଳରୁ ସହରକୁ ମୁକ୍ତକରିବା, ଟ୍ରାଫିକ ସମସ୍ୟା ଦୂର କରିବା ଆଦି ପ୍ରସଙ୍ଗକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ଏହିସବୁ ପ୍ରସଙ୍ଗକୁ ଗ୍ରହଣ କରୁଥିବା ସେ ହୃଦୟଙ୍ଗମ କରୁଛନ୍ତି। କଟକବାସୀ ଅତୀତରେ ବିଜେଡି ଓ ଭାଜପାକୁ ବହୁବାର ଭୋଟ ଦେଇ ପ୍ରତାରଣାର ଶିକାର ହୋଇଛନ୍ତି। ତେଣୁ କଂଗ୍ରେସକୁ ଭୋଟ ଦେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଥିବା ଦେଖିବାକୁ ପାଉଛନ୍ତି ବୋଲି ମୋକିମ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ମୁନ୍ତାକିମ୍ ବକ୍ସ କୁହନ୍ତି, ସହରବାସୀଙ୍କୁ ନାଳନର୍ଦ୍ଦମାରେ ବୁଡ଼ାଇ ରଖିଥିବା ଲୋକେ ପ୍ରାର୍ଥୀ ହୋଇ ଭୋଟ ମାଗୁଛନ୍ତି। ସବୁ ସମ୍ପ୍ରଦାୟର ଲୋକେ ତାଙ୍କୁ ଭୋଟ ଦେବେ ବୋଲି ମୁନ୍ତାକିମ୍ ଆଶାବାଦୀ ଥିବା କହିଛନ୍ତି। ସେହିପରି ଜଣେ ମହମ୍ମଦ ସାହିଦ କୁହନ୍ତି ଯେ, ଜାତିକୁ ଦେଖି ଲୋକ ଭୋଟ ଦେବେନି। ଯିଏ ସତରେ ଲୋକଙ୍କ ପାଇଁ କାମ କରିଛି ସାଧାରଣ ଲୋକ ତାକୁ ହିଁ ଭୋଟ ଦେବେ। ମଣିଷପଣିଆ ରହୁଥିବା ନେତାଙ୍କୁ ଏଥର କଟକବାସୀ ବାଛିବେ ବୋଲି ତାଙ୍କର ଆଶା। ନାଳନର୍ଦ୍ଦମା, ମଶା ସମସ୍ୟାରେ ଘାଣ୍ଟି ହେଉଥିବା କଟକିଆ ଭୁଲ ବିଚାର କଲେ ଏଥିରେ ଆହୁରି ୫ ବର୍ଷ ଘାଣ୍ଟି ହେବେ ବୋଲି ସାହିଦ୍ କହିଛନ୍ତି।

ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ କହିବାନୁଯାୟୀ, ସବୁ ସମ୍ପ୍ରଦାୟ ବିଜେଡି ସହିତ ଅଛନ୍ତି। ନବୀନ ସରକାରଙ୍କ ସମୟରେ କଟକର ଅନେକ ବିକାଶ ହୋଇଛି। ଜାଇକା ପ୍ରକଳ୍ପଠାରୁ ଆରମ୍ଭ କରି ସହର ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଅନେକ କାର୍ଯ୍ୟ ସାଧିତ ହୋଇଛି। ନବୀନ ସରକାରର ବିକାଶକୁ ଓ ଜନକଲ୍ୟାଣକାରୀ ଯୋଜନାକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ତାହାକୁ ଗ୍ରହଣ କରୁଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

ଭାଜପା ପ୍ରାର୍ଥୀ ସମୀର ଦେ ମଧ୍ୟ ଅନୁରୂପ ଢଙ୍ଗରେ କହିଛନ୍ତି। କଟକ ଭାଇଚାରାର ସହର। ଏଠାରେ ଜାତିଭିତ୍ତିକ ଭୋଟ ହୁଏନାହିଁ। ସହରକୁ ଆବର୍ଜନାମୁକ୍ତ କରିବା ସହିତ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ପାଖକୁ ଯିବା ସମୟରେ ଲୋକେ ଭୋଗୁଥିବା ମୌଳିକ ସମସ୍ୟା ଆମ ଆଗରେ ବଖାଣୁଛନ୍ତି। ଭାଜପା କ୍ଷମତାକୁ ଆସିବା ମାତ୍ରେ ପ୍ରଥମେ ଲୋକଙ୍କୁ ସାଥିରେ ଧରି ସେମାନଙ୍କ ସମସ୍ୟାକୁ ସମାଧାନ କରାଯିବ ବୋଲି ସମୀର କହିଛନ୍ତି।



ଦେବାଶିଷ ସାମନ୍ତରାୟ



ମହମ୍ମଦ ମୋକିମ



ସମୀର ଦେ

**୨୦୧୪ର ଫଳାଫଳ**

| | | |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୭,୬୭୩ |
| କଂଗ୍ରେସ | ଇଂ. ମହମ୍ମଦ ମୋକିମ୍ | ୪୩,୩୩୫ |
| ଭାଜପା | ପ୍ରଦୀପ ସ୍ୱାଇଁ | ୨୦,୫୫୨ |
| ବିଏସ୍‌ପି | ସୟଦ ସଫିକ୍ ଅଲି | ୨୭୪ |
| ଏସ୍‌ୟୁସିଆଇ | ପ୍ରତାପ ଚନ୍ଦ୍ର ମିଶ୍ର | ୨୦୭ |
| ଏଏପି | ସେକ୍ ମୁନ୍ତାକିମ୍ ବକ୍ସ | ୧୦୧୨ |
| ଏଓପି | ମହମ୍ମଦ ଓ୍ୱହିଦ ଶକିଲ | ୭୭୧ |
| ସ୍ୱାଧୀନ | ବିପିନ ବିହାରୀ ସାହୁ | ୧୨୫ |
| ସ୍ୱାଧୀନ | ଡା. ରମାରମଣ ଷଡ଼ଙ୍ଗୀ | ୬୬୭ |
| ନୋଟା | | ୧୨୩୮ |

**୨୦୧୯ର ପ୍ରାର୍ଥୀ**

| | |
|---|---|
| ଦେବାଶିଷ ସାମନ୍ତରାୟ | ବିଜେଡି |
| ମହମ୍ମଦ ମୋକିମ | କଂଗ୍ରେସ |
| ସମୀର ଦେ | ଭାଜପା |
| ପ୍ରିୟଦର୍ଶନ ପାଭେଲ | ଏସ୍‌ୟୁସିଆଇ |
| ଶୀତଲ କିନ୍ନର | ହିନ୍ଦୁ ମହାସଭା |
| ସେକ୍ ମୁନ୍ତାକିମ୍ ବକ୍ସ | ଏଏପି |
| ଜୟଶଙ୍କର ଆଚାର୍ଯ୍ୟ | କଳିଙ୍ଗସେନା |
| ଦୀପକ କୁମାର ମହାନ୍ତ | ହିନ୍ଦୁସ୍ଥାନ ନିର୍ମାଣ ଦଳ |
| ବିଶ୍ୱନାଥ ରାଉତ | କୃପା ପାର୍ଟି |
| ହେମନ୍ତ ବେହେରା | ସ୍ୱାଧୀନ |


# ଅତ୍ୟଧିକ ମିଠା ଖାଇଲେ..



ସାଧାରଣତଃ ମିଠାଜାତୀୟ ଖାଦ୍ୟ ଦେଖିଲେ ଅଧିକାଂଶଙ୍କ ପାଟିରୁ ଲାଳ ଗଡ଼େ। ଯଦି ଆପଣ ଅଧିକ ପରିମାଣର ମିଠା ଖାଉଛନ୍ତି ତେବେ ସେଥିରେ ବ୍ରେକ୍ ଲଗାନ୍ତୁ। ନ ହେଲେ ଏହାଦ୍ୱାରା ଆପଣଙ୍କର ସ୍ମରଣଶକ୍ତି ପ୍ରଭାବିତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ। ସାଧାରଣ ଭାବରେ ମିଠା ଖାଉଥିବା ଏବଂ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିବା କେତେଜଣ ବ୍ୟକ୍ତିଙ୍କର ସ୍ମରଣଶକ୍ତିକୁ ସେମାନେ ପରୀକ୍ଷା କରିଥିଲେ। ହେଲେ ଆଶ୍ଚର୍ଯ୍ୟଜନକ ଭାବରେ ଅଧିକ ମିଠା ଖାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଏପରି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ମ୍ୟୁଜିକ ଲଭର ରୋବୋ

କେବଳ ମଣିଷ ନୁହନ୍ତି, ରୋବୋ ମଧ୍ୟ ସଙ୍ଗୀତ ପ୍ରେମରେ ପଡ଼ିପାରେ। ଏପରି ଏକ ମ୍ୟୁଜିକ ଲଭର ରୋବୋ ନିକଟରେ ପ୍ରସ୍ତୁତ କରିଛନ୍ତି ଚାଇନାର ବିଶେଷଜ୍ଞମାନେ। ନିଜକୁ ଖୁସ୍ ରଖିବା



ପାଇଁ ସେ ନିଜେ ମନ ପସନ୍ଦର ଗୀତ ଶୁଣିପାରିବ। କେବଳ ସେତିକି ନୁହେଁ, ଅନ୍ୟମାନଙ୍କୁ ଆକର୍ଷିତ କରିବା ଭଳି ଟ୍ୟୁନିଂ ମଧ୍ୟ ବଜାଇପାରିବ। ବିଶେଷଭାବରେ ପିଆନୋ ବଜାଇବାରେ ଏପରି ରୋବୋ ବେଶ୍ ଏକ୍ସପର୍ଟ। ଯଦି ଜଣେ ବ୍ୟକ୍ତି ଟେନ୍ସନରେ ଅଛନ୍ତି ତେବେ କିଛି ସମୟ ଏହି ରୋବୋ ପାଖରେ ବିତାଇଲେ ସେ ଅନେକାଂଶରେ ଆରାମ ଅନୁଭବ କରିପାରିବେ। ସେହି ସମୟରେ ରୋବେ ଉକ୍ତ ବ୍ୟକ୍ତିଙ୍କ ମାନସିକତାକୁ ଅନୁଧ୍ୟାନକରି ତାଙ୍କ ମନ ପସନ୍ଦ ଅନୁସାରେ ଗୀତ ଏବଂ ପିଆନୋ ଟ୍ୟୁନିଂ ଶୁଣାଇପାରିବ।

# ନିୟନ୍ତ୍ରିତ ଆହାର



ଡା. ଆଶିଷ ବାନାର୍ଜୀ

**ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ...**



ରୋଗ ପାଇଁ ଅନିୟମିତ ଆହାର ଦାୟୀ। ତେଣୁ ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ। ନୀରୋଗ ରହିବା ପାଇଁ ସନ୍ତୁଳିତ ଖାଦ୍ୟ, ହାଲ୍କା ବ୍ୟାୟାମ(୪୫ ମି. ରୁ ୧ ଘ. ପର୍ଯ୍ୟନ୍ତ) କରିବା ଆବଶ୍ୟକ। ପତଳା ବା କୃଶକାୟ ବ୍ୟକ୍ତି ପ୍ରୋଟିନ୍‌ଯୁକ୍ତ ଆହାର ଯଥା: କ୍ଷୀର, ଛେନା, ଖୁଆ, ପନିର , ମାଛ, ମାଂସ, ଅଣ୍ଡାର ଧଳା ଅଂଶ, କାଜୁ, ପେସ୍ତା, ଛୋଟ ମାଛ, ଫଳ ଇତ୍ୟାଦି ମାତ୍ରାନୁଯାୟୀ ଖାଇବା ଆବଶ୍ୟକ। ମାତ୍ର ମୋଟା ବା ସ୍ଥୂଳକାୟ ବ୍ୟକ୍ତିମାନେ ଦୈନିକ ଶାରୀରିକ ପରିଶ୍ରମ ସହ ତେଲ, ଚର୍ବି, ପ୍ରୋଟିନ୍ ରହିତ ଖାଦ୍ୟ ଖାଇବା ଉଚିତ। ଶାଗ, ପନିପରିବା, ତରକାରି ଓ ସାଲାଡ୍ ଖାଇବା ସହ ଚିନ୍ତା, କ୍ରୋଧ, ଅହଂକାରକୁ ମନରୁ ଅପସରି ଦେବା ଉଚିତ। ୧ ପାଉଣ୍ଡ ଚର୍ବି ପାଇଁ ୩୫୦୦ କ୍ୟାଲୋରି ଶକ୍ତି ଖର୍ଚ୍ଚ କରିବା ଆବଶ୍ୟକ। ପତଳା ହେବା ପାଇଁ ଖାଦ୍ୟ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ। ତେଣୁ ଏହି ବ୍ୟକ୍ତି ଭୋକରେ ନ ରହି କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ତାଲିକା ଅନୁଯାୟୀ ଗ୍ରହଣ କରିବେ।

**ପ୍ରାତଃ(ସକାଳ ୬ଘ.ରେ):** ଚା', କଫି ବା କ୍ଷୀର ୧ କପ୍ ସହ ୨/୩ ଖଣ୍ଡ ବିସ୍କୁଟ୍, ମଧୁମେହ ଥିଲେ ବିନା ଚିନି ଖାଇବେ।

**ସକାଳ ଜଳଖିଆ(ଘ.୮.୩୦ ମି.ରେ):** ରୁଟି ୨/୩ ଖଣ୍ଡ ସହ ପରିବା ତରକାରି ୧ ଗିନା, ଇଡ୍‌ଲି ୪ଟି/ଉପମା ୧ କପ୍ ସହ ସମ୍ବର ୧ ଗିନା, କର୍ନଫ୍ଲେକ୍ସ ୫୦ ଗ୍ରାମ୍ ବା ସାଦା ପିଆଜରେ ଦୋଷା ୨ଟା ସହ ସନ୍ତୁଳା ୧ ଗିନା।

**ଦିବା(ଘ.୧୧ ରୁ ୧୧.୩୦ମି. ମଧ୍ୟରେ) :** ପରିବା ସୁପ୍ ୧ ଗିନା, ଛେନା ୩୦ ଗ୍ରାମ୍, ଫଳ ମଧ୍ୟରେ ସେଓ/କମଳା ୧୦୦ ଗ୍ରାମ୍, ପିଜୁଳି ୧ଟା, ଘୋଳଦହି ବା ପଇଡ଼ପାଣି।

**ମଧ୍ୟାହ୍ନ ଭୋଜନ(ଦ୍ୱିପ୍ରହର ଘ.୧.୩୦ମି.):** ଉଷୁନା ଭାତ(୨ଗିନା–୧୦୦ଗ୍ରାମ୍), ରୁଟି ୨ଟା, ପତଳା ଡାଲି ୧ ଗିନା, ପରିବା ତରକାରି ୧ ଗିନା, ଶାଗ ୧ ପ୍ଲେଟ୍, ସାଲାଡ୍ ୧ ପ୍ଲେଟ୍, ଦହି ୧ଗିନା(ମାଛ ୨ଟା/ଅଣ୍ଡା ବିନା କେଶର ୨/ଚିକେନ୍ ୨ /ପନିର ୩୦ଗ୍ରାମ୍ ସପ୍ତାହକୁ ୨ ଥର)।

**ଅପରାହ୍ନ (ଘ.୫.୩୦ ମି. ରୁ ୬.୦୦ ଘ. ମଧ୍ୟରେ):** ଚା' ୧ କପ୍ ସହ ବିସ୍କୁଟ (୨–୩),ଚୁଡ଼ା ସନ୍ତୁଳା(୧ ଗିନା)/ଚୁଡ଼ା ଭଜା/ଗଜାମୁଗ(୧ ଗିନା), ହୁଡୁମ ୧ ଗିନା, ଖଇ ୧ ଗିନା, ସିଝା ବୁଟ(୧ ଗିନା)।

**ରାତ୍ରିଭୋଜନ(ଘ.୯.୩୦ମି.):** ରୁଟି ୩ଟା ସହ ପତଳା ଡାଲି ୧ ଗିନା/ ଡାଲମା ୧ ଗିନା, ପରିବା ତରକାରି(୧ ଗିନା), ସାଲାଡ୍ (୧ ପ୍ଲେଟ୍)।

**ରାତ୍ରିଭୋଜନ ଖାଇବା ପରେ:** ୧କପ୍(୧୫୦ମି.ଲି.) ବିନା ସର କ୍ଷୀର ପିଇ ଶୋଇବାକୁ ଯିବେ।

ପ୍ରତି ମିଲ୍ ଓ ଜଳଖିଆ ଅଢ଼େଇରୁ ତିନିଘଣ୍ଟା ବ୍ୟବଧାନରେ ଗ୍ରହଣ କରିବେ।

**ଖାଇବେ ନାହିଁ:** ମଧୁମେହ ରୋଗୀ ମିଠା, ଚିନି, ଗୁଡ଼, ଜାମ୍, ଜେଲି, ଚକୋଲେଟ୍, ମୃଦୁପାନୀୟ, ଥଣ୍ଡାପାନୀୟ, ଆମ୍ବ, ପଣସ, ଆତ, ଲିଚୁ, ସପେଟା, କଦଳୀ, ଅଙ୍ଗୁର, ଫଳରସ, ଆଇସ୍‌କ୍ରିମ୍, ଖଜୁରି, ବାଦାମ, ନଡ଼ିଆ, ଆଳୁ, ମାଟିଆଳୁ, ଖମ୍ବଆଳୁ, ସାରୁ ଏବଂ କନ୍ଦମୂଳ ଖାଇବେ ନାହିଁ।

**ଉଚ୍ଚ ରକ୍ତଚାପ ରୋଗୀ:** ଅଧିକ ଲୁଣ, ତୈଳ, ଚର୍ବି ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ।

**ବୃକ୍କ ରୋଗୀ:** ଅତ୍ୟଧିକ ଲୁଣ, ଚଟଣି, ପାମ୍ପଡ଼, ଆଚାର, ସାମୁଦ୍ରିକ ମାଛ, କଙ୍କଡ଼ା, ରେଡ୍ ମିଟ୍, ଚିଙ୍ଗୁଡ଼ି, ଅଣ୍ଡା କେଶର, ଫାଷ୍ଟଫୁଡ୍, ଲୁଣ, ବଟର, ଘିଅ, ଡାଲ୍‌ଡା, ମିକ୍ସଚର, ଚିପ୍‌ସ, ମୁଢ଼ି, ଲୁଣ ମିଶା ବାଦାମ, ମଟର, ପଇଡ଼ପାଣି, ଲେମ୍ବୁ କମଳା, ପେନ୍ କିଲର ବଟିକା, ନଡ଼ିଆ ତିଆରି ଜିନିଷ, ବୁଟ, ରାଜ୍‌ମା ଇତ୍ୟାଦି ଶସ୍ୟଜାତୀୟ ଖାଦ୍ୟ ବର୍ଜନୀୟ।

**ହୃଦ୍‌ରୋଗୀ:** ତେଲ, ଚର୍ବି ଜାତୀୟ ଖାଦ୍ୟ, ରେଡ୍‌ମିଟ୍, ଫାଷ୍ଟଫୁଡ୍, ଆମିଷ, କ୍ଷୀର ଜାତୀୟ ଖାଦ୍ୟ, ମିଠା ଇତ୍ୟାଦି ଖାଇବେ ନାହିଁ।



**ବି.ଦ୍ର. :** ଏହି ତିନି ପ୍ରକାର ରୋଗୀ ପ୍ରତିଦିନ ୨୦ ମି.ଲି.ରୁ କମ୍ ତେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବା ଉଚିତ୍। ପ୍ରାତଃ (ଘ.୬.୩୦ମି. ଭିତରେ)ସୂର୍ଯ୍ୟସ୍ନାନ ଓ ଖୋଲା ବାୟୁରେ ଭ୍ରମଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

*–ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

# ମହୁ

ଡା. ରୀତା ସାହୁ

**"ଆମ୍ଭମାନଙ୍କୁ ମନେ ରଖିବାକୁ ପଡ଼ିବ ଯେ, ଦୈନିକ ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।"**



ବହୁ ପୂର୍ବରୁ ବଗିଚା କରିବା, ମହୁମାଛି ପାଳନ ଏବଂ ଶତକଡ଼ା ଶହେ ଭାଗ ଲୋକ ଦୈନିକ ମହୁ ଖାଇବା କଥା ମଧ୍ୟ ବର୍ଣ୍ଣନା ରହିଛି। ମୁନି ଋଷିମାନେ ମହୁ ସର୍ବଶ୍ରେଷ୍ଠ ସଞ୍ଜୀବନୀ, ଶ୍ରମନାଶକ, ବଳ ବର୍ଦ୍ଧକ, ବୀର୍ଯ୍ୟବର୍ଦ୍ଧକ ଓ କାନ୍ତିଜନକ ବୋଲି କହି ଯାଇଛନ୍ତି। ଏହି ସମ୍ବନ୍ଧୀୟ ଗବେଷଣା ଜାରି ରହିଛି। ନ୍ୟୁଜିଲାଣ୍ଡରେ ଗବେଷଣା କରାଯାଇ ବୈଜ୍ଞାନିକମାନେ ମତ ଦେଇଛନ୍ତି କି ମହୁରେ ଏପରି ଶକ୍ତି ଅଛି ଯାହା ଜୀବାଣୁ, ଭୂତାଣୁ ଓ ବାହ୍ୟ ସଂକ୍ରମଣକୁ ଅକାମୀ କରି ପାରିଥାଏ। ଏକଥା ମଧ୍ୟ ଜଣାପଡିଥିଲା କି ଆଣ୍ଟିବାୟୋଟିକ୍ ଔଷଧ ଯାହାକୁ ନଷ୍ଟ କରି ପାରୁନାହିଁ ତାହାକୁ ମହୁ ନଷ୍ଟ କରିବାରେ ସକ୍ଷମ ଅଟେ। ଏହାର ସଂରଚନା ମଣିଷ ଶରୀରରେ ସୁରକ୍ଷା କବଚ ସଦୃଶ କାମ କରିଥାଏ। ଆମେରିକାର ଅନୁସନ୍ଧାନ କର୍ତ୍ତାମାନେ ଅଧ୍ୟୟନ ପରେ ଜଣାଇଛନ୍ତି ଯେ ମହୁରେ ଆଣ୍ଟିବାୟୋଟିକ୍ ତତ୍ତ୍ୱ ଭରପୂର ମାତ୍ରାରେ ରହିଥିବାରୁ ଏହା ପୁରାତନ ଘା' ଶୁଖାଇବା ସହ ସଂକ୍ରମଣକୁ ରୋକିବାରେ ପୂର୍ଣ୍ଣ ସକ୍ଷମ ଅଟେ। ଇସ୍ରାଏଲରେ ପେଟରେ ହେଉଥିବା ଅଲସର ରୋଗର ଚିକିତ୍ସା ପାଇଁ ମହୁ ପ୍ରୟୋଗ କରାଯାଉଛି। ଏହି ରୋଗାଣୁମାନଙ୍କୁ ନିର୍ଜୀବ କରିବା ଓ ତା' ସହିତ ଲଢ଼ିବାର କାରିଗର ଅଟେ ମହୁ। ଆମେରିକାର ଇଲିନାଇସ୍ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ମହୁ କ୍ୟାନସର, ହୃଦ୍‌ରୋଗ ପରି ଅସାଧ୍ୟ ରୋଗକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଏ। ଆମେରିକାର ୟୁନିଭରସିଟି ଅଫ୍ ମେଫିଫସ୍‌ର ଅଧ୍ୟୟନ କର୍ତ୍ତାମାନେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ଯେ ଦୈନିକ ୩ ଚାମଚ ମହୁ ୩ ଥରରେ ସେବନ କଲେ ଏଥିରୁ ଏତେ ଉର୍ଜା ମିଳେ ଯାହା ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ପଦାର୍ଥରୁ ମିଳିଥାଏ ବୋଲି ଜଣାପଡିନାହିଁ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦୁଇ ଚାମଚ ମହୁ ଖାଇବାର ଦଶ ମିନିଟ୍ ପରେ ଯେଉଁ ଉର୍ଜା ମିଳେ ତାହା କୌଣସି carbohydrate drinks, pre exercise drinks/ energized drinks/sports drinks ରୁ ମିଳିନଥାଏ। ଅନ୍ୟପକ୍ଷରେ ୧ ଲିଟର ଉପରୋକ୍ତ ପାନୀୟରୁ ଯାହା ମିଳିଥାଏ ତାହା ମାତ୍ର ଦୁଇ ଚାମଚ ମହୁ ଯୋଗାଇବାକୁ ସମର୍ଥ ହୋଇଥାଏ।

ଆମ୍ଭମାନଙ୍କୁ ମାନି ନେବାକୁ ପଡ଼ିବ ଯେ ମହୁ ବାସ୍ତବରେ ମହୁମାଛିମାନଙ୍କର ଅତ୍ୟଧିକ ପରିଶ୍ରମର ସଂଗ୍ରହ ଅଟେ। ଏହି ପ୍ରାକୃତିକ ପ୍ରକ୍ରିୟା ତାହାକୁ ବଳଶାଳୀ କରିଥାଏ। ମହୁମାଛି ବହୁ ଦୂରଆରରେ ପରାଗ ସଂଗ୍ରହ କରିଥାଏ। ସକାଳ ସମୟରେ ବାସ୍ନାରୁ ସେ ଚୟନ କରିଥାଏ କେଉଁ ଫୁଲରୁ ପରାଗ ସୃଷ୍ଟି କରିବ ଅଧିକ ରସ। ସକାଳ ସମୟରେ ଅଧିକ ରସ ସଂଗ୍ରହ କରାଯାଇପାରେ। ଜର୍ମାନୀର ବୈଜ୍ଞାନିକମାନେ କହନ୍ତି ଭାରତୀୟ ମହୁ ସବୁଠାରୁ ଉତ୍କୃଷ୍ଟ, କାରଣ ପ୍ରାକୃତିକ ଜଳବାୟୁ ଓ ବାତାବରଣରୁ ଏହାକୁ ସଂଗ୍ରହ କରାଯାଇଥାଏ।

ଆମ୍ଭମାନଙ୍କୁ ମନେ ରଖିବାକୁ ପଡିବ ଯେ, ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।

**ମହୁର ଔଷଧୀୟ ଗୁଣ**

– କାଶ ହେଉଥିଲେ, କାଶରେ କଫ ପଡୁଥିଲେ, କାଶରେ ରକ୍ତ ପଡୁଥିଲେ ୧ ଚାମଚ ଲେଖାଏ ମହୁ ଦିନକୁ ୩ ଥର ଖାଇଲେ ଅଧିକ ଲାଭପ୍ରଦ ଅଟେ।

–୧୦ ଗ୍ରାମ ମହୁ, ୧୦ ଗ୍ରାମ ଲେମ୍ବୁପତ୍ର ସ୍ୱରସ ସକାଳେ ସନ୍ଧ୍ୟାରେ ଦିନକୁ ଦୁଇଥର ୨୧ ଦିନ ପର୍ଯ୍ୟନ୍ତ ଖାଇଲେ ବାହ୍ୟ ସଂକ୍ରମଣ ଶରୀର ମଧ୍ୟରେ ଥିଲେ ସେମାନଙ୍କୁ ଏହା ନଷ୍ଟ କରି ପାରିଥାଏ।

– ଝାଡ଼ା ଲାଗି ରହିଥାଏ ଏବଂ ଯେତେ ଔଷଧ ନେଲେ କମୁ ନ ଥାଏ ତେବେ ସେପରି ସମୟରେ ଏକ କପ୍ ଡାଳିମ୍ବରସ, ଏକ ଚାମଚ ମହୁ, ଲବଙ୍ଗ, ଶୁଣ୍ଠି, ଜାଇଫଳ ଚୂର୍ଣ୍ଣ ଏକ ଚାମଚ ମିଶାଇ ଖାଇଲେ ଆରାମ ମିଳିଥାଏ।

–ଜିରାକୁ ଭାଜି ଗୁଣ୍ଡ କରି ସେଥିରେ ଚାରି ଭାଗରୁ ଏକ ଭାଗ ମହୁ ମିଶାଇ ଚାଟି ଚାଟି ଖାଇଲେ ପତଳା ଝାଡ଼ାରୁ ଉପଶମ ମିଳିଥାଏ।

–ଅଦାରସ ୬ ଗ୍ରାମ, ମହୁ ୬ ଗ୍ରାମ ମିଶାଇ ଖାଇଲେ ଅରୁଚି ନଷ୍ଟ ହୁଏ। ଏତଦ୍ ଜନିତ ରୋଗ ପ୍ରତିରୋଧ ଶକ୍ତି ନଷ୍ଟ ହେଲେ ସେଥିରୁ ମୁକ୍ତି ମିଳିଥାଏ।

–କାଶ ଦୀର୍ଘ ଦିନ ଧରି ଲାଗି ରହୁଥିଲେ ଲବଙ୍ଗ ଭାଜି ଗୁଣ୍ଡ କରି ସେଥିରେ ମହୁ ମିଶାଇ ଚାଟି ଚାଟି ଖାଇଲେ ଆରାମ ମିଳେ।

–ଶ୍ୱେତପ୍ରଦର ରୋଗରେ ଗୁଡୁଚି ସ୍ୱରସ ଓ ମହୁ ସମାନ ପରିମାଣରେ ମିଶାଇ ଦିନକୁ ୨ ଥର ଖାଇଲେ ଏହି ରୋଗ ଛାଡ଼ିଯାଇଥାଏ।

–ଅଁଳା ଚୂର୍ଣ୍ଣ ଗୋଟେ ଚାମଚରେ ଏକ ଭାଗରୁ ଭାଗେ ମହୁ ମିଶାଇ ୩ଥର ଖାଇଲେ ଶ୍ୱେତପ୍ରଦର ରୋଗରୁ ମୁକ୍ତି ମିଳିଥାଏ।

– ଯୌନ ସମସ୍ୟା ଥିଲେ ୧ ଚାମଚ ଆମଳକୀ ରସାୟନ, ୧ ଚାମଚ ମିଶ୍ରି, ୧ ଚାମଚ ମହୁ ମିଶାଇ ଖାଇଲେ ଲାଭପ୍ରଦ ହୁଏ।

– ମହୁ ଓ ଅଁଳା ଚୂର୍ଣ୍ଣ/ଅଁଳା ସ୍ୱରସ ମିଶାଇ ଖାଇଲେ ଶରୀରରେ ସମସ୍ତ ପ୍ରକାର ବିଷ ପ୍ରକ୍ରିୟାରୁ ଶରୀରକୁ ମୁକ୍ତି ମିଳିଥାଏ।

–ଓଜନ ହ୍ରାସ ହେଲେ ରାତ୍ରିରେ ଶୋଇବା ସମୟରେ ଥଣ୍ଡା କ୍ଷୀରରେ ମହୁ ମିଶାଇ ୩ ମାସ ପିଇଲେ ଓଜନ ବଢ଼ିଯାଏ ଏବଂ ମାଂସପେଶୀମାନେ ସବଳ ହୋଇଥାନ୍ତି।

–ପ୍ରତ୍ୟେକ ଅସୁସ୍ଥ ବ୍ୟକ୍ତି ରାତିରେ ଶୋଇବା ସମୟରେ ୧ ଚାମଚ ଅଁଳା ଚୂର୍ଣ୍ଣ ଓ ମହୁ ମିଶାଇ ଖାଇଲେ ନୀରୋଗ ହୋଇଥାନ୍ତି।

–ତାଜା ଅଁଳା ରସ ୨ ଚାମଚ ଓ ମହୁ ୨ ଚାମଚ ପ୍ରତିଦିନ ସକାଳେ ଖାଇଲେ ସୁସ୍ଥ ଓ ଯୁବା ଦେଖାଯାଆନ୍ତି। ଦୈନନ୍ଦିନ ଏହାକୁ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବଢି



ଶରୀରକୁ ନୀରୋଗ ରଖିଥାଏ।

– ଅଁଳା ରସ ଓ ମହୁ ଖାଇଲେ ରକ୍ତ ଧମନୀ ପରିଷ୍କାର ରହେ ଓ ଉଚ୍ଚ ରକ୍ତ ଚାପରୁ ମୁକ୍ତି ମିଳେ।

– ଏକ ଚାମଚ ପିଆଜ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ପୌରୁଷତ୍ୱ ବଢ଼ିଥାଏ ଓ ନପୁଂସକତା ଦୂର ହୋଇଥାଏ।

– ଏକ ଚାମଚ ରସୁଣ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ମୋଟା ହୋଇଥିଲେ ମୋଟାପା କମ୍ କରିଥାଏ।

ଏତେ ସବୁ ଆଲୋଚନା କରିବାର ଉଦ୍ଦେଶ୍ୟ ମହୁ ରୋଗ ପ୍ରତିରୋଧ ଶକ୍ତି ବଢାଇଥାଏ। ରୋଗ ପ୍ରତିରୋଧ ଶକ୍ତି କ୍ଷୟ ହୋଇଯାଉଥିବା ବ୍ୟକ୍ତିମାନେ ଦୈନିକ ମହୁ ସେବନ କଲେ ରୋଗର ସ୍ଥାୟୀ ପ୍ରତିକାର କରିପାରନ୍ତେ। ଏହାବ୍ୟତୀତ ଆଧୁନିକ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟାରୁ ମହୁ ଶରୀରକୁ ସୁରକ୍ଷା ଦେଇଥାଏ।

*–ଫ୍ଲାଟ୍ ନମ୍ବର–୧୧୭*
*ମହାନଦୀ ବିହାର, କଟକ–୪*
*ମୋ: ୯୪୩୭୨୭୨୬୬୩*

## ଅବସାଦ ହୋଇପାରେ କ୍ୟାନ୍‌ସରର କାରଣ



ଆଜିକାଲି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ଏହାଦ୍ୱାରା ମାନସିକତା ପ୍ରଭାବିତ ହୋଇଥାଏ। ହେଲେ ଦୀର୍ଘଦିନ ଧରି ଏପରି ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଲେ ତାହା ଆଉ ଏକ ଗୁରୁତର ରୋଗକୁ ଡାକିଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ତାହା ହେଲା କ୍ୟାନ୍‌ସର। 'ଅବସାଦ ଓ କ୍ୟାନ୍‌ସର' ଶୀର୍ଷକ ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ୧୫ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଜଣେ ବ୍ୟକ୍ତି ଯଦି ଦୀର୍ଘଦିନ ଧରି ଅବସାଦଗ୍ରସ୍ତ ହୋଇ ରହନ୍ତି ତେବେ ଏହାଦ୍ୱାରା ତାଙ୍କର କୋଷ (ସେଲ୍) ପ୍ରଭାବିତ ହୋଇଥାଏ। ଏପରି କି ଏହାଦ୍ୱାରା କ୍ୟାନ୍‌ସର ପରି ଗୁରୁତର ରୋଗର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

❖କେତେକେ ଏକାଥରେ ପୁଳାଏ ଖାଦ୍ୟ ଖାଆନ୍ତି। ପୁଣି ମନଲୋଭା ଖାଦ୍ୟ ଦେଖିଲେ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି। ଫଳରେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ସବୁବେଳେ ଖାଉଥିବା ଖାଦ୍ୟର ପରିମାଣ ପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ହାଲ୍‌କା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

❖ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ଦେଇଥାଏ।




❖ସକାଳୁ ଉଠି ଦାନ୍ତ ନ ଘଷି ଦୁଇ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନଶକ୍ତି ଆହୁରି ଦୃଢ଼ ହୋଇଥାଏ।

❖କେତେକ ରୋଗର ଘରୋଇ ଉପଚାର ରହିଛି। ଏହାକୁ ଆପଣେଇପାରନ୍ତି। ହେଲେ ତା'ପୂର୍ବରୁ ସେ ବିଷୟରେ ଭଲ ଭାବରେ ଅବଗତହେବା ଦରକାର।

❖ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ବେଳେ ସେ କେତେକ ପ୍ୟାଥୋଲୋଜି ଟେଷ୍ଟ କରିବାକୁ ଲେଖିଥାଆନ୍ତି। କେତେକେ ସେଗୁଡ଼ିକ ମଧ୍ୟରୁ କିଛି ପରୀକ୍ଷାକୁ ଏଡ଼ାଇଯାଇଥାଆନ୍ତି। ହେଲେ ସେହିସବୁ ଟେଷ୍ଟର ଗୁରୁତ୍ୱକୁ ଉପଲବ୍ଧିକରି ପରୀକ୍ଷା କରାଇନେବା ଭଲ।

# ଟାଇପ–୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢୁଛି

ବର୍ତ୍ତମାନ ଟାଇପ–୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଜଣାପଡ଼ିଛି ଯେ, ଏବେ ସମଗ୍ର ବିଶ୍ୱରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ପ୍ରାୟ ୪୨୫ ମିଲିୟନ। ଏହି ରୋଗ ନିଜର କାୟା ଏପରି ବିସ୍ତାର କରିସାରିଲାଣି ଯେ ପ୍ରତି ଦୁଇଜଣରେ ଜଣେ ଡାଇବେଟିସ ରୋଗୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ। ସାଧାରଣତଃ ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ଡାଇବେଟିସ ରୋଗୀ ରକ୍ତରେ ସୁଗାର ପରୀକ୍ଷା କରିବା ସହ ବ୍ଲଡ୍‌ପ୍ରେସର ଚେକ୍ କରିନେବା ଆବଶ୍ୟକ। ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଡାଇବେଟିସ୍‌କୁ ନେଇ ଅନେକ ଲୋକ ଅନେକ କଥା କହିଥାଆନ୍ତି। ହେଲେ ଆପଣ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ। କେତେକେ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ। ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।



## ସଂକ୍ଷେପରେ

### ସରକାରଙ୍କ ସାମାଜିକ କାର୍ଯ୍ୟକ୍ରମକୁ ପାନଗାରିୟାଙ୍କ ପ୍ରଶଂସା



**ନୂଆଦିଲ୍ଲୀ,୧୪-୪:** ମୋଦି ସରକାରଙ୍କ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନା ତଥା ଗ୍ରାମୀଣ ବିଦ୍ୟୁତୀକରଣ ଭଳି ସାମାଜିକ କ୍ଷେତ୍ରର କାର୍ଯ୍ୟକ୍ରମଗୁଡ଼ିକ ବଡ଼ ସଫଳତା ହାସଲ କରିଛି ବୋଲି ନୀତି ଆୟୋଗ ପୂର୍ବତନ ଉପାଧକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ ଦିଗରେ କେନ୍ଦ୍ର ସରକାର ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ବସ୍ତୁ ଏବଂ ସେବା ଟିକସ (ଜିଏସ୍‌ଟି), ଦେବାଳିଆ ଆଇ ତଥା ପ୍ରତ୍ୟକ୍ଷ ଲାଭ ପ୍ରଦାନ(ଡିବିଟି) ଆଦି ୩ଟି ବଡ଼ ପଦକ୍ଷେପ। ଗଣମାଧମ ସହ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ସରକାର ସଡ଼କ, ରେଲୱେ, ଜଳମାର୍ଗ, ବେସାମରିକ ବିମାନ ଚଳାଚଳ ତଥା ଡିଜିଟାଲୀକରଣ କ୍ଷେତ୍ରରେ ଦ୍ରୁତଗତିରେ କାମ କରିଛି, ଯାହାର ଫଳାଫଳ ନଜରକୁ ଆସୁଛି। ଶହେରୁ ଅଧିକ ଅର୍ଥନୀତିଜ୍ଞ ଜିଡିପି ଡାଟାକୁ ନେଇ ଉଠାଇଥିବା ପ୍ରଶ୍ନ ଉପରେ ସେ କହିଛନ୍ତି ଯେ, ସମାଲୋଚକମାନେ ଯେପର୍ଯ୍ୟନ୍ତ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ)/ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟର କାର୍ଯ୍ୟଧାରାର ଯେଉଁ ଅଂଶ ନେଇ ସ୍ପଷ୍ଟ କରିନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କ ବୟାନ କେବଳ ଦାବି ଭାବେ ମନେକରାଯିବ। ସେ କହିଛନ୍ତି ଯେ, ଜିଡିପି ଡାଟା ଗଣନା ବେଳେ ସରକାର ଯେଉଁ ପନ୍ଥାପଦ୍ଧତି ବ୍ୟବହାର କରିଛନ୍ତି, ସେସମ୍ପର୍କରେ ୪୦ ପୃଷ୍ଠାର ଏକ ଦସ୍ତାବିଜ ପ୍ରକାଶ କରିଛନ୍ତି। ବିଶ୍ୱ ବ୍ୟାଙ୍କ, ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ଏବଂ ଜାତିସଂଘ ସମେତ କୌଣସି ଅନ୍ତଃରାଷ୍ଟ୍ରୀୟ ଏଜେନ୍ସି ଭାରତର ପରିସଂଖ୍ୟାନ ସଂସ୍ଥାର ବିଶ୍ୱଯୋଗ୍ୟତା ନେଇ ସନ୍ଦେହ କରିନାହାନ୍ତି ବୋଲି ପାନଗାରିୟା କହିଛନ୍ତି। ସେ ମଧ ଜିଡିପି ଡାଟା ପ୍ରସ୍ତୁତିରେ ସରକାରଙ୍କ ହସ୍ତକ୍ଷେପ ହୋଇଥିବା ଲକ୍ଷ୍ୟ କରିନାହାନ୍ତି ବୋଲି କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଫେସର କହିଛନ୍ତି। ତାଙ୍କ ମତରେ ଜିଡିପି ଅନୁମାନ ନୂଆ ନୁହେଁ। ଏହା ଏକ ସ୍ଥାପିତ ପ୍ରକ୍ରିୟା। ସୂଚନାଥାଉ କି, ଜିଡିପି ଡାଟାକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ, ଆଇଏମ୍‌ଏଫର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଓ ୧୦୮ ଅର୍ଥନୀତିଜ୍ଞ ତଥା ସମାଜ ବିଜ୍ଞାନୀ ପ୍ରଶ୍ନ ଉଠାଇଥିଲେ।

### ରିଲାଏନ୍ସ ଜିଓ ଗ୍ରାହକ ସଂଖ୍ୟା ୩୦ କୋଟି ଟପିଲା

**ନୂଆଦିଲ୍ଲୀ,୧୪-୪:** ବିଶିଷ୍ଟ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଆରମ୍ଭ ହେବା ଦିନ ଠାରୁ ମାତ୍ର ଅଢ଼େଇ ବର୍ଷ ମଧରେ ୩୦ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିବାରେ ସଫଳ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମ୍ପାନୀ ମାର୍ଚ୍ଚ ୨ରେ ଏହି ଉପଲବ୍ଧି ହାସଲ କରିଛି। ତେବେ ଜିଓ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି ପ୍ରକାଶ କରାଯାଇ ନାହିଁ। ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ କମ୍ପାନୀ ନିଜର ଉପଲବ୍ଧି ହାସଲ ନେଇ ଉତ୍ସବ ପାଳନ କରୁଥିବା ଏହାର ବିଜ୍ଞାପନରୁ ପ୍ରତୀୟମାନ ହେଉଛି। ଜିଓ ଆରମ୍ଭ ହେବା ଦିନଠାରୁ ସବୁଠାରୁ କମ୍ ସମୟ ମଧରେ ୧୦କୋଟି ଗ୍ରାହକ ହାସଲ କରିବାରେ ପ୍ରଥମ ଟେଲିକମ କମ୍ପାନୀ ହୋଇଛି। କମ୍ପାନୀ ମାତ୍ର ୧୭୦ ଦିନରେ ଏହି ସଫଳତା ହାସଲ କରିଥିଲା।



> ଜୁଲାଇ ସୁଦ୍ଧା ପର୍ସ ନୂଆ ଜେନେରେଶନର ଏସ୍‌ୟୁଭି ମାକାନ ଭାରତରେ ଲଞ୍ଚ କରିବ । ଏହା ଦୁଇ ଭାରିଆଣ୍ଟରେ ଦେଶରେ ପ୍ରବେଶ କରିବ ।
> – ପୱନ ସେଟ୍ଠୀ, ଡାଇରେକ୍ଟର, ପର୍ସ ଇଣ୍ଡିଆ

> ଅଧିକ ଅଧିଗ୍ରହଣ ପାଇଁ ଟାଟା କନସଲଟାନ୍ସି ସର୍ଭିସେସ୍ ବ୍ୟଗ୍ର । ଅଭିବୃଦ୍ଧିକୁ ଦ୍ରୁତତର କରିବା ଲାଗି କମ୍ପାନୀ ପ୍ରୟାସ କରୁଛି ।
> – ଏନ.ଗଣପତି ସୁବ୍ରମଣ୍ୟମ, ସିଓଓ, ଟିସିଏସ୍



# ଜେଟ୍‌ର ଭାଗ୍ୟ ନିର୍ଦ୍ଧାରଣ ଆଜି

**ନୂଆଦିଲ୍ଲୀ,୧୪-୪**



ଜେଟ୍ ଏୟାରୱେଜ ପାଇଁ ସୋମବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। କାରଣ ସଙ୍କଟଗ୍ରସ୍ତ ଏହି ଏୟାରଲାଇନ୍ସରେ ତାଲା ଝୁଲିବ ନା ଉଡ଼ାଣ ଜାରି ରହିବ ସେ ନେଇ ସୋମବାର ନିଷ୍ପତ୍ତି ନିଆଯିବ। କମ୍ପାନୀ ମ୍ୟାନେଜମେଣ୍ଟ ୧୫୦୦ କୋଟି ଟଙ୍କାର ନିବେଶ ଅପିଲ ଏବଂ ନୂଆ ଯୋଜନା ନେଇ ସୋମବାର ଋଣପ୍ରଦାନକାରୀଙ୍କ ସହ ବୈଠକରେ ବସିବେ। ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ଦେବାକୁ ମନା କରିଦିଅନ୍ତି ଅଥବା ଏଥିରେ ବିଳମ୍ବ କରନ୍ତି, ଏହାର ଅର୍ଥ ହେବ ଜେଟ୍‌ରେ ତାଲା ଝୁଲିବ। ଏହାର ସମସ୍ତ ବିମାନ ଛିଡ଼ା ହୋଇଯିବ। ଏହାବ୍ୟତୀତ ଏହି ଦିନ ଜେଟ୍‌ର ପାଇଲଟ ଓ କର୍ମଚାରୀ କମ୍ପାନୀର ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ଏକାଠି ହେବେ ଏବଂ ଭବିଷ୍ୟତକୁ ନେଇ ନିଷ୍ପତ୍ତି ନେବେ। ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏହାର ସମସ୍ତ ପାଇଲଟଙ୍କୁ ସମ୍ପୂର୍ଣ୍ଣ ୟୁନିଫର୍ମରେ ସୋମବାର ସକାଳ ୧୦ଟାରେ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛି। ଜେଟ ଏୟାରୱେଜର ଅଂଶଧନ କିଣିବା ଲାଗି କେତେଜଣ ଆଗ୍ରହ ଦେଖାଇଛନ୍ତି। ସେ ସମ୍ପର୍କରେ ସୋମବାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୂଚନା ଦେବ। ଏହାପରେ ଏପ୍ରିଲ ୩୦ ଯାଏ ବିଡ୍ ଦାଖଲ କରାଯାଇପାରିବ। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବାକୁ କିଛି ମାସ ଲାଗିଯିବ। ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କାର ଜରୁରୀ ପାଣ୍ଠି ନ ଦେଲେ ଜେଟ୍‌ର ଅବସ୍ଥା ସାଂଘାତିକ ହେବ। ୨୬ ବର୍ଷ ପୁରୁଣା ଏହି ଏୟାରଲାଇନ୍ସ କମ୍ପାନୀ ବଞ୍ଚିବ ଅଥବା ବୁଡ଼ିଯିବ ସୋମବାର ନିର୍ଦ୍ଧାରିତ ହେବ।

## ବିମାନ ଉଡ଼ାଣ ନେଇ ହେବ ନିଷ୍ପତ୍ତି

ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାରଠାରୁ ବିମାନ ନ ଉଡ଼ାଇବାକୁ ଚାହୁଁଛନ୍ତି। ପାଇଲଟଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ନ୍ୟାଶନାଲ ଏଭିଏଶନ ଗିଲ୍‌ଡ (ଏନ୍‌ଏଜି)ର ୧୧୦୦ ପାଇଲଟ ବେତନ ନ ମିଳିବା ଅଭିଯୋଗରେ ସୋମବାର ସକାଳ ୧୦ଟାରୁ ବିମାନ ଉଡ଼ାଇବା ବନ୍ଦ କରିବାକୁ ଚାହୁଁଛନ୍ତି। ତେବେ ଏନେଇ ସୋମବାର ନିଷ୍ପତ୍ତି ନିଆଯିବ। ଏଥିପାଇଁ ପାଇଲଟମାନେ ନିଜର ୟୁନିଫର୍ମରେ ବୈଠକରେ ଉପସ୍ଥିତ ରହିବାକୁ ଗିଲ୍‌ଡ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ପାଇଲଟଙ୍କ ସହିତ ଇଞ୍ଜିନିୟର ଏବଂ ବରିଷ୍ଠ ମ୍ୟାନେଜମେଣ୍ଟ ଅଧିକାରୀମାନଙ୍କୁ ଜାନୁୟାରୀରୁ ବେତନ ମିଳି ନାହିଁ। ଋଣରେ ବୁଡ଼ି ରହିଥିବା ଉକ୍ତ କମ୍ପାନୀ ଅନ୍ୟ ବର୍ଗର କର୍ମଚାରୀଙ୍କୁ ମଧ ମାର୍ଚ୍ଚ ଦରମା ଦେଇନାହିଁ। ଗିଲ୍‌ଡ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ସାଢ଼େ ୩ ମାସ ହେଲା ସେମାନେ ଦରମା ପାଇନାହାନ୍ତି। ଏହା କେବେ ମିଳିବ ତାହା ଜଣାନାହିଁ। ଏହି କାରଣରୁ ସେମାନେ ୧୫ ତାରିଖ ସକାଳୁ ଆଉ ବିମାନ ନ ଉଡ଼ାଇବାକୁ ଚାହୁଁନାହାନ୍ତି। ସୂଚନାଥାଉ କି, ଏନ୍‌ଏଜି ଏପ୍ରିଲ ପହିଲାରୁ ବିମାନ ନ ଉଡ଼ାଇବାକୁ ଚେତାବନୀ ଶୁଣାଇଥିଲା। କିନ୍ତୁ ମ୍ୟାନେଜମେଣ୍ଟ ସହ ଆଲୋଚନା ପରେ ସେମାନେ ଏପ୍ରିଲ ୧୪ ଯାଏ ଦରମା ପ୍ରଦାନ ପାଇଁ ସମୟ ଦେଇଥିଲେ।

## ଅଧା ଦରମାରେ ସ୍ପାଇସଜେଟ ଯାଉଛନ୍ତି ଜେଟ୍ ପାଇଲଟ

ଜେଟ୍ ଏୟାରୱେଜରେ ଦେଖାଦେଇଥିବା ସଙ୍କଟରୁ ଫାଇଦା ନେବା ଆରମ୍ଭ କରିଛି ଏହାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ସ୍ପାଇସଜେଟ୍। ଜେଟ୍‌ର ପାଇଲଟ ଓ ଇଞ୍ଜିନିୟରଙ୍କୁ ଏହା ଅଧା ଦରମାରେ ଚାକିରିରେ ନିଯୁକ୍ତ କରୁଛି। ଉଦ୍ୟୋଗ ଜଗତ ସୂତ୍ରରୁ ପ୍ରାପ୍ତ ସୂଚନାନୁସାରେ, ଜେଟ୍ ଏୟାରୱେଜ ପାଇଲଟ ଓ ଇଞ୍ଜିନିୟରମାନେ ବର୍ତ୍ତମାନର ଦରମାଠାରୁ ପ୍ରାୟ ୨୫ରୁ୩୦ ପ୍ରତିଶତ ଏପରି କି ୫୦ ପ୍ରତିଶତ କମ୍ ଦରମାରେ ସ୍ପାଇସଜେଟ୍‌ରେ ଯୋଗ ଦେଉଛନ୍ତି। ପୂର୍ବରୁ ଏହି କମ୍ପାନୀ ଜେଟ୍‌ର ପାଇଲଟମାନଙ୍କୁ ଭଲ ଦରମା ପ୍ୟାକେଜରେ ଚାକିରି ଦେଉଥିଲା। ବେସାମରିକ ବିମାନ ଚଳାଚଳ ଉଦ୍ୟୋଗ ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜ ବନ୍ଦ ହେବା ସମ୍ଭାବନା ଅଧିକ ରହିଛି। ଏହି କାରଣରୁ କର୍ମଚାରୀମାନେ କମ୍ ଦରମାରେ ଅନ୍ୟ କମ୍ପାନୀରେ ଯୋଗ ଦେବାକୁ ବାଧ୍ୟ ହେଉଛନ୍ତି।

# ୮୮ ମାମଲାରେ ଅର୍ଦ୍ଧେକ ଋଣ ଅସୁଲ

**ନୂଆଦିଲ୍ଲୀ,୧୪-୪**




ଦେବାଳିଆ ଏବଂ ଋଣ ସମାଧାନ ସଂହିତା (ଆଇବିସି) ଅଧୀନରେ ବକେୟା ଋଣ ଆଦାୟରେ ସଫଳତା ମିଳୁଛି। ଫେବୃୟାରୀ ୨୮ ସୁଦ୍ଧା ୮୮ ମାମଲାରେ ଋଣପ୍ରଦାନକାରୀଙ୍କ ବକେୟା ବାବଦରେ ଥିବା ୧.୪୨ ଲକ୍ଷ କୋଟି ଟଙ୍କାର ଦାବିରୁ ପ୍ରାୟ ଅଧା ଅସୁଲ ହୋଇସାରିଲାଣି ବୋଲି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ) ତଥ୍ୟରୁ ସ୍ପଷ୍ଟ ହୋଇଛି। ମୋଟ ବକେୟା ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀଙ୍କର ଦାବି ୧.୩୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ପରିଚାଳନା ଋଣପ୍ରଦାନକାରୀ ୬,୪୬୯ କୋଟି ଟଙ୍କା ଦାବି କରିଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ, ବିତ୍ତୀୟ ଋଣପ୍ରଦାନକାରୀମାନେ ମୋଟ ଦାବିର ୪୮.୨୪ ପ୍ରତିଶତ ଏବଂ ପରିଚାଳନ ଋଣପ୍ରଦାନକାରୀ ୪୮.୪୧ ପ୍ରତିଶତ ଦାବି ଅର୍ଥ ଫେରିପାଇଛନ୍ତି। ଋଣପ୍ରଦାନକାରୀ ଏହି ୮୮ ମାମଲାରେ ୬୮,୭୬୬ କୋଟି ଟଙ୍କା ଅସୁଲ କରିଛନ୍ତି। ତନ୍ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀ ୬୫,୬୩୫ କୋଟି ଏବଂ ପରିଚାଳନା ଋଣପ୍ରଦାନକାରୀ ୩,୧୩୧ କୋଟି ଟଙ୍କା ପାଇଛନ୍ତି। ବୋର୍ଡ ପକ୍ଷରୁ ଗତ ସପ୍ତାହରେ ସତ୍ୟପାଠ ଦାଖଲ କରି ଏନ୍‌ସିଏଲ୍‌ଏଟିକୁ ଉକ୍ତ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କେତେକ ମାମଲାରେ ଦାବିଠାରୁ ଅଧିକ ରାଶି ଅସୁଲ କରାଯାଇଛି। ବୋର୍ଡର ସତ୍ୟପାଠରେ କୁହାଯାଇଛି ଯେ, ୮୮ ମଧ୍ୟରୁ ୧୧ ମାମଲାରେ ଶତପ୍ରତିଶତ ଅସୁଲ ହୋଇପାରିଛି। ଅନ୍ୟପକ୍ଷରେ ପରିଚାଳନା ଋଣପ୍ରଦାନକାରୀ ୬ ମାମଲାରେ ସମ୍ପୂର୍ଣ୍ଣ ବକେୟା ପାଇଛନ୍ତି। ୩ ମାମଲାରେ ବିତ୍ତୀୟ ଋଣପ୍ରଦାନକାରୀ ୧୦୦ ପ୍ରତିଶତରୁ ଅଧିକ ଆଦାୟ କରିଛନ୍ତି। ଭୂଷଣ ଷ୍ଟିଲ୍ ମାମଲାରେ ୫୭,୫୦୫.୦୫ କୋଟି, ଇଲେକ୍ଟ୍ରୋଷ୍ଟିଲ ମାମଲାରେ ୧୩,୯୫୮ କୋଟି ଏବଂ ମୋନେଟ ଇସ୍ପାତ ମାମଲାରେ ୧୧,୪୭୮.୦୮ କୋଟି ଟଙ୍କା ଆଦାୟ ହୋଇଛି।

## ଫେବୃୟାରୀରେ ଡଲାର କିଣିଛି ଆର୍‌ବିଆଇ

**ମୁମ୍ବାଇ,୧୪-୪**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଫେବୃୟାରୀରେ କ୍ରମାଗତ ତୃତୀୟ ମାସ ଡଲାର କିଣିଛି। ଆଲୋଚ୍ୟ ମାସରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରା ବଜାରରୁ ୮୨.୫୦ କୋଟି ଡଲାର କିଣିଛି। ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡିଛି ଯେ, ଆଲୋଚ୍ୟ ମାସରେ ଆର୍‌ବିଆଇ ୨.୦୮୬ ବିଲିୟନ ଡଲାର କିଣିଥିବା ବେଳେ ୧.୨୬୧ ବିଲିୟନ ଡଲାର ବିକିଥିଲା। ଏଭଳି ଭାବେ ଏହା ୮୨.୫୦ କୋଟି ଡଲାର କିଣିଛି। ଏଥିପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୧୮-୧୯ର ଡିସେମ୍ବର ୨୦୧୮ରେ ୬୦.୭୦ କୋଟି ଡଲାର ଏବଂ ଜାନୁୟାରୀ ୨୦୧୯ରେ ୨୯.୩୦ ଡଲାର କିଣିଛି। ଆର୍ଥିକ ବର୍ଷ ୨୦୧୭-୧୮ରେ ରିଜର୍ଭ ବ୍ୟାଙ୍କ ମୁଦ୍ରା ବଜାରରୁ ୩୩.୬୮୯ ବିଲିୟନ ନେଟ୍ ଡଲାର କିଣିଥିଲା।

# ଫୋର୍ବସ୍ ୟଙ୍ଗ ଆଚିଭର୍ସ ତାଲିକାରେ ଅଭିନବ

**ନୂଆଦିଲ୍ଲୀ, ୧୪-୪**



ଅଭିନବ ଅଗ୍ରୱାଲ

ଫୋର୍ବସ୍ ପତ୍ରିକା ପକ୍ଷରୁ ପ୍ରକାଶ ପାଉଥିବା ଅଣ୍ଡର-୩୦ ଏସିଆ ୟଙ୍ଗ ଆଚିଭର୍ସ ୨୦୧୯ ତାଲିକାରେ ଗ୍ରେଟର ନଏଡା ନିବାସୀ ଅଭିନବ ଅଗ୍ରୱାଲ ସ୍ଥାନିତ ହୋଇଛନ୍ତି। କଳା କ୍ଷେତ୍ରରେ ଅବଦାନ ଲାଗି ତାଙ୍କୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ତାଲିକାରେ ବିଭିନ୍ନ ବର୍ଗ ଲାଗି ୫୯ ଯୁବ ଭାରତୀୟଙ୍କୁ ସାମିଲ କରାଯାଇଛି। ଦେଶ ମଧ୍ୟରେ ଥିବା ବିଭିନ୍ନ ଆଦିବାସୀ ଅଞ୍ଚଳର ଲୁପ୍ତ ଲୋକ ସଙ୍ଗୀତର ସଂରକ୍ଷଣ ତଥା ଲୋକପ୍ରିୟତା ବଢାଇବା ଦିଗରେ ତାଙ୍କର ଯୋଗଦାନକୁ ବିଚାର କରି ଫୋର୍ବସ୍ ତାଙ୍କୁ ତାଲିକାରେ ସାମିଲ କରିଛି। ୨୬ ବର୍ଷୀୟ ଅଗ୍ରୱାଲ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛନ୍ତି। ବର୍କଲେ କଲେଜ ଅଫ ମ୍ୟୁଜିକରୁ ଶିକ୍ଷା ଗ୍ରହଣ କରିଥିବା ଅଭିନବ ଅନହଦ ଫାଉଣ୍ଡେଶନ ନାମକ ଏନ୍‌ଜିଓର ପ୍ରତିଷ୍ଠା ମଧ୍ୟ କରିଛନ୍ତି। ଅନହଦ ଜରିଆରେ ସେ ୟୁଟ୍ୟୁବ୍‌ରେ ଏହି ସଂଗୀତ ପ୍ରକଳ୍ପକୁ ଲଞ୍ଚ କରିବା ସହ ଆଇରିୟଲିଟିକୁ କଳାକାରଙ୍କ ନିକଟରେ ପହଞ୍ଚାଇବା କାମ କରୁଛନ୍ତି। କଳାକାରମାନେ କିଭଳି ଜୀବିକା ପାଇପାରିବେ ସେ ଦିଗରେ ମଧ ତାଙ୍କର ଯୋଗଦାନ ରହିଛି। ୨୦୧୬ ଅକ୍ଟୋବରରେ ଗ୍ରାଜୁଏଶନ ସାରିବା ପରେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ଝାଡଖଣ୍ଡ ଏବଂ କର୍ଣ୍ଣାଟକର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ କଳାକାରଙ୍କ ସହ କାମ କରି ସାରିଛନ୍ତି। କଳାକାରଙ୍କୁ ଖୋଜିବା ଲାଗି ଅଭିନବ ଜୟସାଲମେର, ବଡମେର, ଯୋଧପୁର, ପଟିଆଲା, ସଙ୍ଗପୁର, ଚଣ୍ଡୀଗଡ, ଚମ୍ବା, ଧର୍ମଶାଳା, କୁଲୁ ଭଳି ବିଭିନ୍ନ ସ୍ଥାନ ଯାଇ ମ୍ୟୁଜିକ ରେକର୍ଡ କରିଛନ୍ତି। ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ ଏତେଟା କାର୍ଯ୍ୟ ହୋଇ ନ ଥିବାରୁ ଏ ଦିଗରେ ନିଜର ଯୋଗଦାନ ରଖିଥିବା ଅଭିନବ କହିଛନ୍ତି।

# କେନ୍ଦ୍ରୀୟ ବ୍ୟାଙ୍କ ସ୍ୱାଧୀନତାରୁ ମିଳିଛି ସଫଳତା: ଲାଗାର୍ଡ

**ୱାଶିଂଟନ ଡିସି,୧୪-୪:** କେନ୍ଦ୍ରୀୟ ବ୍ୟାଙ୍କକୁ ସରକାର ଦେଇଥିବା ସ୍ୱାଧୀନତାରୁ ଭଲ ସଫଳତା ମିଳିଛି ବୋଲି ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପ୍ରମୁଖ କ୍ରିଷ୍ଟିନ ଲାଗାର୍ଡ ପ୍ରକାଶ କରିଛନ୍ତି। ବିଶ୍ୱର ଅନେକ ଦେଶରେ ରିଜର୍ଭ ବ୍ୟାଙ୍କ ଉପରେ ସରକାରଙ୍କ ହସ୍ତକ୍ଷେପ ବଢୁଥିବା ବେଳେ ଲାଗାର୍ଡଙ୍କ ମନ୍ତବ୍ୟ ବେଶ ପ୍ରଣିଧାନଯୋଗ୍ୟ। ସୂଚନାଥାଉ କି, ଫେଡେରାଲ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାର ବୃଦ୍ଧି କରାଯିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ସମାଲୋଚନା କରିଥିଲେ। ସେ ଫେଡେରାଲ ରିଜର୍ଭର କେନ୍ଦ୍ରୀୟ ନିର୍ଦ୍ଦେଶକମଣ୍ଡଳରେ ଖାଲିପଡିଥିବା ସ୍ଥାନକୁ ପୂରଣ କରିବା ଲାଗି ନିଜ ପାର୍ଟି ରିପବ୍ଲିକାନର ବିଶ୍ୱସ୍ତ ବ୍ୟକ୍ତିଙ୍କୁ ମନୋନୀତ କରିଥିଲେ। ଭାରତରେ ମଧ କେତେକ ମୁଖ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ଉପରେ ଏନ୍‌ଡିଏ ସରକାରଙ୍କ କ୍ରମାଗତ ଚାପ ରହିବା ଯୋଗୁ ଦୁଇ ଜଣ ଗଭର୍ନର ରଘୁରାମ ରାଜନ ଏବଂ ଡଃ. ଉର୍ଜିତ ପଟେଲଙ୍କ ସହ ମତାନ୍ତର ଦେଖାଦେଇଥିଲା। ଉର୍ଜିତ ସମୟ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ସରକାର ରାଜନଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରି ନ ଥିଲେ। ଏଠାରେ ଆୟୋଜିତ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଗ୍ରୀଷ୍ମକାଳୀନ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଲାଗାର୍ଡ ପରାମର୍ଶ ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀମାନେ ଜନତାଙ୍କ ପ୍ରତି ଉତ୍ତରଦାୟୀ ହେବା ସହିତ ନିଷ୍ପତ୍ତି ନେବାରେ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ୍।

**Mahanadi Coalfields Limited**
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, Coal loading, Extraction of Coal by Surface Miner, Overburden removal etc.) and GOODS (Procurement of Equipments, Spares, Consumables, Medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL (https://coalindiatenders.nic.in) as well as on the Central Public Procurement portal of Govt. of India (http://eprocure.gov.in). Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. Contact details : Tel. No. 0663-2542264 / 2542695 (available during office hours only), e-Mail : hlp-eproc.mcl@nic.in

R-4900

Give a missed call on toll free number 1800 200 3004 to get our apps.

# ୪,୧୫୨ କୋଟିର ପ୍ରିମିୟମ ସଂଗ୍ରହ କଲା ଏଲ୍‌ଆଇସି

**ଭୁବନେଶ୍ୱର, ୧୪-୪**



ସି.ବିକାଶ ରାଓ

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ପୂର୍ବ କେନ୍ଦ୍ରୀୟ ଜୋନ ବୀମା ପ୍ରିମିୟମ ସଂଗ୍ରହ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ଜୋନ ପ୍ରଥମ ପ୍ରିମିୟମ ଆୟ ଭାବେ ୪,୧୫୨ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଥିବା ପ୍ରବନ୍ଧକ ସି.ବିକାଶ ରାଓ ସୂଚନା ଦେଇଛନ୍ତି। ଏଲଆଇସିର ଏକମାତ୍ର ଜୋନ ଭାବେ ଏହା ପଲିସି, ଏକକ ପ୍ରିମିୟମ, ନିୟମିତ ପ୍ରିମିୟମ, ମୋଟ ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି। ପ୍ରଥମ ପ୍ରିମିୟମ ଆୟ ଅଭିବୃଦ୍ଧି ଏବଂ ବଜେଟ ଲକ୍ଷ୍ୟ ହାସଲ ଦିଗରେ ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପଲିସିରେ କଟକ ଡିଭିଜନ ପ୍ରଥମ ସ୍ଥାନରେ ରହିଛି। ବ୍ରହ୍ମପୁର ଏବଂ ଭୁବନେଶ୍ୱର ଭଳି ଡିଭିଜନଗୁଡ଼ିକ ପଲିସି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ କଟକ ଡିଭିଜନ ପ୍ରଥମ ରହିଥିବା ବେଳେ ଏଫ୍‌ପିଆଇ କ୍ଷେତ୍ରରେ ହଜାରିବାଗ ଡିଭିଜନ ଅଗ୍ରଣୀ ରହିଛି।

## ହିରୋର ମତଦାନ ସଚେତନତା

**ଭୁବନେଶ୍ୱର, ୧୪-୪**

ହିରୋ ମୋଟୋକର୍ପ ପକ୍ଷରୁ ୨୦୧୯ ସାଧାରଣ ନିର୍ବାଚନକୁ ନେଇ ମତଦାନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କମ୍ପାନୀ ଏହାର ୮୫ ନିୟୁତ ଗ୍ରାହକଙ୍କୁ ଏହା ଦ୍ୱାରା ସଚେତନ କରାଉଥିବା ସୂଚନା ଦେଇଛି। ଏହା ସହ କମ୍ପାନୀ ଏକ ଆକର୍ଷକ ଭେଇକିଲ ମେଣ୍ଟେନାନ୍ସ ସ୍କିମ ହାତକୁ ନେଇଛି। ଭୋଟ ଦେଇ ସାରିବା ପରେ ଗ୍ରାହକମାନେ ହିରୋର ଡିଲରଶିପକୁ କାଳି ଲାଗିଥିବା ମାର୍କ ସହ ଆସିଲେ ମାଗଣା ଗାଡି ୱାଶ ସୁବିଧା ଏବଂ ମାତ୍ର ୧୯୯ ଟଙ୍କାରେ ଯାନର ସର୍ଭିସ କରାଇ ପାରିବେ। ଭୋଟଦାନ ପରର ଦୁଇ ଦିନ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ। ଏପ୍ରିଲ ଏବଂ ମେ ମାସରେ ଏହାର ଲାଭ ନେବାକୁ କମ୍ପାନୀ ଗ୍ରାହକଙ୍କୁ ନିବେଦନ କରିଛି। ସେହିଭଳି ଗ୍ରାହକ ଭେଇକିଲ ସର୍ଭିସ ପ୍ୟାକେଜକୁ ପ୍ରିବୁକିଂ କରାଇ ପାରିବେ। ଏହି ସୁବିଧା ସମ୍ପର୍କରେ ଜାଣିବା ଲାଗି ଗ୍ରାହକ ନିକଟସ୍ଥ ଡିଲରଶିପ ସହ ସମ୍ପର୍କ କରିବାକୁ କୁହାଯାଇଛି।

## ଜଏଣ୍ଟ ୱାର୍କିଂ ଗ୍ରୁପ ମିଟିଂରେ ଯୋଗଦେବେ ଜେକେ ମହାନ୍ତି

**ଭୁବନେଶ୍ୱର,୧୪-୪**



ଜେକେ ମହାନ୍ତି

ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅନୁଷ୍ଠିତ ହେଉଥିବା ତୃତୀୟ ଇଣ୍ଡିଆ-ଅଷ୍ଟ୍ରେଲିଆ ଜଏଣ୍ଟ ୱାର୍କିଂ ଗ୍ରୁପ ମିଟିଂରେ ଭାରତୀୟ ଶିଳ୍ପ ପକ୍ଷରୁ ପ୍ରତିନିଧି ଭାବେ ପ୍ରତିଷ୍ଠିତ ହୋଟେଲିୟର ଜେକେ ମହାନ୍ତି ଯୋଗ ଦେବେ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏମ୍‌ଓୟୁ ମୁତାବକ ଏହି ବୈଠକ ଆୟୋଜନ ହେଉଛି। ଭାରତୀୟ ପ୍ରତିନିଧି ଦଳରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁମନ ବିଲା ସାମିଲ ଅଛନ୍ତି। ଅଷ୍ଟ୍ରେଲିଆ ପର୍ଯ୍ୟଟକଙ୍କ ନିକଟରେ ଭାରତୀୟ ହୋଟେଲ ଶିଳ୍ପର ମାର୍କେଟିଂ ଏବଂ ପ୍ରୋତ୍ସାହନର ବିଭିନ୍ନ ଦିଗରେ ମହାନ୍ତି ଗୁରୁତ୍ୱାରୋପ କରିବେ। ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳ, ପ୍ରଡକ୍ଟ, ପର୍ଯ୍ୟଟକ ଟ୍ରାଫିକ ବୃଦ୍ଧି ଲାଗି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ରୋଡ ଶୋ' ଏହି ଅବସରରେ ଆୟୋଜନ କରାଯାଉଛି।

## ସାମ୍‌ସଙ୍ଗ ଗାଲାକ୍ସି ଏ-୮୦ ବଜାରରେ

**ଭୁବନେଶ୍ୱର, ୧୪-୪**

ସାମ୍‌ସଙ୍ଗ ପକ୍ଷରୁ ପରବର୍ତ୍ତୀ ପିଢିର ନୂତନ ଗାଲାକ୍ସି ଏ-୮୦ ମୋବାଇଲ୍ ହ୍ୟାଣ୍ଡସେଟ ବଜାରକୁ ଆସିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ଦେବ। ଦୈନନ୍ଦିନ ଜୀବନଶୈଳୀରେ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ସହାୟକ ହେବ। ଏହି ଅବସରରେ ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଆଇଟି ଏବଂ ମୋବାଇଲ୍ ସିଇଓ ତଥା ସଭାପତି ଡି.ଜେ. କୋହ କହିଛନ୍ତି ଗ୍ରାହକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ସାମ୍‌ସଙ୍ଗ ସର୍ବଦା ପ୍ରୟାସ ଜାରି ରଖିଛି। ଏଥିରେ ୬.୭ ଇଞ୍ଚ ଏଫ୍‌ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ସୁପର ଆମଲୋଏଡ୍ ଡିସପ୍ଲେ, ୪୮ ଏମ୍‌ପି ସମ୍ମୁଖ କ୍ୟାମେରା, ୮ ଏମ୍‌ପି ୱାଇଡ୍ ବିଏମ୍‌ପି ପଛ କ୍ୟାମେରା, ୩,୭୦୦ ଏମ୍‌ଏଏଚ୍ ବ୍ୟାଟେରି ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି।

**ବିଜ୍ଞାପନ**

No. 3-D:-

ତା୦୭।୦୪।୨୦୧୯

ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ ତଥା ମୁଦ୍ରଣ ଗଣମାଧମର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବାଦପତ୍ରମାନଙ୍କରେ ଅପମାନଜନକ ଓ ବିଭ୍ରାନ୍ତିକର ବିଜ୍ଞାପନମାନ ପ୍ରକାଶିତ ହେଉଥିବାର ଅନେକ ଦୃଷ୍ଟାନ୍ତ ଅତୀତରେ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଅଛି। ନିର୍ବାଚନର ଶେଷ ସୋପାନରେ ଏହିପରି ବିଜ୍ଞାପନ ସମଗ୍ର ନିର୍ବାଚନ ପଦ୍ଧତିକୁ କ୍ଷତି ପହଞ୍ଚାଇଥାଏ। ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଓ ରାଜନୈତିକ ଦଳଗୁଡ଼ିକ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବା କିମ୍ବା ଖଣ୍ଡନ କରିବାକୁ ସୁଯୋଗ ପାଇପାରନ୍ତି ନାହିଁ। ଏହିପରି ଘଟଣାର ପୁନରାବୃତ୍ତି ନ ହେବା ତଥା ଏହିପରି ବିଭ୍ରାନ୍ତିକର, ଉତ୍ତେଜକ ଓ ଘୃଣ୍ୟ ବିଜ୍ଞାପନ ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସମ୍ବିଧାନର ଧାରା ୩୨୪ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ କମିଶନ ଏହି ନିର୍ଦ୍ଦେଶ ଦେଉଛନ୍ତି ଯେ କୌଣସି ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ କିମ୍ବା ଅନ୍ୟ ସଂଗଠନ ପ୍ରତ୍ୟେକ ପର୍ଯ୍ୟାୟର ମତଦାନ ଦିବସ ଓ ତା'ର ପୂର୍ବଦିନରେ ପ୍ରକାଶିତ ହେଉଥିବା କୌଣସି ସମ୍ବାଦପତ୍ରରେ ରାଜ୍ୟ/ଜିଲ୍ଲାସ୍ତରୀୟ ଗଣମାଧମ ପ୍ରମାଣୀକରଣ ଓ ପର୍ଯ୍ୟାଲୋଚନା କମିଟି ଦ୍ୱାରା ପ୍ରାକ୍ ପ୍ରମାଣିତ ହୋଇନଥିବା କୌଣସି ବିଜ୍ଞାପନ ପ୍ରକାଶନ କରିପାରିବେ ନାହିଁ।

ରାଜ୍ୟରେ ପ୍ରସାରଣ ହେଉଥିବା ସମସ୍ତ ମୁଦ୍ରଣ ଗଣମାଧମମାନଙ୍କରେ ପ୍ରକାଶିତ ହେବାକୁ ଥିବା ରାଜନୈତିକ ବିଜ୍ଞାପନ କ୍ଷେତ୍ରରେ ଏହା ପ୍ରଯୁଜ୍ୟ।

12030/11/0001/1920

ଧରିତ୍ରୀ
DHARITRI
ସୋମବାର, ୧୫ ଏପ୍ରିଲ, ୨୦୧୯





“ଆମ ଦଳର ନେଟ୍ସ ବେଳେ ଟିମ୍‌ମେଟ ଜୋସ୍ ବଟଲରଙ୍କୁ ବୋଲିଂ କରିବା ଦ୍ୱାରା ମୋର ଯଥେଷ୍ଟ ଉନ୍ନତି ଘଟିଛି।
–ଧାୱଲ କୁଲକର୍ନୀ, ରାଜସ୍ଥାନ ରୟାଲ୍ସ ସିମ୍ ବୋଲର



“ଅମ୍ପାୟର ଉଲ୍ଲାସ ଗାନ୍ଧେଙ୍କ ଉପରେ କ୍ରୋଧ ପ୍ରକାଶ କରିବା ଘଟଣାରେ ମହେନ୍ଦ୍ର ସିଂ ଧୋନୀଙ୍କୁ ୨ରୁ ୩ ମ୍ୟାଚ ବାସନ୍ଦ କରାଯିବା ଉଚିତ୍ ।
–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ ଓପନର

## ଆଜିର ମ୍ୟାଚ

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଟି୨୦ ମ୍ୟାଚ୍ ଖେଳିବାରେ ମୁମ୍ବାଇର ରେକର୍ଡ

**ମୁମ୍ବାଇ, ୧୪।୪:** କ୍ରିକେଟ ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଦଳ ଭାବେ ୨୦୦ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛି। ଶନିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆଇପିଏଲ୍‌ର ୨୭ତମ ମ୍ୟାଚ୍‌ରେ ମୁମ୍ବାଇ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ସହ ଏହି କିର୍ତ୍ତିମାନ ସ୍ଥାପନ କରିଥିଲା। ରୋହିତ୍ ଶର୍ମାଙ୍କ ମୁମ୍ବାଇ ଦଳ ଏହି ଅବସରରେ ଇଂଲଣ୍ଡ କାଉଣ୍ଟି କ୍ରିକେଟ କ୍ଲବ ସମରସେଟ୍‌କୁ ପଛରେ ପକାଇ ଦେଇଛି। ସମରସେଟ୍ ବର୍ତ୍ତମାନ ସୁଦ୍ଧା ୧୯୯ ଟି୨୦ ମ୍ୟାଚ୍ ଖେଳିଛି। ଆଇପିଏଲ୍‌ରେ ମୁମ୍ବାଇ ୨୦୧୩, ୨୦୧୫ ଓ ୨୦୧୭ରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲା। ମୁମ୍ବାଇ ବ୍ୟତୀତ ଆଇପିଏଲ୍‌ର ଅନ୍ୟ ୨ ଫ୍ରାଞ୍ଚାଇଜ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ୍ ରାଇଡର୍ସ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଟିମ୍ ତାଲିକାର ଟପ୍-୫ରେ ରହିଛନ୍ତି।

### ବିଜୟ୍ ବଜାୟ୍ ଲକ୍ଷ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ

**ମୁମ୍ବାଇ, ୧୪।୪(ପି.ଟି.):** ଆଇପିଏଲ୍ ଦ୍ୱାଦଶ ସଂସ୍କରଣ ୩୧ତମ ମ୍ୟାଚ୍‌ରେ ସୋମବାର ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପରସ୍ପରକୁ ଭେଟିବେ। ଏହି ହାଇଭୋଲଟେଜ୍ ମ୍ୟାଚ୍ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଓ ଉପଅଧିନାୟକ ରୋହିତ୍ ଶର୍ମା ଯଥାକ୍ରମେ ବାଙ୍ଗାଲୋର ଓ ମୁମ୍ବାଇର ନେତୃତ୍ୱ ନେଉଥିବାରୁ ଏଠାରେ ଦର୍ଶକେ ଏକ ରୋମାଞ୍ଚକ ଲଢ଼େଇ ଆଶା ରଖିଛନ୍ତି।

ଚଳିତ ଟୁର୍ନାମେଣ୍ଟରେ ନୈରାଶ୍ୟଜନକ ଆରମ୍ଭ କରି ବାଙ୍ଗାଲୋର ଏହାର ପ୍ରଥମ ୬ ମ୍ୟାଚ୍‌ରେ ପରାଜୟ ସାମ୍ନା କରିଥିଲା। କିନ୍ତୁ ଶନିବାର ରାତିରେ କିଙ୍ଗ୍ସ ଇଲେଭନ ପଞ୍ଜାବକୁ ୮ ଉଇକେଟ୍‌ର ବୃହତ ବ୍ୟବଧାନରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ସିଜନରେ ଏହାର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଅଧିନାୟକ ବିରାଟ କୋହଲି ଓ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି ଭିଲର୍ସ ଏହି ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଜାବ ବିପକ୍ଷ ବିଜୟ ସତ୍ତ୍ୱେ ବାଙ୍ଗାଲୋର ୮ ଦଳୀୟ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଦଳ ବଳକା ଲିଗ୍ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ତେଣୁ ଏହି ମ୍ୟାଚ୍‌ରେ ମୁମ୍ବାଇକୁ ପରାସ୍ତ କରି ବିଜୟ ବଜାୟ ରଖିବା ଲକ୍ଷ୍ୟରେ ବାଙ୍ଗାଲୋର ରହିଛି। ଅଧିନାୟକ କୋହଲି ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୨୭୦ ଓ ଡି ଭିଲର୍ସ ୨୩୨ ରନ ସଂଗ୍ରହ କରିସାରିଛନ୍ତି। ଏହି ମ୍ୟାଚ୍‌ରେ ମଧ ଦଳ ଉଭୟଙ୍କ ବ୍ୟାଟିଂ ଉପରେ ନିର୍ଭର କରିବ। ସେହିଭଳି ୱାଙ୍ଖେଡେ ପିଚ୍ ସାଧାରଣତଃ ସ୍ପିନରଙ୍କୁ ସୁହାଉଥିବାରୁ ଏହି ମ୍ୟାଚ୍‌ରେ ମୁମ୍ବାଇର ଦୃଢ଼ ବ୍ୟାଟିଂଲାଇନ୍ ବିପକ୍ଷରେ ଯେଜୁବେନ୍ଦ୍ର ଚହଲ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍ ଚଳିତ ଆଇପିଏଲ୍ ଖେଳିବାକୁ ପହଞ୍ଚି ସାରିଥିବାରୁ ବାଙ୍ଗାଲୋରର ବୋଲିଂ ଲାଇନ୍‌ଅପ୍ ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ମୁମ୍ବାଇ ଏହାର ଅନ୍ତିମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟ୍‌ରେ ପରାସ୍ତ ହୋଇଥିଲା। ତେଣୁ ଘରୋଇ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସକୁ ପରାସ୍ତ କରି ମୁମ୍ବାଇ ବିଜୟ୍ ଧାରାକୁ ଫେରିବାକୁ ଲକ୍ଷ୍ୟ ରଖିଛି। ଆହତ ଲାଗି ରାଜସ୍ଥାନ ବିପକ୍ଷରେ ଖେଳିପାରି ନ ଥିବା ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚ୍ ଲାଗି ଫିଟ୍ ଘୋଷିତ ହୋଇଛନ୍ତି। ରୋହିତ୍ ଚଳିତ ସିଜନରେ ୧୬୫ ରନ କରିଥିବାବେଳେ କ୍ୱିଣ୍ଟନ ଡି କକ୍ (୨୩୮), ଇଶାନ କିଷାନ, ସୂର୍ଯ୍ୟକୁମାର ଯାଦବ (୧୫୪), କିରନ ପୋଲାର୍ଡ (୧୮୫) ପ୍ରମୁଖ ମଧ ଉଲ୍ଲେଖନୀୟ ବ୍ୟାଟିଂ କରିଛନ୍ତି। ତେଣୁ ଏଠାରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

# ଚେନ୍ନାଇ ପ୍ଲେ-ଅଫ୍‌ର ନିକଟତର

**କୋଲକାତା, ୧୪।୪**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ-୧୨)ରେ ପ୍ରଥମ ଦଳଭାବେ ଚେନ୍ନାଇ ସୁପର କିଙ୍ଗ୍ସ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ଲେ-ଅଫ୍‌ର ନିକଟତର ହୋଇଛି। ୮ ମ୍ୟାଚରୁ ୭ ବିଜୟ ସହ ଦଳ ୧୪ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ଦୃଢ଼ କରିଛି ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ରବିବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସକୁ ୫ ଉଇକେଟରେ ପରାସ୍ତ କରିଛି ସୁପର

**ଆଇପିଏଲ-୧୨**

କିଙ୍ଗ୍ସ। ଅନ୍ୟପକ୍ଷରେ କ୍ରମାଗତ ୩ୟ ପରାଜୟ ବରଣ କରି ୮ ପଏଣ୍ଟରେ ସ୍ଥିର ରହିଛି ନାଇଟ ରାଇଡର୍ସ।

କୋଲକାତା ପକ୍ଷରୁ ଧାର୍ଯ୍ୟ ୧୬୨ ରନ ବିଜୟ ଲକ୍ଷ୍ୟକୁ ସୁପର କିଙ୍ଗ୍ସ ୧୯.୪ ଓଭରରେ ୫ ଉଇକେଟ ହରାଇ ହାସଲ କରିଛି। ଦୁଇ ଭେଟେରାନ ଖେଳାଳି ସୁରେଶ ରାଇନା ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ୧୫.୪ ଓଭରରେ ୧୨୧ ରନ କରି ୫ମ ଉଇକେଟ ହରାଇଥିବା ଚେନ୍ନାଇକୁ ରାଇନା ଓ ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ୨୬ ବଲ୍‌ରୁ ୪୧ ରନ ସଂଗ୍ରହ କରି ବିଜୟ ମୁକୁଟ ପିନ୍ଧାଇଛନ୍ତି। ରାଇନା ୪୨ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୮ ଏବଂ ଜାଡେଜା ୧୭ ବଲ୍‌ରୁ ୫ ଚୌକା ସହ ୩୧ ରନରେ ଅପରାଜିତ ରହିଛନ୍ତି। ଓପନର ଶେନ ୱାଟସନ ପୁଣି ବିଫଳ ହୋଇ ମାତ୍ର ୬ ରନରେ ପ୍ୟାଭିଲିୟନ ଫେରିଥିବାବେଳେ ଫାଫ୍ ଡୁପ୍ଲେସି ୨୪, ଅମ୍ବାତି ରାୟୁଡୁ ୫, କେଦାର ଯାଦବ ୨୦ ଓ ମହେନ୍ଦ୍ର ସିଂ ଧୋନୀ ୧୬ ରନରେ ଆଉଟ ହେବାରୁ ଚେନ୍ନାଇର ବିଜୟକୁ ନେଇ ଆଶଙ୍କା ଦେଖା ଦେଇଥିଲା। ମାତ୍ର ରାଇନା ଡୁ ପ୍ଲେସିଙ୍କ ସହ ୧୫, ରାୟୁଡୁଙ୍କ ସହ ୧୭, କେଦାରଙ୍କ ସହ ୨୦, ଧୋନୀଙ୍କ ସହ ୪୦ ଓ ଜାଡେଜାଙ୍କ ସହ ୪୧ ରନର ଭାଗୀଦାରି ଗଢ଼ି ସୁପରକିଙ୍ଗ୍ସ ବିଜୟର କର୍ଣ୍ଣଧାର ସାଜିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ପୀୟୂଷ ଚାୱଲା ଓ ସୁନୀଲ ନାରିନ ୨ଟି ଲେଖାଏ ଏବଂ ହାରି ଗର୍ନେ ଗୋଟିଏ ଉଇକେଟ ନେଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନାଇଟ ରାଇଡର୍ସ କ୍ରିସ୍ ଲିନ୍‌ଙ୍କ ୮୨ ରନ ସତ୍ତ୍ୱେ ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ ରନ କରି ପାରିଥିଲା। ଟପ୍ ଅର୍ଡରରେ ବିସ୍ଫୋରକ ବ୍ୟାଟିଂ କରୁଥିବା ସୁନୀଲ ନାରିନ, ମିଡିଲ ଅର୍ଡରରେ ରବିନ ଉଥପ୍ପା ଓ ଲୋୟର ଅର୍ଡରରେ ଆନ୍ଦ୍ରେ ରସେଲ ବିଫଳ ହେବାରୁ ଦଳ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ୫୧ ବଲ୍ ଖେଳିଥିବା ଲିନ୍ ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୬ ଛକା ମାରିଥିଲେ। ନୀତୀଶ ରାଣା ଦ୍ୱିତୀୟ ସର୍ବାଧିକ ୨୧ ରନ କରିଥିବାବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ୧୮, ଶୁବମନ ଗିଲ ୧୫, ରସେଲ ୧୦, ନାରିନ ୨ ରନ କରିଥିଲେ। ଉଥପ୍ପା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଥିଲେ। ଚେନ୍ନାଇର ଇମ୍ରାନ ତାହିର ୨୭ ରନରେ ୪ଟି ଉଇକେଟ ନେଇ କୋଲକାତାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଶେଷରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ।



ମ୍ୟାନ ଅଫ ଦି ମ୍ୟାଚ ଇମ୍ରାନ ତାହିର ।

**ସଂକ୍ଷିପ୍ତ ସ୍କୋର**

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୧/୮(ଲିନ-୮୨, ରାଣା-୨୧, ତାହିର-୪/୨୭, ଠାକୁର-୨/୧୮, ସାଣ୍ଟନର-୧/୩୦)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୬୨/୫(ରାଇନା-୫୮*, ଜାଡେଜା-୩୧*, ଡୁପ୍ଲେସି-୨୪, ଚାୱଲା-୨/୩୨, ନାରିନ-୨/୧୯, ଗର୍ନେ-୧/୩୭)।
- ମ୍ୟାନ ଅଫ ଦି ମ୍ୟାଚ: ଇମ୍ରାନ ତାହିର



ଝିଅ ଜିଭା ସହ ଚେନ୍ନାଇ ସୁପରକିଙ୍ଗ୍‌ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ।

## କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଅର୍ଥଦଣ୍ଡ

**ମୋହାଲି, ୧୪।୪(ପି.ଟି.)**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶନିବାର ଏଠାରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ବାଙ୍ଗାଲୋର ସ୍ଲୋ-ଓଭର ବୋଲିଂ କରିଥିବାରୁ ଅଧିନାୟକ ଭାବେ କୋହଲିଙ୍କୁ ଏହି ଦଣ୍ଡ ହୋଇଛି। ‘ଚଳିତ ଟୁର୍ନାମେଣ୍ଟରେ ବାଙ୍ଗାଲୋର ପ୍ରଥମଥର ଲାଗି ନିର୍ଦ୍ଧାରିତ ସମୟ ସୀମାଠାରୁ କମ୍ ଓଭର ବୋଲିଂ କରିଥିବାରୁ ଆଇପିଏଲ୍ ନିୟମ ଅନୁଯାୟୀ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି’ ବୋଲି ରବିବାର ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ମ୍ୟାଚ୍‌ରେ ବାଙ୍ଗାଲୋର ୮ ଉଇକେଟ୍‌ରେ ପଞ୍ଜାବକୁ ପରାସ୍ତ କରିଥିଲା। ଚଳିତ ସିଜନରେ ଲଗାତର ୬ ମ୍ୟାଚ୍ ହାରିବା ପରେ ପ୍ରଥମଥର ଲାଗି ବିରାଟ ବାହିନୀ ବିଜୟ ସ୍ୱାଦ ଚାଖିଥିଲା। ପ୍ରକାଶଯୋଗ୍ୟ, ବିରାଟଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଓ ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେଙ୍କୁ ସମାନ କାରଣ ଲାଗି ୧୨ଲକ୍ଷ ଲେଖାଏ ଜରିମାନା କରାଯାଇଥିଲା।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୮ | ୦.୧୯୭ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

# ବାଙ୍ଗାଲୋରର ପ୍ରଥମ ବିଜୟ

**ମୋହାଲି, ୧୪।୪**

କ୍ରିସ୍ ଗେଲ୍‌ଙ୍କ ଅପରାଜିତ ୯୯ରନ ସତ୍ତ୍ୱେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର କ୍ରମାଗତ ୬ଟି ପରାଜୟ ପରେ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନ ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଦଳ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୮ ଉଇକେଟରେ ପରାସ୍ତ କରିଛି। ଅଧିନାୟକ ବିରାଟ କୋହଲି ଓ ଏବି ଡି'ଭିଲର୍ସଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ବାଙ୍ଗାଲୋର ଦଳ ୧୭୪ ରନର ବିଜୟ ଲକ୍ଷ୍ୟକୁ ୧୯.୨ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। କୋହଲି ୫୩ ବଲ୍‌ରେ ୮ ଚୌକା ସହ ୬୭ ରନ କରିଥିବାବେଳେ ଡି'ଭିଲର୍ସ ୩୮ ବଲ୍‌ରେ ୫ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଅପରାଜିତ ରହିଥିଲେ। ପାର୍ଥିବ ପଟେଲ ୧୯ ରନ କରିଥିବାବେଳେ ମାର୍କସ ଷ୍ଟୋଇନିସ ୨୮ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ଦଳ ପକ୍ଷରୁ ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

### ଗେଲ୍ ଶତକରୁ ବଞ୍ଚିତ

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ତରଫରୁ ଅଭିଜ୍ଞ ଓପନର କ୍ରିସ୍ ଗେଲ ୯୯ ରନର ବିସ୍ଫୋରକ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୬୪ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୫ ଛକା ମାରି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ମଧ ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୧୮ରନ (୧୫ ବଲ, ୨ଚୌକା, ୧ଛକା) କରି ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ୧୫, ସର୍ଫରାଜ ଖାଁ ୧୫, ସାମ କୁରାନ ୧ ରନ କରି ଯଥାକ୍ରମେ ଚହଲ, ମହମ୍ମଦ ସିରାଜ ଓ ମୋଇନ ଅଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ମନଦୀପ ସିଂ ୧୬ ବଲରୁ ୧୮ ରନ କରି ଅପରାଜିତ ରହିଥିଲେ।

# ଏଫ୍‌ସି ଗୋଆ ନୂଆ ଚାମ୍ପିୟନ

**ଭୁବନେଶ୍ୱର, ୧୪।୪(କ୍ରୀଡ଼ା ପ୍ରତିନିଧି)**

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଚେନ୍ନାଇନ୍ ଏଫସିକୁ ୨-୧ ଗୋଲରେ ହରାଇ ଏଫସି ଗୋଆ ହୋଇଛି ନୂଆ ଚାମ୍ପିୟନ। ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ଫାଇନାଲରେ ବେଙ୍ଗାଲୁରୁ ଏଫସି ନିକଟରୁ ଏକମାତ୍ର ଗୋଲରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଗୋଆ ଏଠାରେ କିନ୍ତୁ ପିନ୍ଧିଛି ବିଜୟ ମୁକୁଟ। ଜାତୀୟ ଫୁଟବଲରେ ଏଫସି ଗୋଆର ଏହାଥିଲା ପ୍ରଥମ ଟାଇଟଲ। ଚାମ୍ପିୟନ ଗୋଆକୁ ଟ୍ରଫି ସହ ୨୫ ଲକ୍ଷ ଏବଂ ରନର୍ସଅପ୍ ଚେନ୍ନାଇନ୍ ଏଫସିକୁ ୧୫ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ) ବରିଷ୍ଠ ଉପସଭାପତି ସୁବ୍ରତ ଦତ୍ତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚେନ୍ନାଇନ୍ ଏଫସି ସହ ମାଲିକ ତଥା ବଲିଉଡ ଅଭିନେତା ଅଭିଷେକ ବଚନ ଚେନ୍ନାଇନ୍ ଡଗ୍‌ଆଉଟ ନିକଟରେ ଉପସ୍ଥିତ ରହି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଗୋଆ ଗୋଲକିପର ମହମଦ ନୱାଜ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ହିରୋ ଅଫ ଦି ସିରିଜ ପୁରସ୍କାର ପାଇଥିଲେ ଏଫସି ଗୋଆ ଫରୱାର୍ଡ ଫେରାନ କୋରୋମିନାସ।

ବାସନ୍ଦ ଯୋଗୁ ସେମିଫାଇନାଲ ଖେଳିପାରି ନ ଥିବା ମିଡ୍‌ଫିଲ୍ଡର ଏଡୁଆର୍ଡୋ ବେଡିଆ ପେଲେଜ ଫାଇନାଲରେ ଗୋଆ ଦଳର ନେତୃତ୍ୱ ନେଇଥିଲେ। ସେ ଜାଇଦ୍ କ୍ରୋଙ୍କ ସ୍ଥାନରେ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ। ଦୁଇ ହେଭିୱେଟ ଦଳ ମଧ୍ୟରେ ଲଢ଼େଇ ଆରମ୍ଭରୁ ବେଶ୍ ରୋମାଞ୍ଚକ ହୋଇଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ଉଭୟ ଦଳ ଅନେକ ସୁଯୋଗ ମଧ ସୃଷ୍ଟି କରିଥିଲେ। ମାତ୍ର ପ୍ରଥମାର୍ଦ୍ଧର ନିର୍ଦ୍ଧାରିତ ସମୟ ଓ ୨ ମିନିଟର ଇଞ୍ଜୁରି ଟାଇମ୍‌ରେ ଗୋଲ ହୋଇପାରି ନ ଥିଲା।

ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଗୋଆ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲା। ୫୦ତମ ମିନିଟରେ ବେଡିଆ ମାରିଥିବା ଶଟ୍ ଚେନ୍ନାଇନ୍ ଗୋଲପୋଷ୍ଟରେ ବାଜି ଫେରି ଆସିଥିଲା। ମାତ୍ର ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଟୁର୍ନାମେଣ୍ଟର ଅନ୍ୟତମ ଅଗ୍ରଣୀ ସ୍କୋରର ଫେରାନ କୋରୋମିନାସ। ଚେନ୍ନାଇନ୍‌ର ଅନିରୁଦ୍ଧ ଥାପା ବଲ୍‌କୁ କ୍ଲିୟର କରିଦେବାକୁ ଉଦ୍ୟମ କରିଥିବାବେଳେ ଦୁର୍ବଳ ଶଟ୍‌କୁ କୋରୋମିନାସ ରୋକିବା ସହ ବାମପାଦରେ ବଲ୍‌କୁ ଚେନ୍ନାଇନ୍ ଗୋଲପୋଷ୍ଟ ମଧ୍ୟକୁ ଠେଲିଦେଇଥିଲେ। ୫୧ତମ ମିନିଟରେ କୋରୋ ଏହି ଗୋଲଟି ଦେଇଥିଲେ। ମାତ୍ର ଗୋଆର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା । ଗୋଆ ଗୋଲପୋଷ୍ଟରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଚେନ୍ନାଇନ୍‌ର ରାଫାଲ ଅଗଷ୍ଟୋ ୫୪ତମ ମିନିଟରେ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳରେ ମ୍ୟାଚରେ ଉଷ୍ମତା ଭରିଥିଲା। ଗୋଆ କିନ୍ତୁ ସହଜରେ ଛାଡ଼ିବାର ନ ଥିଲା। ୬୪ତମ ମିନିଟରେ ଇଡୁ ବେଡିଆ ବଲ୍‌କୁ ନିୟନ୍ତ୍ରଣକୁ ଆଣି ବ୍ରେଣ୍ଡନ ଫର୍ନାଣ୍ଡିଜ୍ ଦ୍ରୁତ ବେଗରେ ଚେନ୍ନାଇନ୍ ବକ୍ସ ଏରିଆକୁ ଯାଉଥିବାର ଦେଖିଥିଲେ। ତେଣୁ ସେ ଫର୍ନାଣ୍ଡିଜ୍‌ଙ୍କୁ ପାସ୍ ଦେଇଥିଲେ ଏବଂ ସେ ଏହାକୁ ଗୋଲରେ ପରିଣତ କରିଥିଲେ। ୭୫ତମ ମିନିଟରେ ବେଡିଆ ଓ କୋରୋମିନାସ ମିଳିତଭାବେ ବଲ୍ ନେଇ ଚେନ୍ନାଇନ୍ ଗୋଲପୋଷ୍ଟରେ ପହଞ୍ଚିଥିଲେ। ବେଡିଆ ବାମ ପାଦରେ ବଲ୍‌କୁ ଗୋଲପୋଷ୍ଟକୁ ଠେଲି ଥିଲେ ହେଁ ଚେନ୍ନାଇନ୍ ଗୋଲକିପର କରନଜିତ ସିଂ ଚମତ୍କାରଭାବେ ଏହାକୁ ସେଭ୍ କରିଥିଲେ। ୮୧ତମ ମିନିଟରେ ଜ୍ୟାକିଚାନ୍ଦ ସିଂ ଗୋଲପୋଷ୍ଟ ନିକଟରୁ ମାରିଥିବା ଶଟ୍‌କୁ ଗୋଲକିପର କରନଜିତ ଅଟକାଇ ଦେଇଥିଲେ। ବଲ ଫେରି ଆସୁଥିବାବେଳେ କୋରୋମିନାସ ତାହାକୁ ଗୋଲରେ ପରିଣତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଶୋଇପଡ଼ି ବଲ୍‌କୁ ଧରିବା ଉଦ୍ୟମରେ ଗୋଲକିପର କରନଜିତଙ୍କ ହାତ କୋରୋମିନାସଙ୍କ ଗୋଡ଼ରେ ବାଜିଥିଲା। ଫଳରେ କୋରୋମିନାସ ତଳେ ପଡ଼ି ଯାଇଥିଲେ। ୬ ମିନିଟ ଇଞ୍ଜୁରି ଟାଇମ୍ ଆରମ୍ଭରେ ଚେନ୍ନାଇନ୍‌କୁ ଏକ କର୍ନର ମିଳିଥିଲା। ମାତ୍ର ଗୋଆ ଡିଫେଣ୍ଡର ସରିଗ୍ନେ ମୋର୍ତାଦା ଫଲ୍ ବଲ୍‌କୁ ବାହାରକୁ ପଠାଇ ଦେଇଥିଲେ। ଶେଷ ମିନିଟରେ ଚେନ୍ନାଇନ୍ ପକ୍ଷରୁ ମରାଯାଇଥିବା ଏକ ଶଟ୍ ଗୋଆ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସିଥିଲା। ପରେ ରେଫରିଙ୍କ ମ୍ୟାଚ ଶେଷ ହ୍ୱିସିଲ ବାଜିଥିଲା ଏବଂ ଗୋଆ ଖେଳାଳି ଓ ଟିମ୍ ମ୍ୟାନେଜମେଣ୍ଟ ସଦସ୍ୟମାନେ ନାଚି ଖୁସି ମନାଇଥିଲେ।



ସୁପର କପ୍ ଫୁଟବଲ ଚାମ୍ପିୟନ ଏଫ୍‌ସି ଗୋଆ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ ।

**ସୁପର କପ୍ ଫୁଟବଲ**

- ଚାମ୍ପିୟନ ଏଫ୍‌ସି ଗୋଆ-୨୫ ଲକ୍ଷ
- ରନର୍ସଅପ୍ ଚେନ୍ନାଇନ୍ ଏଫ୍‌ସି- ୧୫ ଲକ୍ଷ
- ହିରୋ ଅଫ୍ ଦି ମ୍ୟାଚ୍ - ମହମ୍ମଦ ନୱାଜ
- ହିରୋ ଅଫ୍ ଦି ସିରିଜ - ଫେରାନ କୋରୋମିନାସ

## ଦ୍ୟୁତୀଙ୍କ ପ୍ରଦର୍ଶନ ବଳରେ ରିଲେ ଦଳର ଯୋଗ୍ୟତା

**ପଟିଆଲା, ୧୪।୪(ପି.ଟି.)**

ଓଡ଼ିଆ ତାରକା ମହିଳା ସ୍ପ୍ରିଣ୍ଟର ଦ୍ୟୁତୀ ଚାନ୍ଦଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତୀୟ ୪x ୧୦୦ ରିଲେ ଦଳ ଦୋହାରେ ଆୟୋଜନ ହେବାକୁ ଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛି। ଏହି ମେଗା ଇଭେଣ୍ଟ ପାଇଁ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏକ ୫୧ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଦୋହାରେ ଏହି ଇଭେଣ୍ଟ ଏପ୍ରିଲ ୨୧ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ସ୍ଥାନୀୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ) ରେ ଶନିବାର ଅନୁଷ୍ଠିତ ଟ୍ରାଏଲରେ ଦ୍ୟୁତୀ, ହିମା, ଅର୍ଚ୍ଚନା ସୁସିନ୍ଦ୍ରନ ଓ କେ ରଙ୍ଗାଙ୍କୁ ନେଇ ଗଠିତ ମହିଳା ୧୦୦ ମିଟର ରିଲେ ଟିମ୍ ୪୪.୧୨ ସେକେଣ୍ଡ ସମୟ ନେଇଥିଲେ। ତେବେ ଏଏଫ୍‌ଆଇ ଷ୍ଟାଣ୍ଡାର୍ଡ ୪୪.୫୦ ରହିଥିବା ବେଳେ ଏହି ରିଲେ ଦଳ ଅପେକ୍ଷାକୃତ କମ୍ ସମୟ ନେଇ ଯୋଗ୍ୟତା ହାସଲ କରିଛି। ମହିଳା ରିଲେ ଦଳ ଓ ୮୦୦ ମିଟରରେ କେ. ଗୋମଥୀ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ କ୍ରସ କରିଥିଲେ। ଅଧିକାଂଶ ରନର କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ କ୍ରସ୍ କରିବାରେ ବିଫଳ ହୋଇଥିଲେ।

“ ଏବି ଡି’ଭିଲର୍ସଙ୍କ ସହିତ ପାର୍ଟନର ହୋଇ ବ୍ୟାଟିଂ ବେଳେ ଚାପରେ ଥିଲେ ମଧ୍ୟ ମୁଁ ନିଜକୁ ସହଜ ଅନୁଭବ କରିଥାଏ।
–ମାର୍କସ ଷ୍ଟୋଇନିସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଲରାଉଣ୍ଡର



“ ଆଇପିଏଲରେ କ୍ରମାଗତ ୬ଟି ପରାଜୟ ପରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ୮ଉଇକେଟ ବିଜୟର ସ୍ୱାଦ ଅବର୍ଣ୍ଣନୀୟ।
–ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଅଧିନାୟକ



## ସଂକ୍ଷେପରେ

### ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ: ଓଡ଼ିଶା ବିଦା

**କଟକ ଅଫିସ,୧୪।୪:** ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଚାଲିଥିବା ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରୁ ଓଡ଼ିଶା ବିଦା ହୋଇଛି । ପ୍ରତିଯୋଗିତାର ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି । ରବିବାର ମ୍ୟାଚ୍‌ରେ ଦଳ ୧-୨ ଗୋଲରେ ଗୋଆଠାରୁ ହାରିଛି। ପୂର୍ବରୁ ୨-୩ ଗୋଲରେ ମେଘାଳୟଠାରୁ ଓ ୦-୨ ଗୋଲରେ ସର୍ଭିସେସ ଠାରୁ ପରାସ୍ତ ହୋଇଥିଲା । ୧୬ ତାରିଖରେ ଦିଲ୍ଲୀ ବିପକ୍ଷରେ ସୌଜନ୍ୟମୂଳକ ଭାବେ ଅନ୍ତିମ ଫାଇନାଲ ରାଉଣ୍ଡ ମ୍ୟାଚ୍ ଖେଳିବ। ପ୍ରଥମାର୍ଦ୍ଧରେ ଗୋଆ ପକ୍ଷରୁ ୨ଟି ଗୋଲ ସ୍କୋର ହୋଇଥିଲା । ୧୪ତମ ମିନିଟରେ ଜସେଲ କାର୍ନିରିଓ ଓ ୧୭ତମ ମିନିଟରେ ସାର୍ନିଓ ଫର୍ନାଡେସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୮୭ତମ ମିନିଟରେ ଓଡ଼ିଶା ଗୋଟିଏ ଗୋଲ ସୁଝିବାକୁ ସକ୍ଷମ ହୋଇଥିଲା । ଅରବିନ ଲାକ୍ରା ଉକ୍ତ ଗୋଲ ସ୍କୋର କରିଥିଲେ । ପରବର୍ତ୍ତୀ ସମୟରେ କୌଣସି ଗୋଲ ନ ହେବା ଯୋଗୁ ଓଡ଼ିଶା ପରାଜୟ ବରଣ କରିଛି ।

### କ୍ରିକେଟ ଦଳ ଚୟନ ପ୍ରକ୍ରିୟାକୁ କୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୪।୪ (ପି.ଟି.):** ଜୋନାଲ ଓ ଜାତୀୟସ୍ତର ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ) ପକ୍ଷରୁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ମାତ୍ର ଚୟନ ପ୍ରକ୍ରିୟାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଖେଳାଳି ଚୟନ ବେଳେ ବେନିୟମ କାର୍ଯ୍ୟ ହୋଇଛି ବୋଲି ଆବେଦନକାରୀ ଅରୁଣ ହାମରୋଲ ଦର୍ଶାଇଛନ୍ତି ଦଳ ମନୋନୟନ ପାଇଁ ଡିଡିସିଏର କ୍ରିକେଟ କମିଟି ୩ ଜଣିଆ ସିଲେକ୍ସନ କମିଟି ଗଠନ କରିଥିଲା। ଟ୍ରାଏଲରେ ଭାଗ ନେବା ଲାଗି ୨୦୧୮ ଅକ୍ଟୋବର ୧ ଏବଂ ୨୦୧୮ ଅକ୍ଟୋବର ୫ ମଧ୍ୟରେ ୩ଟି ପୃଥକ୍ ପୃଥକ୍ ଦିବସରେ ବହୁସଂଖ୍ୟାରେ ଯୁବ ଖେଳାଳିଙ୍କୁ ଡକାଯାଇଥିଲା। ପ୍ରତ୍ୟେକଙ୍କୁ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନ କରିବା ଲାଗି ମାତ୍ର ଏକ ମିନିଟ ସମୟ ଦିଆଯାଇଥିଲା। ସିଲେକ୍ସନ କମିଟି ଅକ୍ଟୋବର ୧୬ରେ ୧୫ଜଣିଆ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲା। ଆବେଦନକାରୀ ଜଣକ ସିଲେକ୍ସନକୁ ରଦ୍ଦ କରିବା ସହ ନିରପେକ୍ଷତା ଓ ସ୍ୱଚ୍ଛତା ଭିତ୍ତିରେ ସାନି ଦଳ ମନୋନୟନ ଲାଗି ନିର୍ଦ୍ଦେଶ ପାଇ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ■ ଭାରତୀୟ ଦଳ ଚୟନ ଆଜି

# ଟିମ୍ କମ୍ବିନେଶନକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୪।୪(ପି.ଟି.)

ଆଇସିସି କ୍ରିକେଟ ବିଶ୍ୱକପ ଦ୍ୱାଦଶ ସଂସ୍କରଣ ଇଂଲଣ୍ଡରେ ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ରିକେଟ ମହାକୁମ୍ଭ ପାଇଁ ଭାରତୀୟ ଦଳ ଚୟନ ସୋମବାର ମୁମ୍ବାଇରେ ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନ ପାଇଁ ପ୍ରାୟତଃ ଖେଳାଳି ଚୂଡ଼ାନ୍ତ ହୋଇ ସାରିଛି। ତେବେ ଦ୍ୱିତୀୟ ଉଇକେଟ କିପର, ୪ ନମ୍ବର ବ୍ୟାଟ୍ସମ୍ୟାନ ଏବଂ ଜଣେ ଅତିରିକ୍ତ ପେସର ସମ୍ପର୍କରେ ବିଶେଷ କରି ଚୟନ କମିଟି ବୈଠକରେ ଆଲୋଚନା ହେବ। ଅନ୍ୟପକ୍ଷରେ କେବଳ ଗୋଟିଏ ସ୍ଥାନ ପୂରଣ ହେବାକୁ ବାକି ରହିଛି ବୋଲି ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜପରେ ଅଧିନାୟକ ବିରାଟ କୋହଲି ସୂଚନା ଦେଇଥିଲେ। କୋର୍ ଖେଳାଳି ଏକବର୍ଷ ପୂର୍ବରୁ ସେଟ୍ ହୋଇ ସାରିଛନ୍ତି ବୋଲି ସେ କହିଥିଲେ। ଚୟନ କମିଟି ବୈଠକରେ ଟିମ୍ କମ୍ବିନେଶନକୁ ଅଗ୍ରାଧିକାର ଦିଆଯିବ।

ମହେନ୍ଦ୍ର ସିଂ ଧୋନୀଙ୍କ ପରେ ଦ୍ୱିତୀୟ ଉଇକେଟ କିପର ସ୍ଥାନ ପାଇଁ ଯୁବ ଖେଳାଳି ରିଷଭ ପନ୍ତ ଏବଂ ଅଭିଜ୍ଞ ଦୀନେଶ କାର୍ତ୍ତିକ ଦୃଢ଼ ଦାବିଦାର। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପନ୍ତଙ୍କ ୨୨୨ ରନ ତୁଳନାରେ କାର୍ତ୍ତିକ ୯୩ ରନ ସ୍କୋର କରିଛନ୍ତି। ତେଣୁ ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପନ୍ତ ଦୌଡ଼ରେ ଆଗରେ ରହିଛନ୍ତି। ପନ୍ତ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ, ଉଇକେଟ କିପର ଏବଂ ନମ୍ବର ୧ରୁ ଆରମ୍ଭକରି ୭ମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପିନରଙ୍କ ବିପକ୍ଷରେ ପନ୍ତଙ୍କ ଉଇକେଟ କିପିଂ ଦକ୍ଷତାରେ ଉନ୍ନତି ଆବଶ୍ୟକ, ମାତ୍ର କାର୍ତ୍ତିକ ମଧ୍ୟ ଗତ ୧୨ ମାସ ମଧ୍ୟରେ ଏପରି କିଛି କରିନାହାନ୍ତି ଯାହାକି ପନ୍ତଙ୍କ ତୁଳନାରେ ତାଙ୍କୁ ଆଗରେ ରଖି ପାରିବ। ତେବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚ୍ ଦିଲ୍ଲୀ କ୍ୟାପିଟାଲ୍ସର ରିକି ପଣ୍ଟିଂ ପନ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବାବେଳେ ଦୀନେଶ କାର୍ତ୍ତିକ ହିଁ ଉପଯୁକ୍ତ ଖେଳାଳି ବୋଲି କୋଲକାତା




ନାଇଟ ରାଇଡର୍ସର ଜ୍ୟାକ୍ସ କାଲିସ କହିଛନ୍ତି। ଦୌଡ଼ରେ ଏହି ଦୁଇ ଖେଳାଳି ରହିଥିବାବେଳେ ତୃତୀୟ ଖେଳାଳି ଭାବେ ଏଥିରେ ସାମିଲ ହୋଇଛନ୍ତି ଲୋକେଶ ରାହୁଲ। ରାହୁଲ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଉଇକେଟ କିପିଂ ଜାରି ରଖିଥିବାବେଳେ ବ୍ୟାଟିଂରେ ୩୩୫ ରନ ସ୍କୋର କରି ସାରିଛନ୍ତି। ଏହା ମଧ୍ୟରେ ଏକ ଶତକ ସାମିଲ। ତେଣୁ ଭାରତୀୟ ଦଳ ପାଇଁ ତୃତୀୟ ଓପନର ଏବଂ ଦ୍ୱିତୀୟ ଉଇକେଟ କିପର ସମ୍ପର୍କରେ ଆଲୋଚନା ବେଳେ ଚୟନକର୍ତ୍ତାମାନେ ରାହୁଲଙ୍କ ନାମକୁ ମଧ୍ୟ ବିଚାରକୁ ନେଇପାରନ୍ତି।

“ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପରଙ୍କ ଖେଳିବା ସମ୍ଭାବନା ରହିବ। ରିଷଭ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ମାତ୍ର ଏକଦିବସୀୟ କ୍ରିକେଟରେ ସେ ସେପରି କିଛି କରିସ୍ଥା



ରିଷଭ ପନ୍ତ



ଦୀନେଶ କାର୍ତ୍ତିକ

ଦେଖାଇ ପାରି ନାହାନ୍ତି। ସେ ୫୦ ଓଭର ପର୍ଯ୍ୟନ୍ତ ନିଜ ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇ ପାରିବେ କି ନାହିଁ ତାହାକୁ ନେଇ ପ୍ରଶ୍ନ ରହିଛି” ବୋଲି ପୂର୍ବରୁ ଚୟନ କମିଟି ସଦସ୍ୟଥିବା ଜଣେ ପୂର୍ବତନ ଭାରତୀୟ ଖେଳାଳି ପ୍ରକାଶ କରିଛନ୍ତି। ଯଦି ରାହୁଲଙ୍କ ନାମ ଦ୍ୱିତୀୟ ଉଇକେଟ କିପର ଭାବେ ନିଆଯାଏ ତେବେ ୪ ନମ୍ବର ସ୍ଥାନରେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଅମ୍ବାତି ରାୟୁଡୁଙ୍କ ନାମ ଆସିବ। ଗତ ନଭେମ୍ବର ପର୍ଯ୍ୟନ୍ତ ରାୟୁଡୁ ୪ ନମ୍ବର ସ୍ଥାନ ପାଇଁ ହଟ୍ ଫେଭରାଇଟ ଥିଲେ। କୋହଲି ଓ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଏହା ଏକପ୍ରକାର ସ୍ଥିର କରି ସାରିଥିଲେ। ମାତ୍ର ଏହି ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଲମ୍ବା ସମୟ ପାଇଁ ଘରୋଇ କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେବା ଏବଂ ପେସ୍ ବୋଲରଙ୍କ ବିପକ୍ଷରେ ଦୁର୍ବଳ ଟେକ୍ନିକ୍ ତାଙ୍କୁ ଝୁଲାଇ ରଖିଛି। ତେବେ ଯଦି ଚୟନକର୍ତ୍ତାମାନେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ୪ ନମ୍ବର ସ୍ଲଟ୍ ପାଇଁ ମନୋନୟନ କରନ୍ତି ତେବେ ରାୟୁଡୁଙ୍କ ସମ୍ପର୍କରେ ଆଲୋଚନାର ଯବନୀକା ପଡ଼ିବ।

ଇଂଲଣ୍ଡର ଜଳବାୟୁ ଅସ୍ଥିର ରହୁଥିବାରୁ ବିଶେଷ କରି ବର୍କିଂଘାମ, ଲିଡ୍ସ ଓ ମାଞ୍ଚେଷ୍ଟର ଭେନ୍ୟୁକୁ ଦୃଷ୍ଟିରେ ରଖି ଭାରତକୁ ୪ର୍ଥ ସ୍ପେଶାଲିଷ୍ଟ ପେସ୍ ବୋଲର କଥା ଚିନ୍ତା କରିବାକୁ ପଡ଼ିପାରେ। “ବିଜୟ ଶଙ୍କର ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବର୍ତ୍ତମାନ ୪ର୍ଥ ପେସର ଭାବେ ବିବେଚନା କରାଯାଉଛି। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ବିଗ୍ ହିଟିଂ ପାୱାର ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଡ୍ରାଏ କଣ୍ଡିଶନରେ ସେ ବିକଳ୍ପ ବୋଲରର ଭୂମିକା ମଧ୍ୟ ନେବାର ଦକ୍ଷତା ରଖିଛନ୍ତି” ବୋଲି ଏହି ସୂତ୍ରରୁ ପ୍ରକାଶ କରାଯାଇଛି। ତେବେ ଉମେଶ ଯାଦବଙ୍କ ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିବାରୁ ୪ର୍ଥ ପେସର ସମ୍ଭାବନା ଅଧିକ ରହିବ। ଖଲିଲ ଅହମଦଙ୍କୁ ବାମହାତୀ ପେସର ବିକଳ୍ପ ବିବେଚନା କରାଯାଉଥିଲା। ମାତ୍ର ଟେଷ୍ଟିଂ ଟାଇମ୍‌ରେ ସେ ସେପରି ଭରସାଯୋଗ୍ୟ ହୋଇପାରି ନ ଥିଲେ। ଇଂଲଣ୍ଡରେ ଅତୀତ ରେକର୍ଡକୁ ଦେଖିଲେ ଈଶାନ୍ତ ଶର୍ମା, ନଭଦୀପ ସଇନି କିମ୍ବା ଭଲ ପାୱାର ପ୍ଲେ ବୋଲର ଦୀପକ ଚହରଙ୍କ ନାମ ବିଚାରକୁ ଆସିପାରେ। ଚୟନ କମିଟି ଏହାର ନୀତିରେ ଅଟଳ ରହିବ। ଏଥିରୁ ବିଚ୍ୟୁତ ହେବାର କୌଣସି କାରଣ ଦେଖିବାକୁ ମିଳୁନାହିଁ ବୋଲି ସେ କହିଛନ୍ତି।

### ସମ୍ଭାବ୍ୟ ଦଳ

■ ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା।

■ ୧୫ତମ ସଦସ୍ୟ(ବିକଳ୍ପ)
ଦ୍ୱିତୀୟ ଉଇକେଟ କିପର କ୍ଷେତ୍ରରେ: ଦୀନେଶ କାର୍ତ୍ତିକ/ ରିଷଭ ପନ୍ତ।
ଚାରି ନମ୍ବର ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ : ଅମ୍ବାତି ରାୟୁଡୁ।
ଯଦି ୪ର୍ଥ ପେସର ନିଆଯାଏ: ଉମେଶ ଯାଦବ/ଖଲିଲ ଅହମଦ/ଈଶାନ୍ତ ଶର୍ମା/ନଭଦୀପ ସଇନି।

## ■ ପ୍ୟାରିସ ମାରାଥନ

### ବୁର୍କା, ମିଲ ଜିତିଲେ ଟାଇଟଲ



ଜିଲେଟ ବୁର୍କା

ପ୍ୟାରିସ, ୧୪।୪ (ଏଏଫ୍‌ପି)

ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନରେ ଇଥିଓପିଆ ଆଥଲେଟ ଉଭୟ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ଆବ୍ରା ମିଲ ଦୁଇ ଥର ଚାମ୍ପିୟନ ପଲ୍ ଲନୟାନଗାଟାଙ୍କୁ ପଛରେ ପକାଇ ପୁରୁଷ ବିଭାଗ ରେସ୍ ଜିତିଛନ୍ତି। ମିଲ ୨ ଘଣ୍ଟା ୭ ମିନିଟ ଓ ୫ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। କେନିୟାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲନୟାନଗାଟା ତୃତୀୟ ସ୍ଥାନରେ ରହିଥିଲେ। ନିର୍ମଳ ଆକାଶ ଓ ଥଣ୍ଡା ପରିବେଶରେ ଅନୁଷ୍ଠିତ ମାରାଥନରେ ମୋଟ ୪୯,୧୫୫ ଧାବକ ଭାଗ ନେଇଥିଲେ। ଇଥିଓପିଆର ଜିଲେଟ ବୁର୍କା ୨:୨୨:୪୮ ଟାଇମିଂରେ ମହିଳାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କ୍ଲେମାନ୍ସ କାଲଭିନ୍ ଫ୍ରାନ୍ସର ଏକମାତ୍ର ମହିଳା ଭାବେ ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ। ଗତ ମାସରେ ମରକ୍କୋରେ ଡୋପ୍ ଟେଷ୍ଟକୁ ଏଡାଇଦେଇଥିବା ଅଭିଯୋଗରେ ସାମୟିକ ବାସନ୍ଦ ହୋଇଥିବା ଏହି ଧାବିକା ଫ୍ରେଞ୍ଚ ମହିଳା ରେକର୍ଡ ଭଙ୍ଗ କରିବାରେ ସମର୍ଥ ହୋଇଛନ୍ତି। କାଲଭିନ୍ ୨:୨୩:୪୧ ଟାଇମିଂରେ ଚତୁର୍ଥ ହୋଇଥିଲେ। ସେ ୪୧ ସେକେଣ୍ଡ ବ୍ୟବଧାନରେ ୨୦୧୦ରେ କ୍ରିଷ୍ଟିଲ ଡାଉନେଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ଏହା ଆହୁରି ମଧ୍ୟ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ଗତବର୍ଷ ବର୍ଲିନଠାରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨:୨୬:୨୮ ଟାଇମିଂ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥିରେ ସେ ଦ୍ୱିତୀୟ ହୋଇଥିଲେ।

### ଧୋନୀଙ୍କ କହିବା ଅନୁସାରେ ବୋଲିଂ କରିଥିଲି: ତାହିର

**କୋଲକାତା, ୧୪।୪ (ପି.ଟି.)**

ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଯୋଜନା ମୁତାବକ ବୋଲିଂ କରିବାରୁ ମୁଁ ସଫଳ ହେଲି ବୋଲି କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ବୋଲର ଇମ୍ରାନ ତାହିର। ଶନିବାର ଏଠାରେ ଅନୁଷ୍ଠିତ ଏକ ଆଇପିଏଲ ମ୍ୟାଚରେ ସିଏସ୍‌କେ ୫ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ହରାଇ ଦେଇଛି। ଦଳକୁ ଜିତାଇବାରେ ତାହିର ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେ ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତାହିର କହିଛନ୍ତି ମୋତେ କେଉଁ ବ୍ୟାଟ୍ସମ୍ୟାନକୁ କିପରି ବଲ୍ ପକାଇବାକୁ ପଡ଼ିବ ଧୋନୀ ମୋତେ ପରାମର୍ଶ ଦେଇଥିଲେ।

# ହାମିଲଟନ ଜିତିଲେ ଚାଇନିଜ ଗ୍ରାଁ ପ୍ରି

**ସାଂଘାଇ, ୧୪।୪(ଏଏଫ୍‌ପି)**

ମର୍ସିଡିଜର ଲୁଇସ୍ ହାମିଲଟନ ଓ ତାଙ୍କ ଟିମ୍‌ମେଟ୍ ଭାଲେଟେରୀ ବୋଟାସ ଚାଇନିଜ ଫର୍ମୁଲାୱାନ ଗ୍ରାଁ ପ୍ରିରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଫର୍ମୁଲା ୱାନର ଏହି ୧,୦୦୦ ତମ ରେସ୍‌ରେ ହାମିଲଟନ ଗ୍ରୀଡ୍‌ର ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ଶନିବାର ପୋଲ ପୋଜିଶନ ହାସଲ କରିଥିବା ବୋଟାସଙ୍କଠାରୁ ସେ ୬.୫ ସେକେଣ୍ଡ ଆଗରେ ରହିଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ ହୋଇଥିବାବେଳେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୨୧ ବର୍ଷୀୟ ପ୍ରତିଭାସମ୍ପନ୍ନ ଫେରାରିର ଅନ୍ୟତମ ଡ୍ରାଇଭର ଚାର୍ଲସ ଲେକରେକ୍‌ଙ୍କୁ ୫ମ ସ୍ଥାନ ମିଳିଥିଲା। ଚାଇନିଜ ଗ୍ରାଁ ପ୍ରିରେ ବିଶ୍ୱ ଚାମ୍ପିୟନ ହାମିଲଟନଙ୍କ ଏହା ଥିଲା ୬ଷ୍ଠ ଚଳିତ ସିଜନରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ବିଜୟ। ଫର୍ମୁଲା ୱାନର ୧,୦୦୦ତମ ରେସ୍‌ରେ ମର୍ସିଡିଜ ଟିମ୍ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବା ବାସ୍ତବିକ ସ୍ମରଣୀୟ ବୋଲି ରେସ୍ ପରେ ହାମିଲଟନ ପ୍ରକାଶ କରିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ରହିଥିବା ଡ୍ରାଇଭରମାନେ ହେଲେ ପିଏରେ ଗାସ୍‌ଲି (ରେଡ୍‌ବୁଲ୍), ଡାନିଏଲ ରିକାର୍ଡୋ (ରେନଲ୍ଟ), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ) ଓ ଆଲେକ୍‌ଜାଣ୍ଡର ଅଲବନ୍ (ଟୋରୋ ରୋସୋ)। ୧୫ ଦିନ ପରେ ସିଜନର ଚତୁର୍ଥ ରେସ୍ ଆଜରବୈଜାନର ବାକୁଠାରେ ହେବ।




ଚାଇନିଜ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପୁରସ୍କାର ବିତରଣ ଉତ୍ସବରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଟିମ୍‌ମେଟ୍ ଭାଲଟେରି ବୋଟାସ ଟିମ୍ ଇଞ୍ଜିନିୟର ମାର୍କସ ଡଡ୍‌ଲିଙ୍କ ଉପରେ ସାମ୍ପେନ ଢାଳୁଛନ୍ତି। ଡାହାଣ ପାର୍ଶ୍ୱରେ ଫେରାରି ଡ୍ରାଇଭର ସେବାଷ୍ଟିଆନ ଭେଟେଲ ଏଥିରେ ସାମିଲ ହୋଇଛନ୍ତି।

# ସିରିଜ କବ୍‌ଜା କଲା ଜିମ୍ବାୱେ



ଶତକ ହାସଲକାରୀ ସିନ୍ ୱିଲିୟମ୍ସ।

**ହରାରେ, ୧୪।୪**

ଭ୍ରମଣକାରୀ ୟୁଏଇ ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ୩ୟ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ୧୩୧ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଜିମ୍ବାୱେ ପକ୍ଷରୁ ଧାର୍ଯ୍ୟ ୩୦୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୟୁଏଇ ୧୭୬ ରନରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଏହି ବିଜୟ ସହ ୪ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଜିମ୍ବାୱେ ୩–୦ରେ ଆଗୁଆ ଜିତିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଘରୋଇ ଦଳ ଯଥାକ୍ରମେ ୭ ଉଇକେଟ୍ ଓ ୪ ରନ (ଡିଏଲ୍ ପଦ୍ଧତି)ରେ ଜିତିଥିଲା। ସିରିଜର ଅନ୍ତିମ ତଥା ୪ର୍ଥ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଏଠାରେ ଖେଳାଯିବ।

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ବିନିମୟରେ ୩୦୭ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ସିନ୍ ୱିଲିୟମ୍ସ ୮୪ ବଲରୁ ୧୦୯ ରନର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରେଗ୍ ଇର୍ଭିନ (୬୪), ଅଧିନାୟକ ପିଟର ମୁର୍ (୫୮*) ଓ ଓପନର ସୋଲୋମୋନ ମିର (୪୦) ଉପଯୋଗୀ ବ୍ୟାଟିଂ କରିଥିଲେ। ଜବାବରେ ୟୁଏଇ ସିପି ରିଜୱାନଙ୍କ ୪୭ ଓ ମହମ୍ମଦ ଉସମାନଙ୍କ ୪୯ ରନ ସତ୍ତ୍ୱେ ୪୬.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଲେଗ୍–ସ୍ପିନର ର୍ୟାନ ବର୍ଲ ସର୍ବାଧିକ ୪ଟି ଉଇକେଟ୍ ନେଇଥିବାବେଳେ କେଲ୍ ଜାର୍ଭିସ ଓ ସିକନ୍ଦର ରାଜାଙ୍କୁ ୨ଟି ଲେଖାଏ ସଫଳତା ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ ଇନିଂସ–** ୩୦୭/୪, ୫୦ ଓଭର (ୱିଲିୟମ୍ସ ୧୦୯, ଏର୍ଭିନ ୬୪, ସିକନ୍ଦର ୧୮, ମୁର୍ ୫୮*, ମହମ୍ମଦ ନବଦୀପ ୧/୪୨)।

**ୟୁଏଇ ଇନିଂସ–** ୧୭୬/୧୦, ୪୬.୨ ଓଭର (ରିଜୱାନ ୪୭, ଉସମାନ ୪୯, ସାଇମନ ଅନୱର ୨୭, ର୍ୟାନ ୪/୩୨, ସିକନ୍ଦର ୨/୪୪, ଜାର୍ଭିସ ୨/୨୦)।

# ସମ୍ବିତ ଚାମ୍ପିୟନ, ବୈଭବ ରନର୍ସଅପ୍

### ରାଜ୍ୟ ଓପନ ଚେସ୍



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଭୁବନେଶ୍ୱର, ୧୪।୪(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ଓପନ ଚେସ୍ ଚାମ୍ପିୟନଶିପ୍ ୟୁନିଟ–୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ହାସଲ କରି ଭୁବନେଶ୍ୱରର ସମ୍ବିତ ପଣ୍ଡା ଚାମ୍ପିୟନ ଓ ପୁରୀର ବୈଭବ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ସାହୁ, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଜଗଦୀଶ ବାରିକ, ତନ୍ମୟ କୁମାର, ଅମିତ ମହାନ୍ତି, ପ୍ରିୟବ୍ରତ ସାମନ୍ତ, ହର୍ଷିତ ରଞ୍ଜନ ସାହୁ, ଶାଶ୍ୱତ ମଲିକ(ସମସ୍ତେ ୭ ପଏଣ୍ଟ ଲେଖାଏ) ଟପ୍–୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଆଧାରରେ ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା, ବଂଶୀଧର ଭୋଇ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ୫ ଖେଳାଳିଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ ଦିଆ ଯାଇଥିଲା। ଓଏସସିଏ ସମ୍ପାଦକ ସ୍ମୃତି ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋର ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଏସସିଏ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, କୋଷାଧ୍ୟକ୍ଷ ବଂଶୀଧର ଭୋଇ ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



Hero
କମ୍ ଡାଉନ୍ ପେମେଣ୍ଟ ₹2000/-**
ପଞ୍ଜୀକରଣ ଏବଂ ବୀମା ଶୁଳ୍କ ସହିତ
No. 1* GLAMOUR
CUSTOMERS NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ୍# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
INDIA'S FIRST 5 YEAR WARRANTY* *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *In 125cc. **also available in FI.
HeroFinCorp.
HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp
For Institutional and Bulk Sales please write to Kolkata@heromotocorp.com
ଅଥରାଇଜଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.




MARUTI SUZUKI ARENA
WELCOME THIS SUMMER WITH COOL OFFERS.
Get your new Maruti Suzuki car, this April.
DZIRE
SWIFT
DZIRE SAVE UP TO ₹50,000*
SWIFT SAVE UP TO ₹45,000*
DZIRE SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
LEGEND CARS
• JEYPORE: 7894442915
• BHAWANIPATNA: 7894442907
SKY AUTOMOBILES
• BERHAMPUR: 7381261000
ODYSSEY MOTORS
• SAMBALPUR: 9439018805 • BOLANGIR: 9438068327
• BARGARH: 8895094616 • NUAPADA: 8895094633
• SONEPUR: 9437421356 • JHARSUGUDA: 9439892153 • BOUDH: 8594908009
ORBIT MOTORS
• ROURKELA: 9040404444, 9040404333
• SUNDARGARH: 9437049161
• DEOGARH: 9437492369
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes applicable consumer offer and exchange bonus and is valid till 30th April'19. Offers mentioned above is of Dzire(AGS) & Swift(AGS). Offers as shown above may change without any prior notice.